

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୪ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 DECEMBER 2021
Vol.No. 32 ■ No. 329 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚୀନରେ ଲାଗିଲା ସବୁଠାରୁ କଠୋର ଲକ୍‌ଡାଉନ



ନୂଆଦିଲ୍ଲୀ,୨୩/୧୨: କରୋନା ଭୂତାଣୁର ନୂଆ ପ୍ରଜାତି ଓମିକ୍ରନ ସାରା ବିଶ୍ୱରେ କାୟା ମେଲାଉଥିବା ବେଳେ ଚୀନରୁ ଆସିଛି ବଡ଼ ଖବର । କରୋନାର ଉତ୍ପତ୍ତି ସ୍ଥଳ ଚୀନରେ ପୁଣି ଥରେ ଲକଡାଉନ୍ ଘୋଷଣା କରିଛନ୍ତି ରାଷ୍ଟ୍ରପତି ସି-ଜିନପିଙ୍ଗ । ଚୀନର ଓ୍ୱେଷ୍ଟର୍ଣ୍ଣ ସହର ସିଆନରେ ଲକଡାଉନ୍ କଟକଣା ଜାରି କରାଯାଇଛି । ୧୨୭ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ପରେ ପଦକ୍ଷେପ ଗ୍ରହଣ କରିଛନ୍ତି ଚୀନ୍ ରାଷ୍ଟ୍ରପତି ।ଆଉ ଜାରି ହୋଇଥିବା ଏହି କଟକଣାରେ ୧୩ ମିଲିୟନ୍ ଲୋକଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଷ୍ଟ୍ରପତି ସି-ଜିନପିଙ୍ଗ । ଅନ୍ୟପଟେ ଭାରତରେ ମଧ ବଢୁଛି ଓମିକ୍ରନ ସଂକ୍ରମଣ । ତାମିଲନାଡୁରେ ଗୋଟିଏ ଦିନରେ ଚିହ୍ନଟ ହୋଇଛନ୍ତି ୩୩ ନୂଆ ଓମିକ୍ରନ ଆକ୍ରାନ୍ତ । ପୂର୍ବରୁ ତାମିଲନାଡୁରେ ଗୋଟିଏ ଓମିକ୍ରନ ମାମଲା ଚିହ୍ନଟ ହୋଇଥିବାବେଳେ ଏବେ ମୋଟ ୩୪କୁ ବୃଦ୍ଧି ପାଇଛି ଓମିକ୍ରନ । ଏନେଇ ତାମିଲନାଡୁ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ସେହିପରି ଚେନ୍ନାଇରୁ ୨୬ଜଣ, ସାଲେମରୁ ଜଣେ, ମଦୁରାଇରୁ ୪ଜଣ ଏବଂ ଥିରୁବନମଲାଇରୁ ୨ଜଣ ଓମିକ୍ରନ ଚିହ୍ନଟ ହୋଇଛନ୍ତି । ନୂଆ ଆକ୍ରାନ୍ତଙ୍କୁ ମିଶାଇ ଦେଶରେ ବର୍ତ୍ତମାନ ସୁଦ୍ଧା ୨୬୯ ଜଣ ଓମିକ୍ରନ ସଂକ୍ରମିତ ହୋଇସାରିଲେଣି । ମହାରାଷ୍ଟ୍ରରେ ସର୍ବାଧିକ ୬୫ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଦିଲ୍ଲୀରେ ୬୪ ଜଣ ସଂକ୍ରମିତ ହୋଇଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ୧୬ଟି ରାଜ୍ୟରୁ ଓମିକ୍ରନ ସଂକ୍ରମଣ ଚିହ୍ନଟ ହୋଇସାରିଲେଣି ।

## ବିଏସପି, ଆମ୍ ଆଦାମୀ ପାର୍ଟି ଏବଂ ସମାଜବାଦୀ ପାର୍ଟି ପରେ ଏବେ କଂଗ୍ରେସର ଜମି ଦୁର୍ନୀତିରେ ବିଜେପି ନେତା ସାମିଲ ଅଭିଯୋଗ



ନୂଆଦିଲ୍ଲୀ,୨୩/୧୨: ରାମ ମନ୍ଦିରର ପାଂଚ କିଲୋମିଟର ପରିଧି ଭିତରେ ବିଧାୟକ, ମେୟର, ପ୍ରଶାସନିକ ଅଧିକାରୀ ସମ୍ପର୍କୀୟଙ୍କ ନାମରେ ଜମି କିଣିଥିବା ଅଭିଯୋଗ । ବିଧାନସଭା ନିର୍ବାଚନ ବେଳେ ଏପରି ଅଭିଯୋଗ ରାଜନୀତିର ପାରା ବଢାଇଛି । ବିଏସପି, ଆମ୍ ଆଦାମୀ ପାର୍ଟି ଏବଂ ସମାଜବାଦୀ ପାର୍ଟି ପରେ ଏବେ କଂଗ୍ରେସ ମଧ ଏ ପ୍ରସଙ୍ଗରେ ସରକାର ଉପରେ ବର୍ଷିଛି । ସାମ୍ବାଦିକ ସମ୍ମିଳନୀ କରି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି କିଭଳି ଗୋଟିଏ ଜମିକୁ ଦୁଇ ଥର ବିକ୍ରି ହୋଇଛି । ଏଥିରେ ଯୋଗୀ ସରକାରର ନେତା ଏବଂ ଅଫିସର ସାମିଲ ଅଛନ୍ତି । ଏପରି ଦୁର୍ନୀତି ରାମ ମନ୍ଦିର ତିଆରି ନାଁରେ କୋଟି କୋଟି ଲୋକଙ୍କ ଆସ୍ଥାକୁ ଧୋକ୍କା ଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି । ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସପ୍ତାହେ ମଧ୍ୟରେ ଏହି ପ୍ରସଙ୍ଗରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ ନଭେମ୍ବର ୯, ୨୦୧୯ରେ ଅଯୋଧ୍ୟା ପ୍ରସଙ୍ଗରେ ରାୟ ଦେଇଥିଲେ । ଏହାପରେ ୨୮ ମେ ୨୦୨୦ରେ ଅଯୋଧ୍ୟାର ତତ୍କାଳୀନ ଜିଲ୍ଲାପାଳ ଅନୁଜ ଝାଙ୍କ ବାପା ଜମି କିଣିଥିବା ଜଣାପଡିଛି । ମୋଟ୍ ୧୫ ନେତା ଏବଂ ସରକାରୀ ଅଧିକାରୀଙ୍କ ନାମ ଏଥିରେ ରହିଛି । ଅଧିକାଂଶ ପ୍ରଭାବଶାଳୀ, ମହର୍ଷି ରାମାୟଣ ବିଦ୍ୟାପୀଠ ନାମକ ଏକ ଟ୍ରଷ୍ଟ ପାଖରୁ ଜମି କିଣିଥିବା ଜଣାପଡିଛି । ସବୁଠୁ ବଡ କଥା ହେଲା ଏହି ଟ୍ରଷ୍ଟ ନାଁରେ ୧୯୯୦ରେ ଦଳିତ ଲୋକଙ୍କ ପାଖରୁ ବେଆଇନ ଭାବରେ ଜମି କିଣିଥିବାର ଅଭିଯୋଗ ରହିଛି । ଆଉ ଯେଉଁମାନେ ଏବେ ଜମି କିଣିଛନ୍ତି ସେଇମାନେ ହିଁ ଏହି ଦୁର୍ନୀତିର ତଦନ୍ତ କରୁଥିବା ଅଭିଯୋଗ ରହିଛି । ପୂର୍ବରୁ ମନ୍ଦିର ଟ୍ରଷ୍ଟ ନାଁରେ ଜମି ଉଚ୍ଚ ଦରରେ କିଣିଥିବା ଅଭିଯୋଗ ଆଉ ଏବେ ଶାସକ ଦଳର ନେତା ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଯୋଗୀ ସରକାରର ଭାବମୂର୍ତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଦେଶରେ ୩୦୦ ପାର୍ କଲା ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା

ନୂଆଦିଲ୍ଲୀ,୨୩/୧୨: ଦେଶର ହୁହୁ ହୋଇ ବଢ଼ି ଚାଲିଛି ଓମିକ୍ରନରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ସଂଖ୍ୟା। ସ୍ଥିତି ଏପରି ହୋଇଛି ଯେ ଆଜି ସନ୍ଧ୍ୟା ସୁଦ୍ଧା ଭାରତର ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୩୦୦ ପାର କରିଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଜି ସକାଳ ସୁଦ୍ଧା ୨୩୬ ଜଣଙ୍କ ଶରୀରରୁ ଓମିକ୍ରନ ଭାରିଏଣ୍ଟ ଠାବ ହୋଇଥିବା କହିଥିଲା। ହେଲେ ଏହାପରେ ତାମିଲନାଡୁ, କେରଳ, ଗୁଜରାଟ, ମହାରାଷ୍ଟ୍ର, ଓଡ଼ିଶା ଓ କର୍ଣ୍ଣାଟକାରେ କିଛି ଲୋକ ଓମିକ୍ରନରେ ଆକ୍ରାନ୍ତ ହୋଇଥିବା ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୨ ଓମିକ୍ରନ୍ ଆକ୍ରାନ୍ତ




ଭୁବନେଶ୍ୱର, ୨୩/୧୨ (ନି.ପ୍ର): ରାଜ୍ୟରେ ଆଉ ୨ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ସହିତ ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଏହି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆକ୍ରାନ୍ତ ଦ୍ୱୟ ନାବାଳିକା ୧୧ ଓ ୧୫ ବର୍ଷର। ସେମାନେ ଦୁଇ ଭଉଣୀ। ଗତ ୧୩ ତାରିଖରେ ସେମାନେ ବାପାମା'ଙ୍କ ସହିତ ନାଇଜେରିଆରୁ ଫେରିଥିଲେ। ତେବେ ସେମାନଙ୍କ ବାପାମା'ଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ରାଜ୍ୟରେ ଗତ ୨୧ ତାରିଖରେ ପୂର୍ବରୁ ଚିହ୍ନଟ ୨ ଓମିକ୍ରନ ଆକ୍ରାନ୍ତ ଯଥାକ୍ରମେ ନାଇଜେରିଆ ଓ କତାରରୁ ଫେରିଥିଲେ। ରାଜ୍ୟରେ ୪ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ବେଳେ ଏବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୈନିକ ଟେଷ୍ଟିଂକୁ ବଢ଼ାଯିବା ସହ ଟିକାକରଣକୁ ଜୋରଦାର କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ରାଜଧାନୀରେ କଟକଣାରେ ପାଳିତ ହେବ ବଡଦିନ

ଭୁବନେଶ୍ୱର, ୨୩/୧୨(ନି.ପ୍ର): ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୪ରେ ପହଂଚିଥିବା ବେଳେ ପର୍ବପର୍ବାଣୀ ପାଳନ ଓ ଲୋକ ଗହଳି ଉପରେ କଟକଣା ଲଗାଇଛି ବିଏମ୍ ସି। ବିଏମ୍‌ସି କମିଶନର ସଞ୍ଜୟ ସିଂ କହିଛନ୍ତି, କୋଭିଡ୍ ଗାଇଡଲାଇନ ଅନୁସାରେ ଖ୍ରୀଷ୍ଟମାସ ପାଳନ କରାଯିବ। ବର୍ତ୍ତମାନ ସ୍ଥିତିକୁ ଅନୁଧାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ। ନୂଆବର୍ଷ ପାଇଁ ରାଜ୍ୟ ସରକାର ଲାଗୁ କରିଥିବା କଟକଣାକୁ କଡ଼ାକଡ଼ି ପାଳନ ▶▶ପୃଷ୍ଠା ୭

## ସ୍ୱଦେଶୀ କୌଶଳରେ ବିକଶିତ ପାରମ୍ପରିକ କ୍ଷେପଣାସ୍ତ୍ର 'ପ୍ରଳୟ'ର ଦ୍ୱିତୀୟ ସଫଳ ପରୀକ୍ଷଣ



ନୂଆଦିଲ୍ଲୀ, ୨୩/୧୨ (ନି.ପ୍ର): ଓଡ଼ିଶାର ଡ. ଅବଦୁଲ କଲାମ ଦ୍ୱୀପରୁ ୨୦୨୧ ଡିସେମ୍ବର ୨୩ରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ସ୍ୱଦେଶୀ କୌଶଳରେ ବିକଶିତ ପାରମ୍ପରିକ ଭୂପୃଷ୍ଠ-ରୁ-ଭୂପୃଷ୍ଠ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳତା ପୂର୍ବକ ଦ୍ୱିତୀୟ ପରୀକ୍ଷଣ କରିଛି । ପ୍ରଥମ ଥର ପାଇଁ, ଲଗାତର ଦୁଇଦିନରେ ଗୋଟିଏ ବାଲିଷ୍ଟିକ କ୍ଷେପଣାସ୍ତ୍ରର ଦୁଇଥର ପ୍ରକ୍ଷେପଣ ପରୀକ୍ଷା କରାଯାଇଛି । ପ୍ରକ୍ଷେପଣ ପରୀକ୍ଷା ସମସ୍ତ ମିଶନ ଉଦ୍ଦେଶ୍ୟ ପୂରଣ କରିଥିଲା । ଏହି ପ୍ରକ୍ଷେପଣ କ୍ଷେପଣାସ୍ତ୍ରର ଉଭୟ ବିନ୍ୟାସରେ ଥିବା ବ୍ୟବସ୍ଥାକୁ ପ୍ରମାଣିତ କରିଛି । ଆଜିର ପ୍ରକ୍ଷେପଣରେ, 'ପ୍ରଳୟ' କ୍ଷେପଣାସ୍ତ୍ରର ପରୀକ୍ଷଣ ଭାରୀ ପେଲୋଡ୍ ଓ ବିଭିନ୍ନ ରେଞ୍ଜ ନିମନ୍ତେ କରାଯାଇଛି, ଯାହାଦ୍ୱାରା ଅସ୍ତ୍ରଶସ୍ତ୍ରର ସଠିକତା ଓ ଘାତକତାକୁ ପ୍ରମାଣ କରାଯାଇ ପାରିବ । ଏହି ପ୍ରକ୍ଷେପଣର ତଦାରଖ ସମସ୍ତ ରେଞ୍ଜ ସେନ୍ସର ଓ ଉପକରଣ ଦ୍ୱାରା କରାଯାଇଛି, ଯେଉଁଥିରେ ଟେଲିମେଟ୍ରି, ରାଡାର ଓ ଇଲେକ୍ଟ୍ରୋ-ଅପ୍ଟିକ ଟ୍ରାକିଙ୍ଗ ବ୍ୟବସ୍ଥା ସାମିଲ ରହିଛି, ଯାହା କି ପୂର୍ବତଟରେ ମୁତୟନ ହୋଇଛି ଏବଂ ପ୍ରଭାବ କେନ୍ଦ୍ର (ଇମ୍ପାକ୍ଟ ପଏଣ୍ଟ) ▶▶ପୃଷ୍ଠା ୭

## ରାଜ୍ୟରେ ଫୁଲବାଣୀ ସବୁଠାରୁ ଥଣ୍ଡା ସହର

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଗତ ରାତ୍ରରେ ଓଡ଼ିଶାର ୧୫ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରି କିମ୍ବା ତା ଠାରୁ ତଳେ ରହିଥିଲା । ରାଜ୍ୟରେ ଫୁଲବାଣୀ ସବୁଠୁ ଥଣ୍ଡା ସହର ଥିଲା ଓ ଏଠାକାର ତାପମାତ୍ରା ୫ଡିଗ୍ରୀ ସେଲସିଲସ ରହିଥିଲା । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କଟକରେ ୧୦.୮ ଓ ଭୁବନେଶ୍ୱରରେ ୧୦.୦ ଡିଗ୍ରି ସେଲସିଅସ୍ ତାପମାତ୍ରା ରେକର୍ଡ କରା ଯାଇଥିବା ନେଇ ସୂଚନା ଦିଆ ଯାଇଛି। ମିଳିଥିବା ସୂଚନା ଅନୁସାରେ ୧୦ ଡିଗ୍ରୀରୁ ତଳେ ତାପମାତ୍ରା ରେକର୍ଡ କରା ଯାଇଥିବା ସ୍ଥାନ ଗୁଡିକ ମଧ୍ୟରେ ନିମ୍ନ ସ୍ଥାନ ମାନ ରହିଛି । ଝାରସୁଗୁଡ଼ା ରେ ୭.୧, ଦାରିଙ୍ଗବାଡ଼ିରେ ୬.୫, କୋରାପୁଟରେ ୯.୪ , ସୁନ୍ଦରଗଡରେ ୭.୫, ଫୁଲବାଣୀରେ ୫.୦, ଟିଟଲାଗଡରେ ୭.୩, ଭବାନୀପାଟଣାରେ ୮.୦, ବଲାଙ୍ଗୀରରେ ୯.୦ ଡିଗ୍ରି, ରାୟଗଡ଼ରେ ୮.୦, କେନ୍ଦୁଝରରେ ୭.୬, ସମ୍ବଲପୁରରେ ୯.୫, ବୌଦ୍ଧରେ ୯.୬ ଡିଗ୍ରି ସେଲସିଅସ୍ ରହିଥିଲା । ସେହିପରି ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରା ଯାଇଥିବା ସ୍ଥାନ ଗୁଡିକ ହେଲା ଭୁବନେଶ୍ୱର, ଅନୁଗୁଳ ଓ ନୟାଗଡ ।

## ୫୫ ବସ୍ ଷ୍ଟାଣ୍ଡର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩/୧୨(ନି.ପ୍ର): ଗ୍ରାମାଂଚଳରେ ଯୋଗାଯୋଗର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭର୍ଚ୍ଚୁଆଲ ମୋଡ୍ ରେ ରାଜ୍ୟର ୨୨ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ୫୫ଟି ବ୍ଲକ୍ ସ୍ତରୀୟ ବସ୍ ଷ୍ଟାଣ୍ଡର ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏଗୁଡ଼ିକ ୨୨ଟି ଜିଲ୍ଲାରେ ନିର୍ମାଣ ହେବ। କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୯ଟି ବ୍ଲକ ସ୍ତରୀୟ ବସ୍ ଷ୍ଟାଣ୍ଡ ନିର୍ମାଣ ହେବ। କଟକ, ଗଜପତି, ଝାରସୁଗୁଡ଼ା, କନ୍ଧମାଳ, ମୟୂରଭଂଜରେ ସର୍ବନିମ୍ନ ଗୋଟିଏ ଲେଖାଏଁ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗ୍ରାମାଂଚଳରେ ଯୋଗାଯୋଗର ଉନ୍ନତିକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି। ଏହା ରାଜ୍ୟର ଗ୍ରାମାଂଚଳ ଲୋକଙ୍କୁ ଉନ୍ନତ ଯୋଗାଯୋଗ ଭିତିଭୂମି ସହ ଯୋଡିବ ।ଯୋଗଯୋଗ କ୍ଷେତ୍ରରେ ଏହା ଏକ ମାଇଲଷ୍ଟୋନ୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଜି ଅନୁଗୁଳ ଜିଲ୍ଲାର ଭୀମକନ୍ଦା, ପାଳଲହଡ଼ା, ବାଲେଶ୍ୱର ଜିଲ୍ଲାର ରିଆ, ମଥାନି, କାଟୁଆପଡ଼ା, ଦେହୁଡା, ଭଦ୍ରକ ଜିଲ୍ଲାର ଦକ୍ଷିଣ ଧାମରା, ବାସୁଦେବପୁର, ବଲାଙ୍ଗୀର ଜିଲ୍ଲାର ଲୋଇସିଂହା, ବଙ୍ଗୋମୁଣ୍ଡା, ବୌଦ୍ଧ ଜିଲ୍ଲାର ପୁରୁଣାକଟକ, କଂଟାମାଳ, କଟକ ଜିଲ୍ଲାର କୁନେଇପଡ଼ା, ଢେଙ୍କାନାଳ ଜିଲ୍ଲାର ନିଜିଗ୍ରହ, ଢେଙ୍କାନାଳ ସହର, ଗଜପତି ଜିଲ୍ଲାର ▶▶ପୃଷ୍ଠା ୭

## ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣ ହଟିବା ପରେ ରାଜନୀତି ଜୋର

ଭୁବନେଶ୍ୱର,୨୩/୧୨(ନି.ପ୍ର): ପଞ୍ଚାୟତ ସଂରକ୍ଷଣ ବିଜ୍ଞପ୍ତି ନେଇ ହାଇକୋର୍ଟଙ୍କ ରାୟ ପରେ ଆସନ ଗଣିତ ଓଲଟପାଲଟ ହୋଇଯାଇଛି । ଆଉ ଏହାକୁ ନେଇ ରାଜନୀତି ବି ଆରମ୍ଭ ହୋଇଛି । ବିଜେଡି କହିଛି, କୋଟା ନଥିଲେ ବି ତାଙ୍କ ଦଳ ଓବିସି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେବ । ବିରୋଧୀ ବିଜେପି ଓ କଂଗ୍ରେସ କିନ୍ତୁ ପାଲଟା ଅଭିଯୋଗ ଆଣି କହିଛନ୍ତି ବିଜେଡି, ଓବିସିଙ୍କୁ ଧୋକା ଦେଇଛି । ପଞ୍ଚାୟତ ନିର୍ବାଚନରେ ବଦଳିବ ଆସନ ଗଣିତ । ଅଣସଂରକ୍ଷିତ ହେବ ଓବିସି ଆସନ । ରାଜ୍ୟରେ ମୋଟ ୮୫୩ଟି ଜିଲ୍ଲା ପରିଷଦ ଜୋନ ଭିତରୁ ୧୦୪ଟି ଜିଲ୍ଲାପରିଷଦ ଜୋନ ଓବିସିଙ୍କ ପାଇଁ ସଂରକ୍ଷିତ ଥିଲା । ଯାହା ବର୍ତ୍ତମାନ ଅଣସଂରକ୍ଷିତ ଆସନ ହୋଇଯିବ । ସେହିପରି ଯେଉଁସବୁ ଜିଲ୍ଲାର ଜିଲ୍ଲାପରିଷଦ ଅଧକ୍ଷ ପଦ ଓବିସି ବର୍ଗ ପାଇଁ ସଂରକ୍ଷିତ ଥିଲା, ସେହି ଆସନ ମଧ ଅଣସଂରକ୍ଷିତ ହୋଇଯିବ । ହାଇକୋର୍ଟଙ୍କ ରାୟ ପରେ ବଦଳିଲା ଚିତ୍ର । ଓବିସି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେବ ବିଜେଡି । ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣକୁ ନେଇ ହାଇକୋର୍ଟଙ୍କ ଛାଟ ପରେ ବଦଳିଯିବ ସମ୍ପୂର୍ଣ୍ଣ ଚିତ୍ର । ଓବିସିଙ୍କ ପାଇଁ ସଂରକ୍ଷିତ ହୋଇଥିବା ଆସନଗୁଡିକୁ ଏବେ ଅଣସଂରକ୍ଷିତ କରି ଦିଆଯିବ । ଓବିସିଙ୍କ ଜନଗଣନା ହୋଇନଥିବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଓବିସି ସିଟ୍ ଅଣସଂରକ୍ଷିତ ଆସନ ହେବ । ତେବେ ଓବିସିଙ୍କ ପାଇଁ ସଂରକ୍ଷଣ ନଥିଲେ ବି ବିଜେଡି ଓବିସି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତିରେ ଟିକେଟ ଦେବ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ ପ୍ରତାପ ଜେନା । ଓବିସି ସଂରକ୍ଷଣକୁ ନେଇ ବୟାନବାଜି । ବିରୋଧୀଙ୍କ ଅଭିଯୋଗ, ଷଡଯନ୍ତ୍ର କରିଛି ବିଜେଡି । ପଂଚାୟତ ନିର୍ବାଚନରେ ଓବିସି ସଂରକ୍ଷଣକୁ ନେଇ ହାଇକୋର୍ଟଙ୍କ ରାୟ ପରେ ଶାସକ ଦଳ ବିଜେଡି ଉପରେ ବର୍ଷିଛନ୍ତି ବିରୋଧୀ ବିଜେପି ଓ କଂଗ୍ରେସ । ବିଜେପି କହିଛି, ଓବିସି ବର୍ଗଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିଛନ୍ତି ରାଜ୍ୟ ସରକାର । ଏହା ଏକ ଷଡଯନ୍ତ୍ର । କଂଗ୍ରେସ କହିଛି, ସରକାର ତାଙ୍କ ସୁବିଧା ପାଇଁ ତାଲିକା ପ୍ରକାଶ କରିଥିଲେ । କୋର୍ଟଙ୍କ ରାୟ ସରକାରଙ୍କୁ ମାରିବା ଭଳି ହୋଇଛି । ବିଜେଡି ଜବାବ ରଖି କହିଛି, ନିୟମ ଅନୁସାରେ ସବୁ ହେଉଛି । ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ଯେଉଁ ଓବିସି ବର୍ଗର ଆଶାୟୀମାନେ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତ ଚଳାଇଥିଲେ ଏବେ ସେମାନଙ୍କ ▶▶ପୃଷ୍ଠା ୭

## ସମ୍ପର୍କୀୟ ଭାଇର ବାହୁଙ୍ଗିମାଡରେ ଭାଇ ମୃତ

### ଅଭିଯୁକ୍ତ ଭାଇର ଥାନାରେ ଆତ୍ମସମର୍ପଣ



ବାଲିଆପାଳ, ୨୩/୧୨ (ନି.ପ୍ର): ବାଲିଆପାଳଥାନା ଅନ୍ତର୍ଗତ କଣ୍ଟାବଣି ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି । ଧାନ ବିଲରେ କାମ କରିବାକୁ ଯାଇଥିବା ବେଳେ ଜଣେ ସମ୍ପର୍କୀୟ ଭାଇର ବାହୁଙ୍ଗି ମାଡରେ ଅନ୍ୟଜଣେ ଭାଇର ମୃତ୍ୟୁ ହୋଇଯାଇଛି । ଅଭିଯୁକ୍ତ ଭାଇ ଜଣଙ୍କ ପରେ ବାହୁଙ୍ଗି ସହ ଥାନାରେ ଆତ୍ମସମର୍ପଣ କରିଛି । ଏହି ଭଳି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ମିଳିଥିବା ସୂଚନା ମୁତାବକ କଣ୍ଟାବଣି ଗ୍ରାମର ରମାନାଥ ପାତ୍ରଙ୍କ ପୁଅ ସନ୍ୟାସୀ ପାତ୍ରଙ୍କ ବିଲରୁ ଧାନ ବୋହିବା ପାଇଁ ତାଙ୍କର ସମ୍ପର୍କୀୟ ଭାଇ ବରେନ୍ଦ୍ର ପାତ୍ର ପିତା ଜଗନ୍ନାଥ ମଜୁରୀ ଭାବରେ ଆସିଥିଲେ। ମଧ୍ୟାହ୍ନ ସମୟରେ କୌଣସି କଥାରେ ବିଲରେ ସନ୍ୟାସୀ ଏବଂ ବରେନ୍ଦ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ରାଗିଯାଇ ବରେନ୍ଦ୍ର ହାତରେ ଧରିଥିବା ବାହୁଙ୍ଗିରେ ସନ୍ୟାସୀର ମୁଣ୍ଡରେ ଶକ୍ତ ପ୍ରହାର କରିଥିଲେ । ସନ୍ୟାସୀର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ।ରକ୍ତ ଜୁଡୁବୁଡୁ ଅବସ୍ଥାରେ ସନ୍ୟାସୀ ଧାନବିଲରେ ଟଳିପଡି ଚିତ୍କାର କରିଥିଲେ । ବିଲରେ କାମକରୁଥିବା ଅନ୍ୟ ଲୋକମାନେ ଧାଇଁ ଆସିବାରୁ ବରେନ୍ଦ୍ର ସେଠାରୁ ଧାଇଁ ପଳାଇଯାଇଥିଲା । ଗୁରୁତର ସନ୍ୟାସୀଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତୀ କରାଯାଇଥିଲା ।ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।ତେବେ ରାସ୍ତାରେ ସନ୍ୟାସୀର ମୃତ୍ୟୁ ହୋଇଯାଇଛି । ଅପରପକ୍ଷରେ ବରେନ୍ଦ୍ର ଏହି ଘଟଣା ଘଟାଇ ବାହୁଙ୍ଗି ସହ ଆସି ବାଲିଆପାଳ ଥାନାରେ ଆତ୍ମସମର୍ପଣ କରିଥିବା ଜଣାଯାଇଛି ।ତେବେ ଅଭିଯୁକ୍ତ ବରେନ୍ଦ୍ରଙ୍କ ମାନସିକ ବିକୃତି ଥିବା ବେଳେ ପୂର୍ବରୁ ଏହିଭଳି କିଛିଲୋକଙ୍କୁ ରାଗି ମାଡମାରିଥିବା ଗ୍ରାମବାସୀ କହିଛନ୍ତି । ପୋଲିସ ଏହି ଘଟଣାରେ ଅଧିକ ତଦରନ୍ତ ଚଳାଇଛି ।

## ତପସ୍ୱିନୀଙ୍କୁ କୋର୍ଟଙ୍କ ଝଟକା

ବ୍ରହ୍ମପୁର, ୨୩/୧୨ (ନି.ପ୍ର): ଦିନ ପରେ ଦିନ ଗଡୁଛି। ମାମଲା ଉପରେ ମାମଲା ହେଉଛି । ପିଟିସନ ଉପରେ ପିଟିସନ ବି ଦାଖଲ ହେଉଛି । କିନ୍ତୁ ସମାଧାନର ବାଟ ଫିଟୁନି। ମାସେରୁ ଅଧିକ ଦିନ ହେବ ତପସ୍ୱିନୀ-ସୁମିତ ବିବାଦ ଲାଗି ରହିଥିବା ବେଳେ ଫିଟି ପାରୁନି ସମାଧାନର ବାଟ। ଆଉ ଏବେ ତପସ୍ୱିନୀଙ୍କୁ ଝଟକା ଦେଇଛନ୍ତି କୋର୍ଟ। ସ୍ୱାମୀ ଅବହେଳିତ ଅବସ୍ଥାରେ ଛାଡ଼ି ଚାଲି ଯାଇଥିବା ବେଳେ ▶▶ପୃଷ୍ଠା ୭


## ଏକ ବିଶେଷ ସୂଚନା

ସଂପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଦ୍ରଣ ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବିଜ୍ଞାପନ ନୀତିରେ ପରିବର୍ତ୍ତନ ଆସିଥିବାରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂକଟ ମଧ ଦେଇ ଗତି କରୁଛନ୍ତି । ଏହି ସମୟରେ ଆମ ସମ୍ବାଦପତ୍ର ସହ ଜଡ଼ିତ ଥିବା ଲେଖକ, ଲେଖିକା/ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ସବିନୟ ଅନୁରୋଧ କରୁଅଛୁକି, ଏହି ସମ୍ବାଦପତ୍ରର ବାର୍ଷିକ ଗ୍ରାହକଟିଏ ହୋଇ (ଡାକ ଖର୍ଚ୍ଚ ସହ)ବର୍ଷକୁ ମାତ୍ର ଟ. ୧୦୦୦/- ପୈଠ କରି ସମ୍ବାଦପତ୍ର ପ୍ରକାଶନରେ ସହଯୋଗ କରିବେ ।

Google pay ନମ୍ବର
(୯୩୩୭୭୩୭୦୫୩)
SBI Bank- 30952449813
IFSC code- SBIN0006933

ପରିଚାଳନା ସଂପାଦକ
ଧ୍ୱନିପ୍ରତିଧ୍ୱନି

# ବରୀ ବିଧାୟିକାଙ୍କ ଦ୍ୱାରା ମଙ୍ଗରାଜପୁର ପଂଚାୟତରେ ସ୍ମାର୍ଟ ହେଲଥ୍ କାର୍ଡ ବଂଟନ

ଧର୍ମଶାଳା,୨୩/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଜପୁର ଜିଲାରେ ବିଜୁ ସ୍ୱାସ୍ଥ୍ୟକାର୍ଡ ବଂଟନର ଶୁଭାରମ୍ଭ କରିଥିଲେ। ଏହି କାର୍ଡକୁ ଅଧିକାରୁ ଅଧିକ ହିତାଧିକାରୀଙ୍କ ନିକଟରେ ପଂହଚାଇବା ନେଇ ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀର ନେତା ଆଉ କର୍ମୀ ଲାଗି ପଡିଛନ୍ତି । ବିଜୁ ସ୍ୱାସ୍ଥ୍ୟ କାର୍ଡ ଉତ୍ସବ କରାଯାଇ ଏହାକୁ ପ୍ରଚାର ଓ ପ୍ରସାର କରିବା ସହ ଏହି କାର୍ଡର ଉପକାରିତା ସମ୍ପର୍କ ହିତାଧିକାରୀଙ୍କୁ ସୂଚନା ଦିଆଯାଉଛି । ଏହି କ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତରେ ହେଲଥ୍ କାର୍ଡକୁ ବରୀ ବିଧାୟିକା ସୁନନ୍ଦା ଦାସ ବଂଟନ କରିଛନ୍ତି । ପଂଚାୟତ କାର୍ଯ୍ୟାଳୟ ପରିସରରେ ପଂଚାୟତ ସଭାପତି ନିରଞ୍ଜନ ପତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟିକା ଶ୍ରୀମତି ଦାସ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡର ବ୍ୟବହାର ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଭାରପ୍ରାପ୍ତ ସରପଂଚ ଚିତ ରଂଜନ ନାୟକ,ଯୁବ ନେତା ହିମାଂଶୁ ନାୟକ,ପୂର୍ବତନ ସମିତିସଭ୍ୟ ବ୍ରହ୍ମାନନ୍ଦ ଦାଶ, ପୂର୍ବତନ ସରପଂଚ ଜଗବନ୍ଧୁ ବାରିକ ,୩୬ ନଂ ଜେନା ଜିଲା ପରିଷଦ ସଭ୍ୟ ଚତୃଭୂଜ ଦ୍ୱିବେଦୀ,ବାଲିଆ ପଂଚାୟତର ସମିତିସଭ୍ୟ ପ୍ରଦିପ ଘଡାଇ, ଶ୍ୟାମସୁନ୍ଦର ରଥ,ପଂଚାୟତର ଯୁବ ସଭାପତି ନିରଞ୍ଜନ ନାୟକ,ପୂର୍ବତନ ସରପଂଚ ଯଦୁନାଥ ଓଝା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପୂର୍ବତନ ସରପଂଚ ମଦନ ମୋହନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଷ୍ଣୁପ୍ରିୟା ଜୁଏଲର୍ସର ବାର୍ଷିକ ଉତ୍ସବ ଓ ଲକି ଡ୍ର ଉଠାଣ

ଭୁବନ,୨୩/୧୨ (ନି.ପ୍ର): ଭୁବନ ସହରର ନମ୍ବର ୧ ସୁନାଗହଣା ଦୋକାନ ଭାବେ ସୁପରିଚିତ ବିଷ୍ଣୁପ୍ରିୟା ଜୁଏଲର୍ସର ୨୧ ତମବାର୍ଷିକ ଉତ୍ସବ ଓ ଲକିଡ୍ର ଉଠାଣ ବିଷ୍ଣୁପ୍ରିୟା ଗାଲାକ୍ସିଠାରେ ଅନୁଷ୍ଠିତ ହୋଇଯାଇଛି । ସତ୍ୱାଧିକାରୀ ଏକ୍ସ ଆର୍ମି ଭାଗବତ ସାହୁଙ୍କ ଅଧକ୍ଷତା, ଇନ୍ଦୁମତି ସାହୁଙ୍କ ତତ୍ତ୍ୱାବଧାନ ଓ ଶୁଭେନ୍ଦୁ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ବବି ମିଶ୍ର ଯୋଗ ଦେଇଥିବାବେଳେ ପୂର୍ବତନ ନଗରପାଳ ନରହରି ସାହୁ, ମହିଳାମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ କୁମାରଦାସ , କାଳୀବଜାର ବଣିକ ସଂଘସଭାପତି ସମୀର କୁମାର ସାହୁ, ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ବଣିକ ସଂଘ, ନୂଆବଜାର ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି ,ଦୁର୍ଗା ବଜାର ସଭାପତି ଶ୍ରୀକାନ୍ତ କୁମାର ସାହୁ, ଯୁବ ଉଦ୍ୟୋଗପତି ହୃଷିକେଶ ମିଶ୍ର, ଇଂ ଶକ୍ତି ପ୍ରସାଦ ସାହୁ, ଯୁବ ନେତା ବିନୋଦ ମହାରଣା ଓ ମ୍ୟାନେଜର ପ୍ରଭାତ ମହାରଣା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଗତ ଦଶହରା ସମୟରେ ସୁନା ଗହଣା କିଣିଥିବା ବ୍ୟକ୍ତିମାନଙ୍କ କୁପନକୁ ନେଇଲ କିଡ୍ର ଉଠାଣ ହୋଇଥିଲା । ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ଗ୍ରାମର ଜ୍ୟୋତିରଂଜନ ପାଣିଙ୍କୁ ପ୍ରଥମ ପୁରସ୍କାର ୧ ଲକ୍ଷ ଟଙ୍କା, ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କବାଟ ଗ୍ରାମର କ୍ଷୀରସିନ୍ଧୁ ମହାନ୍ତଙ୍କୁ ଦ୍ୱିତୀୟ ପୁରସ୍କାର ୫୦ ହଜାରଟଙ୍କା ଓ ବାଲିବୋ ଗ୍ରାମର ଶୁଭ୍ରାଂଶୁ ରଂଜନ ସ୍ୱାଇଁ ,ଭୁବନ ର ବାବୁରାମ ସାହୁ , ସୁକିନ୍ଦା ର ଜି.ସିଂହଙ୍କୁ ତୃତୀୟ ପୁରସ୍କାର ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ନାଟ୍ୟ ନିର୍ଦ୍ଦେଶକ ଗୁରୁ ପ୍ରସାଦ ମିଶ୍ର ସଂପୂର୍ଣ୍ଣ ଭାବେ ପରିଚାଳନା କରିଥିଲେ ।

# ଭୁବନ ତହସିଲଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନ,୨୩/୧୨ (ନି.ପ୍ର): ଭୁବନ ତହସିଲଦାର ପ୍ରଭାସ କୁମାରବେହୁରାଙ୍କୁ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଟ୍ରେଜେରୀ ଅଫିସରକୈଳାସ ଚନ୍ଦ୍ର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ନିରଂଜନ ଭୋଇ , ସୁଧୀର କୁମାର ପଣ୍ଡା , ପୁରୁଷୋତ ମର୍ସଂ , ରାକେଶକୁମାର ପଣ୍ଡା , ଅରବିନ୍ଦ ସାହୁ , ପ୍ରଣତୀଭୋଇ, ସଂଜୟଭୋଇ , ମମତାରାଉଳ, ମିନତୀବାଘର୍ସଂ , ସୁନାରାମତିରିଆ , ଯଜାତି କେଶରୀ ବେହେରାଙ୍କ ସମେତ ସମସ୍ତକର୍ମଚାରୀ ଉପସ୍ଥିତ ରହି ତହସିଲଦାର ଶ୍ରୀ ବେହୁରାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନ କରି ଭାବପୂର୍ଣ୍ଣ ବିଦାୟ ଜଣାଇଥିଲେ । ତହସିଲକର୍ମଚାରୀଙ୍କ ସମେତ ଭୁବନ ଗ୍ରାମବାସୀଙ୍କ ଠାରୁଯେଉଁସ୍ନେହ,ଶ୍ରଦ୍ଧା ଓ ସଦିଚ୍ଛା ପାଇଛନ୍ତି, ତାଙ୍କ ପାଇଁ ଏହା ସବୁଦିନ ପାଇଁ ଅଭୁଲା ସ୍ମୃତି ହୋଇ ରହିବ ବୋଲି ବିଦାୟୀ ତହସିଲଦାର ଶ୍ରୀ ବେହୁରା ବାଷ୍ପରୁଦ୍ଧ କଣ୍ଠ ଓ ଅଶ୍ରୁଳ ନୟନରେ ମତବ୍ୟକ୍ତ କରିଥିଲେ । ନୂତନ ତହସିଲଦାର କାର୍ଯ୍ୟରେ ଯୋଗଦେବା ପର୍ଯ୍ୟନ୍ତ ବିଡିଓ ଆଶୀର୍ବାଦ ପରିଡା ଦାୟିତ୍ୱରେ ରହିଛନ୍ତି । ସୂଚନାଯୋଗ୍ୟ ଯେ, ସ୍ୱଳ୍ପ ସମୟ ମଧ୍ୟରେ ତହସିଲଦାର ଶ୍ରୀ ବେହୁରା ତ୍ୱରିତସେବା ପ୍ରଦାନ କରି ସମଗ୍ର ଭୁବନବାସୀଙ୍କ ହୃଦୟ ଜିଣିନେଇଥିଲେ ।

# ବଲାଙ୍ଗିର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଖାଉଟି ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର ,୨୩/୧୨ (ନି.ପ୍ର): ବଲାଙ୍ଗିର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ରେ ଗ୍ରାହକ ସଚେତନତା ପକ୍ଷ ପାଳନ ଅବସରରେ ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ବଲାଙ୍ଗିର ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଭାରତୀ ନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରି ସଚେତନତା କାର୍ଯ୍ୟକ୍ରମ କୁ ସମସ୍ତ ଙ୍କୁ ସ୍ୱାଗତ୍ କରି ମହିଳାମାନେ ଖାଉଟି ରୂପେ ଘର ବାହାରେ ସମସ୍ତ ଦୈନନ୍ଦିନ କାମ କରୁଥିବା ଯୋଗୁଁ ସମସ୍ତ ଙ୍କୁ ସଚେତନତା ଆବଶ୍ୟକ ବୋଲି କହିଥିଲେ। ଅଧାପକ ତଥା ଗ୍ରାହକ ପଂଚାୟତ ର କାର୍ଯ୍ୟକାରୀ ସଦସ୍ୟ ଜୟ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ରେ ଦେଶରେ ସରକାର ଖାଉଟି ମାନଙ୍କ ପାଇଁ ରଖିଥିବା ବ୍ୟବସ୍ଥା ଓ ଏହାର ଉତ୍ପତି ସମ୍ପର୍କରେ ଆଲୋଚନା କରି ଆଇନ୍ ବ୍ୟବସ୍ଥା ର ଉପଯୋଗ କରିବା ପ୍ରଣାଳୀ ଉପରେ କହିଥିଲେ। ପଂଚାୟତ ର ସହ ସମ୍ପାଦକ ଶ୍ରୀମତୀ ମାଳତୀ ଉଦ୍ଗାତା ଝିଅ ମାନକୁ ତାଙ୍କ ଦୈନନ୍ଦିନ ଜୀବନରେ ବ୍ୟବହାର ରେ ସଚେତନତା କିପରି ଆବଶ୍ୟକତା ରହିଛି ତାହା କହିବା ସଙ୍ଗେ ସଙ୍ଗେ ଆଖି ବନ୍ଦକରି କୌଣସି କିଣା କିଣି ନକରି ଦେଖି ପରଖି ନେବାକୁ କହିଥିଲେ । ରାଜ୍ୟ ପ୍ରଚାର ପ୍ରସାର ପ୍ରମୁଖ ଇଞ୍ଜି. କିଶୋର ମୋହନ ମିଶ୍ର ପଂଚାୟତ ର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ସୂଚନା ଦେଇ ଆମେ କିପରି ବିଭିନ୍ନ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରି ପାରିବା ତାହା କହିବା ସହିତ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ରତି ସଚେତନ ହେବା ତାହା କହିଥିଲେ। ଗ୍ରାହକ ପଂଚାୟତ ର ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ ଏଥିରେ ଅଧକ୍ଷତା କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍କୁଲ ର ଶିକ୍ଷୟତ୍ରୀ ସୁଷମା ଉଦ୍ଗାତା ତାଙ୍କର ବକ୍ତବ୍ୟରେ ସମସ୍ତ ଙ୍କ ପାଇଁ ଉପାଦେୟ ଗ୍ରାହକ ବିଷୟରେ ସଚେତନତା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମିଳୁଛି ତେଣୁ ଏପରି କାର୍ଯ୍ୟକ୍ରମ ଆହୁରି ଅଧିକ ଛାତ୍ରୀ ଙ୍କୁ ନେଇ କଲେ ଭଲହେବ ବୋଲି କହିଥିଲେ। ପଂଚାୟତ ର କାର୍ଯ୍ୟକାରୀ ସଦସ୍ୟା ରଞ୍ଜିତା ମିଶ୍ର ଶେଷରେ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ମଝିରେ ପ୍ରିମିୟମ ବନ୍ଦ କରି ଦେଇଥିବା ବୀମା,ଗ୍ୟାସ ଦୁର୍ଘଟଣା, ବ୍ୟାଙ୍କ ଜମାଖାତା ଏଟିଏମ ଇତ୍ୟାଦି ବୀମା ଅନ୍ତର୍ଭୁକ୍ତ ସେ କିପରି ଗ୍ରାହକ ପଂଚାୟତ ରେ ଯୋଗଦାନ ପରେ ଆର୍ଥିକ ସୁବିଧା ପାଇଲେ ତାହା କହିଥିଲେ । ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ର କେବଳ ଦଶମ ଶ୍ରେଣୀ ର ଛାତ୍ରୀ ମାନଙ୍କ ସମେତ ଶିକ୍ଷୟତ୍ରୀ ମାନେ ଏଥିରେ ଯୋଗଦାନ କରିଥିଲେ।

# ୩୪ କୋଟି ଟଙ୍କା ବ୍ୟୟରେ କେନ୍ଦ୍ରାପଡା କେନାଲ ଓ ଗଣ୍ଡାକିଆ ରାସ୍ତାର ନବୀକରଣ

କେନ୍ଦ୍ରାପଡ଼ା,୨୩/୧୨ (ନି.ପ୍ର): ଦୀର୍ଘ ବର୍ଷ ହେଲା କେନ୍ଦ୍ରାପଡା ଗଣ୍ଡାକିଆ ରାସ୍ତା ଶୋଚନୀୟ ହୋଇ ପଡିଥିଲା । ଦୈନିକ ହଜାର ହଜାର ଲୋକ ଏହି ବାଟରେ ଯାତାୟତ କରୁଥିବାରୁ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ବିଧାୟକ ଶଶି ଭୂଷଣ ବେହେରାଙ୍କ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କଲାପରେ ସାନ୍ତସାହି ପୋଲ ଠାରୁ ଗଣ୍ଡାକିଆ ପୋଲ ପର୍ଯ୍ୟନ୍ତ ୧୦ କୋଟି ଟଙ୍କା ବ୍ୟୟରେ ସଂପୂର୍ଣ୍ଣ ରାସ୍ତାକୁ ନବୀକରଣ ସହ ଦୋହରୀକରଣ ମଧ କରାଯିବ । ଏନେଇ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପଂଚାୟତ ଠାରେ ଏକ ଭିତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ୮ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ତଥା ରାଜ୍ୟ ମହିଳା ବିଜୁ ଜନତା ଦଳ ସାଧାରଣ ସଂପାଦକ ଜ୍ୟୋସ୍ନାରାଣୀ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା, ପୂର୍ବତନ ବିଧାୟିକା ଡ଼ଃ ସିପ୍ରା ମଲିକ, ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭୋଳ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ବ୍ଲକ ସଭାପତି ଆଲୋକ ରଞ୍ଜନ ସାହୁ, ବିଜୟ ସ୍ୱାଇଁ, ସୁଧିର ସ୍ୱାଇଁ, ଅନାମ ଖଟୁଆ, ଗଣେଶ ନାୟକ, ଶୈଳେନ୍ଦ୍ର ସ୍ୱାଇଁ, ସୁଧିର ବାବୁ, ପ୍ରକାଶ ଲେଙ୍କା, ଅଯୋଧା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ହୋଇ ରାସ୍ତାକାମ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସ୍ଥାନୀୟ ମଣି ଛକ ଠାରୁ ଏକ ବିରାଟ ମଟର ସାଇକେଲ ର୍ୟାଲିରେ ବିଧାୟକ ଶ୍ରୀ ବେହେରାଙ୍କୁ ଶତାଧିକ ଯୁବକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ । ସାନ୍ତସାହି ଗଣ୍ଡାକିଆ ରାସ୍ତା ସହିତ କାକଟ ଲକ ଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ କେନ୍ଦ୍ରାପଡା କେନାଲକୁ ୨୪ କୋଟି ଟଙ୍କା ବ୍ୟୟରେ ଖନନ ଓ ନବୀକରଣ କରାଯିବ ବୋଲି ବିଧାୟକ ଘୋଷଣା କରିଥିଲେ । ଏହା ସହ ଜିଲ୍ଲାର ଏକମାତ୍ର +୨ ସରକାରୀ ଆୟବା ବିଜ୍ଞାନ କଲେଜକୁ ବିଧାୟକ ଉନ୍ନୟନ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅନୁଦାନ ଦେବାକୁ ବିଧାୟକ ଶ୍ରୀ ବେହେରା ଘୋଷଣା କରିଛନ୍ତି । ଆୟୋଜିତ ଏହି ଉତ୍ସବରେ ୭ଗୋଟି ପଂଚାୟତର ହଜାର ହଜାର ଜନ ସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ବିଧାୟକଙ୍କୁ ମଧ କୃତଜ୍ଞତା ଜଣାଇଥିଲେ । ଅରବିନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକସ୍ତରୀୟ ଯୁବକ ସଂଘ ଖେଳକୁଦ ପ୍ରତିଯୋଗିତା

କନ୍ଧମାଳ ,୨୩/୧୨ (ନି.ପ୍ର): ଚକାପାଦ ବ୍ଲକର ବିଲାବାଡି ପଡିଆ କୋଟଗଡ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ଓ ରାଧାକୃଷ୍ଣ ଯୁବକ ସଂଘ ବିଲା ବାଡ଼ାର ମିଳିତ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଯୁବକ ସଂଘ ଖେଳ କୁଦ ପ୍ରତିଯୋଗିତା ଉଦଯାପିତ ହୋଇ ଯାଇଅଛି। ଅନୁଷ୍ଟିତ କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷ ଚକାପାଦ ର ପ୍ରଭାଞ୍ଜନ କଂହର ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଖଜୁରୀପଡା ବ୍ଲକ ର ଅଧକ୍ଷ ବୀରେନ୍ଦ୍ର କହ୍ନର, ସମିତି ସଭ୍ୟ ରାଜେଶ ଡିଗାଲ, ପୂର୍ବତନ ସତନ୍ତ୍ର ଉନୟନ ଅଧିକାରୀ ରୋଦନ ମଲ୍ଲିକ, ପ୍ରଧାନ ଶିକ୍ଷକ ଆନନ୍ଦେଶ୍ୱର କଂହର,ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସ୍ୱେଚ୍ଛା ସେବୀ ସୁଦ୍ଧା ସୁଭଦ୍ରା ମଲ୍ଲିକ, ରୀତିମା ବାଘ, ସିବେନ୍ଦ୍ର ଡିଗାଲ ପ୍ରମୁଖ ଯୋଗ ଦେଇ ଥିଲେ। ଏହି ପ୍ରତିଯୋଗିତାରେ ଫୁଟବଲ, ଭଲି ବଲ, କବାଡି, ଦୌଡ଼ାକୁଦ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଅନୁଷ୍ଟିତ ଦିବସ ର ମୁକ୍ଷ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ କ୍ରୀଡା ପ୍ରେମୀ ଯୁବ ଭାଇ ଓ ଭଉଣୀ ଅବ ଗତ କରି ଥିଲେ। ପ୍ରତିଯୋଗିତାରେ ବିଜୟୀ ଓ ଉପ ବିଜୟୀ ପ୍ରତିଯୋଗୀ ମାନଂକୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରା ଯାଇ ଥିଲା। ବୈଠକ ରେ ରାଧାକୃଷ୍ଣ ଯୁବକ ସଂଘ ର ସଭାପତି ଅନନ୍ତ ଡିଗାଲ ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି, ଓ ଉପସ୍ଥିତ କ୍ରୀଡା ପ୍ରେମୀ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ଜନ୍ମେଜୟ ଡିଗାଲ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ଜିଲ୍ଲା କୋର୍ଟ ପରିସରରେ ଆହାର କେନ୍ଦ୍ର ଏଟିଏମ ଖୋଲିବା ଦାବି

ଜୟପୁର,୨୩/୧୨ (ନି.ପ୍ର): ଜୟପୁର ସ୍ଥିତ ଜିଲା କୋର୍ଟ ପରିସରରେ ଆହାର କେନ୍ଦ୍ର ଓ ଏଟିଏମ ଖୋଲିବାକୁ ଦାବୀ ହୋଇଛି । ଏନେଇ ସମାଜସେବି ବି ହରି ରାଓ ଜୟପୁର ଉପ ଜିଲାପାଳ ଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ସ୍ଥିତ ଜିଲା କୋର୍ଟ ରେ ପ୍ରାୟ ୧୫ଟି କୋର୍ଟ କାଯ୍ୟକ୍ଷମ ହେଉଛି । ଉକ୍ତ କୋର୍ଟ ରେ ସମସ୍ତ ପ୍ରକାର ଦେଓାନି ଓ ଫୌଜଦାରି ମାମଲାର ବିଚାରଣା ହେଉଛି । କୋରାପୁଟ ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ ଅଟେ । ଏଠାରେ ପ୍ରାୟ ୯୦ ପ୍ରତିଶତ ଲୋକ ଚାଷ ବାସ ଉପରେ ନିର୍ଭର କରନ୍ତି । ବିଭିନ୍ନ ମାମଲାରେ ଜଡିତ ହୋଇଥିବା ବ୍ୟକ୍ତି ତାଙ୍କ ସମ୍ପର୍କିୟ ମାନେ ବହୁ ଦୁରଦୁରାନ୍ତରୁ ସକାଳୁ ଆସି ସଂନ୍ଧ୍ୟା ଯାଏ ଅପେକ୍ଷା କରିଥାନ୍ତି । ଏମାନଙ୍କୁ ମଧ୍ୟରୁ ଅଧିକାଂଶ ଗିରବ ଶ୍ରେଣୀର ଅଟନ୍ତି । ଏହି କୋର୍ଟ ପରିସରରେ ହୋଟେଲ ନାହିଁ । ଯଦ୍ୱାରା ଅଧିକାଂଶ ଲୋକ ନିଜ ମାମଲାର ବିଚାରଣା ନହେବା ଯାଏ ଭୋକରେ ରହିଥାନ୍ତି । ହୋ ବ୍ୟତିତ ମାମଲା ଗୁଡିକରେ ଖର୍ଚ୍ଚ ହେବାକୁ ଥିବା ଟଙ୍କା ଆବଷ୍ୟକ ପଡିଲେ ଏଟିଏମର ବ୍ୟବସ୍ଥା ନଥିବାରୁ ଲୋକେ ନାହିଁ ନଥିବା ଆସୁବିଧାର ସମ୍ମୁଖିନ ହେଉଛନ୍ତି । ତେଣୁ ଏଠାରେ ଆହାର ଓ ଏଟିଏମ ହେଲେ ଲୋକେ ଉପକୃତ ହେବେ ବୋଲି ରମେଶ ସାହୁ, ବିମଳ କୁମାର ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି ।

# ଯୁବ କଂଗ୍ରେସ କାଯ୍ୟକର୍ତ୍ତା ସମ୍ମିଳନୀ

ଜୟପୁର,୨୩/୧୨ (ନି.ପ୍ର): ଜୟପୁର ଠାରେ ଯୁବ କଂଗ୍ରେସ କାଯ୍ୟକତା ସମ୍ମିଳନି ଅନୁଷ୍ଟିତ ହୋଇଛି । ଜିଲା ଯୁବ କଂଗ୍ରେସ କମିଟି କୋରାପୁଟ ଦ୍ୱାରା ଆୟୋଜିତ କାଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷି ବାହିନିପତି, ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ଯୁବ କଂଗ୍ରେସ ଓଡିଶା ପ୍ରଭାରୀ ରିୟାଜୁଲ ଅନସାରୀ ଉପସ୍ଥିତ ଥିଲେ । କୋରାପୁଟ ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ ଙ୍କ ଦ୍ୱାରା ଆୟୋଜିତ ଆୟୋଜିତ କାଯ୍ୟକ୍ରମରେ ପ୍ରଥମେ ହାଲୋ ଜୟପୁର ଠାରୁ ବିଶାଳ ଶୋଭାଯାତ୍ରା ରେ ସ୍ୱାଗତ କରାଯାଇ ଜିଲା କଂଗ୍ରସ ଭବନ ଯାଏ ଅଣାଯାଇଥିଲା । ଜିଲା କଂଗ୍ରେସ ଭବନ ଠାରୁ ବାଜା ନାଚ, ରୀତରେ ଅତିଥି କୁ ବିଶାଳ ଶୋଭାଯାତ୍ରା ରେ ବାବା ସାହେବ କଲ୍ୟାଣ ମଣ୍ଡପ ଯାଏ ନିଆଯାଇ ଥିଲା । ସେଠାରେ ଯୁବ କଂଗ୍ରେସ କାଯ୍ୟକତା ସମ୍ମାଳନି ଅନୁଷ୍ଟିତ ହୋଇଥିଲା । ରାଜଧାନି ରେ ପୋଲିସ ରାଜ୍ୟ କଂଗ୍ରେସ ଭବନ ର ପସି କଂଗ୍ରେସ କର୍ମୀ ଙ୍କୁ ମାଡ ମାରି ଥିଲା ତାହା ର ଉଚିତ ଯବାବ ଦିଆଯିବା ସହ ମମତି ମେହର କୁ ନ୍ୟାୟ ନ ମିଳିବା ଯାଏ ଲଢେଇ ଜାରି ରହିବ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ରାଜ୍ୟର ବିଜେଡି ସରକାର ଓ କେନ୍ଦ୍ରର ବିଜେପି ସରକାର ଙ୍କ ଜନ ବିରୋଧି କାଯ୍ୟ ରେ ଲୋକେ ଅତିଷ୍ଠ ହୋଇ ସାରିଲେଣି । ଯାହାକି ଆଗାମି ପଂଚାୟତ ନିବାଚନରେ ଲୋକ ମାନେ ବିପୁଳ ସଂଖ୍ୟାରେ କଂଗ୍ରେସକୁ ମତଦାନ କରିବେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଯୁବ କଂଗ୍ରେସର ରଣନିତିର ପରବିତନ ଆଣିଛି । ଗାଁ ଗାଁ ରେ ଯୁବ କଂଗ୍ରେସର କର୍ମକତା ମାନେ ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝି ପଦକ୍ଷେପ ନେଉଛି । ଆଗାମୀ ଦିନରେ ରାଜ୍ୟ କଂଗ୍ରେସର ବରାଟ ପରବିତନ ହେବ ବୋଲି ରାଜ୍ୟ ପ୍ରଭାରି ସୁଚନା ଦେଇଥିଲେ । କାଯ୍ୟକ୍ରମରେ ରାୟଗଡା ଜିଲା ଯୁବ ସଭାପତି ରାଉଲକେଲା ଜ୍ଞାନ ଦାସ, କୋରାପୁଟ ଯୁବ ପ୍ରଭାରି ରାକେଶ ସାହୁ, ଜୟପୁର ବ୍ଲକ ସଭାପତି ବସନ୍ତ ନାୟକ, ବେଣୁ ପାତ୍ର, ଅର୍ଜୁନ ବାଙ୍କା, ରାଜ୍ୟ ଯୁବ କଂଗ୍ରସ ସମ୍ପାଦକ ଦ୍ୱାରିକା ମହାପାତ୍ର ସମେତ କୋରାପୁଟ ଜିଲା ୧ ହଜାରରୁ ଅଧିକ ଯୁବ କଂଗ୍ରେସର କର୍ମ କତା ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଂଟ: ପ୍ରଗତି ସ୍ପୋର୍ଟିଂ ରାଉରକେଲା ସେମିରେ

ଧର୍ମଶାଳା,୨୩/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନୀଳକଣ୍ଠପୁରସ୍ଥ ସତ୍ୟସାଇ ଖେଳ ପଡିଆରେ ୩୯ ତମ ରାଜ୍ୟ ସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଂଟ ବୁଧବାର ଖେଳାଯାଇଥିବା ଶେଷ କ୍ୱାଟର ଫାଇନାଲ ମ୍ୟାଚରେ ଜେଏମସି ବାରିପଦାକୁ ହରାଇ ପ୍ରଗତି ସ୍ପୋର୍ଟିଂ ରାଉରକେଲା ସେମିଫାଲରେ ପ୍ରବେଶ କରିଛି । ପ୍ରଗତି ଟସ୍‌ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୫ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସ୍ୱରୂପ ଶଙ୍କର ଦାସ ୭୨ ବଲରୁ ୧୦୦ ରନ ଓ ଅଭିଶେଖ ମିଶ୍ର ୪୦ ବଲରୁ ୫୪ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ସୁଦର୍ଶନ ମିଶ୍ର ୫ଓଭର ବୋଲିଂ କରି ୩୨ ରନ ଦେଇ ୩ଟି ଉଇକେଟ ନେଇଥିଲେ । ୨୨୫ ରନର ବିଜୟ ଲକ୍ଷ ନେଇ ଜେଏମସି ରାଉରକେଲା ୨୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରି ମ୍ୟାଚଟିକୁ ୧୨ ରନ ହାରିଯାଇଥିଲା । ଦଳ ପକ୍ଷରୁ ମନୋଜ ଟୁଡୁ ୫୬ ଓ ଶାନ୍ତନୁ ଦାଶ ୫୫ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଦିପକ କର ୫ଓଭର ବୋଲିଂ କରି ୪୯ ରନ ଦେଇ ୪ଟି ଓ ଡେଭିଡ ସାଂଗ ୨ଟି ଉଇକେଟ ନେଇଥିଲେ । ବୋଦୁଅ ପଂଚାୟତର ସମାଜିକକର୍ମୀ ପ୍ରସାଦ ମିଶ୍ର ଅତିଥିଭାବେ ଯୋଗ ଦେଇ ସ୍ୱରୂପ ଶଙ୍କରଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କୃତ ପ୍ରଦାନ କରିଥିଲେ । ଆଜିର ଖେଳକୁ ବିବେକାନନ୍ଦ ମହାନ୍ତି ଓ ରତିକାନ୍ତ ରାଉତ ପରିଚାଳନାରେ ସହଯୋଗ କରିଥିବା ବେଳେ ଭାଷ୍ୟକାରଭାବେ ମଂଟୁ ଦାସ,ଅରୁଣ ପତି ଓ ପ୍ରିୟନାଥ ରାଉତ , ସ୍କୋରର ଭାବେ ଚିନ୍ମୟ ଦଳାଇ,ସାଇ ପ୍ରବୀର ସାହୁ ଓ ବବି ନାରାୟଣ ସେଠୀ ସହଯୋଗ କରିଥିଲେ । ସୁବ୍ରତ ସତ୍ୟଜିତ ରାଉତ,ସରୋଜ ଜେନା,ହେମନ୍ତ ସାହୁ,ରଂଜିତ ନାୟକ,ରାଜେସ ଜେନା,ଆଲୋକ ବିଶ୍ୱାଳ, ସୁନିଲ ଜେନା, ମନୋରଂଜନ ଦାସ, ନିରଞ୍ଜନ ଦାସ ଓ ଆୟୁଷମାନ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ପରିବେଶକୁ ସୁସ୍ଥ ରଖିବା ନେଇ ସାଇକେଲ ଶୋଭାଯାତ୍ରା

ଜୟପୁର,୨୩/୧୨ (ନି.ପ୍ର): ଜୟପୁର ସିଟି ହାଇସ୍କୁଲର ୟୁକୋ ବ୍ଲକ ତରଫରୁ ପ୍ରକୃତି ପାଇ ସାଇକେଲ ଯାତ୍ରା କରାଯାଇଛି । ଆଜାଦି କା ଅମୃତ ମୋହତ୍ସବ ଅବସରରେ ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ୟୁକୋ ବ୍ଲକର ଦାୟିତ୍ୱରେ ଥିବା ଶିକ୍ଷକ ପ୍ରତାପ ପଟ୍ଟନାୟକ ଓ ଛାତ୍ର ମାନଙ୍କ ସହ ଶୋଭାଯାତ୍ରା ସାମିଲ ହୋଇଥିଲା । ନେହୁରୁ ନଗରସ୍ଥିତ ସିଟି ହାଇସ୍କୁଲରୁ ଏହି ଶୋଭାଯାତ୍ରା ସାଇକେଲ ଯୋଗେ ବାହାରି ବାଲିଆ ଗ୍ରାମ ଯାଏ ଯାଇଥିଲା । ଏହି ଯାତ୍ରା ସମୟରେ ସେମାନେ ସତେତନତା ବାତା ପ୍ରକୃତି ସୁରକ୍ଷା ଦେବା, ପ୍ରତ୍ୟେକ ଲୋକ ଗୋଟିଏ ଗଛ ଲଗାଇବା, ପଲିଥିନ ବର୍ଜନ, ସାଇକେଲ ଚଲାଇ ସୁସ୍ଥ ରହିବା ଆଦି ସ୍ଲୋଗାନ ଦେି ଲେକଙ୍କୁ ସଚେତନ କରିଥିଲେ । ଏହି କାଯ୍ୟକ୍ରମରେ ପି ଶ୍ରୀନିବାସ ରାଓ, ପ୍ରଦିପ୍ତ ସାହୁ, କେ. ମୋହନ ରାଓ, ଧନପତି ଭତ୍ର ପ୍ରମୁଖ ଯୋଗଦେଇଥିଲେ । ଏହା ସହ ବିଦ୍ୟାଳୟ ଠାରୁ ନିଳକଣ୍ଠ ସାଗର ଯାଏ ଶିକ୍ଷୟତ୍ରୀ ପି ସରସ୍ୱତି ଙ୍କ ତତ୍ତ୍ୱବଧାନରେ ପଦଯାତ୍ରା ଆୟୋଜନ କରାଯାଇଥିଲା । ଏହି ଅବସରରେ ନଦୀ ଓ ପରିବେଶ ବିଷୟ ବସ୍ତୁ ଉପରେ ସାଧାରଣ ଜ୍ଞାନ ପ୍ରତିଯୋଗିତା, ରଚନା ଲିଖନ ପ୍ରତିଯୋଗିତା ଆୟୋଜନ କରିଥିଲା । ଏହି କାଯ୍ୟକ୍ରମରେ ସଂଯୁକ୍ତା ବତତିଆ, କେ ପଦ୍ମା. ରିତା ସାମନ୍ତରାୟ, ଏମ ସୌଜନ୍ୟା ସହ ଯୋଗ କରିଥିଲେ ।

# ଗଞ୍ଜେଇ ସହ ନଗଦ ଟଙ୍କା ଜବତ: ୨ ବ୍ୟବସାୟୀ ଗିରଫ

ଧର୍ମଶାଳା,୨୩/୧୨ (ନି.ପ୍ର): ଯାଜପୁର ଜିଲା କୁଆଖିଆ ଥାନାକୁ ମିଳିଛି ସଫଳତା । ଆଜି ବେଆଇନଭାବେ ଚାଲାଣ ହେଉଥିବା ଗଞ୍ଜେଇକୁ ଜବତ କରିବା ସହ ନଗଦ ଟଙ୍କା,୨ଟି ମୋବାଇଲ ଏବଂ ଏହି ଘଟଣାରେ ସମ୍ପୃକ୍ତଥିବା ୨ଜଣଙ୍କୁ ଗିରଫ କରିଛି ପୋଲିସ । ସୂଚନା ମୁତାବକ କୁଆଖିଆ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗୋଟି ପ୍ଲାଷ୍ଟିକ୍ ବ୍ୟାଗରେ ଗଞ୍ଜେଇ ଭର୍ତି ହୋଇଥିବା ଜାଣିବାକୁ ପାଇଥିଲେ । ଏଥିରେ ୧୩ କେଜି ୨ଶହ ଗ୍ରାମ ଓଜନର ଗଞ୍ଜେଇ ସହ ନଗଦ ୧୯ ହଜାର ୩୧୦ଟଙ୍କା,୨ଟି ମୋବାଇଲ ଜବତ ହୋଇଥିବା ବେଳେ ୨ ବ୍ୟବସାୟୀ ହେଲେ କଟକ ଜିଲା ବାଡମ୍ବା ଥାନା ଅନ୍ତର୍ଗତ ମଣିଆବନ୍ଧ ଗ୍ରାମର ବିଶ୍ୱାମ୍ବର ବେହେରାଙ୍କ ପୁଅ ବଳଭଦ୍ର ଓ ସ୍ୱର୍ଗତ ଦୋଳ ପାତ୍ରଙ୍କ ପୁଅ ଆର୍ତ ବୋଲି ଜଣାପଡିଛି । ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

# ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଲେ ଅନ୍ୱେଷା ସାହୁ



ବାସୁଦେବପୁର ,୨୩/୧୨ (ନି.ପ୍ର): ଏବେ ନିକଟରେ ଇଣ୍ଡିଆ ବୁକ ଅଫ ରେକର୍ଡ୍ସ ରେ ସ୍ଥାନ ପାଇଛନ୍ତି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ର ମେଧାବୀ ଛାତ୍ରୀ ଅନ୍ୱେସା ସାହୁ । ତାଙ୍କର ବର୍ତ୍ତମାନ ବୟସ ଚାରି ବର୍ଷ ଏଗାର ମାସ । ଅନ୍ୱେସା ବର୍ତ୍ତମାନ ବାସୁଦେବପୁର ମିରାକଲ ପବ୍ଲିକ ସ୍କୁଲ ରେ ୟୁ କେ ଜି ରେ ପଢୁଛନ୍ତି । ଅନ୍ୱେସା ଙ୍କ ପିତା ଇଂଜିନିୟର ମନୋଜ ସାହୁ ଓ ମାତା ରୋଜାଲିନ ସାହୁ । ଏ କ୍ଷେତ୍ରରେ ଅନ୍ୱେଶା ଙ୍କ ଜେଜେ ନବଘନ ସାହୁ ଓ ତାଙ୍କ ଅଜା ଓ ଆଇ ଙ୍କ ଆଶୀର୍ବାଦ ରହିଛି ବୋଲି ସେ କହନ୍ତି । ଏହା ବ୍ୟତୀତ ମିରାକଲ ପବ୍ଲିକ ସ୍କୁଲ ର ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ ଦୁଃଶାସନ ରାଉତ ଓ ସମ୍ପାଦକ ରାହାସ ବିହାରୀ ମହାନ୍ତି ଙ୍କ ପ୍ରେରଣା ପାଇ ଅନ୍ୱେଶା ଆଗେଇ ଚାଲିଛନ୍ତି । ଭବିଷ୍ୟତରେ ଅନ୍ୱେସା ଡାକ୍ତର ହୋଇ ଦେଶ ସେବା କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି । ବାସୁଦେବପୁର ସହରରେ ଅନ୍ୱେଶା ଙ୍କ ବାପା ଇଞ୍ଜିନିୟର ମନୋଜ ସାହୁ ଙ୍କର ଏକ ସୁନା ଦୋକାନ ରହିଛି ଯାହାର ନାମ ନବଘନ ଜୁଏଲର୍ସ । ଅନ୍ୱେଶା ଙ୍କ ପରିବାର ବର୍ଗ ବାସୁଦେବପୁର ସହରରେ ବାସ କରୁଛନ୍ତି । ଓଡ଼ିଶା,ଭାରତ ଓ ପୃଥିବୀ ର ବିଭିନ୍ନ ନଦୀ,ଦେଶ,ରାଜଧାନୀ, ହ୍ରଦ,ମନ୍ଦିର, ମହାପୁରୁଷ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ହଜାର ହଜାର ସାଧାରଣ ଜ୍ଞାନ କୁ ଅନ୍ୱେସା ଖୁବ କମ ସମୟ ମଧ୍ୟରେ କହିଦେଇ ପାରୁଛନ୍ତି । ଏଥିପାଇଁ ବହୁ ସାହିତ୍ୟ,ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଶା ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ, କବି ସୁଧାଂଶୁ ଶେଖର ମିଶ୍ର, କବି ଅଭିମନ୍ୟୁ ବେହେରା, କବି କମଳା କାନ୍ତ କର ପ୍ରମୁଖ ଅନ୍ୱେସା ଙ୍କୁ ଶୁଭ କାମନା ଜଣାଇଛନ୍ତି ।

# କିଷାନ କଂଗ୍ରେସ ପକ୍ଷରୁ ଚାଷୀଙ୍କୁ କ୍ଷତିପୂରଣ ପାଇଁ ଦାବି

କେନ୍ଦ୍ରାପଡ଼ା,୨୩/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଅମଳ ହେବାକୁ ଥିବା ଧାନ ସମେତ ବିରି, ପନିପରିବା, ଫସଲ ସବୁ ଧ୍ୱଂସ ହୋଇ ଯାଇଛି । ବର୍ଷା ପାଣିରେ ବୁଡି ରହି ପାଚିଲା ଧାନ ଗଜାହେବା ସହ ପଚି ନଷ୍ଟ ହୋଇଯାଇ ଥିବାରୁ ଚାଷୀ ଧାର କରଜ କରି ଓ ବ୍ୟାଙ୍କରୁ ଋଣ ଆଣି ପ୍ରକୃତିର ଦାଉ ସହି ମୁଣ୍ଡରେ ହାତ ଦେଇ ବସିଛି । ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ଏନେଇ ଚାଷୀଙ୍କୁ କ୍ଷତିପୁରଣ ଦେବାକୁ ଦାବି କରାଯିବା ସହ ଡାଲୁଅ ଫସଲ ପାଇଁ ସମସ୍ତ କେନାଲରେ ଜଳ ଯୋଗାଣ କରିବାକୁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଛି ।

# କାଲିମେଳା ମଣ୍ଡିରେ ପ୍ରଥମ ଦିନରେ ୬୪ଜଣ ଚାଷୀଙ୍କଠାରୁ ଧାନ କିଣାଗଲା

ମାଲକାନଗିରି,୨୩/୧୨ (ନି.ପ୍ର): ଦୀର୍ଘ ଦିନ ଧରି ସମବାୟ କର୍ମଚାରିଙ୍କ ଆନ୍ଦୋଳନ ଯୋଗୁଁ ଜିଲ୍ଲାରେ ମଣ୍ଡି ଆରମ୍ଭ ହୋଇପାରିନଥିଲା !ଫଳରେ ଚାଷୀ ମାନେ ତୁରନ୍ତ ମଣ୍ଡି ଖୋଲିବା ପାଇଁ ଦାବୀ କରି ଆସୁଥିଲେ !ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ଦ୍ୱାରା ଧାନ କ୍ରୟ ପାଇଁ ନିଷ୍ପତି ନିଆଯାଇ ସେମାନଙ୍କୁ ଏଥିପାଇଁ ଦାୟିତ୍ୱ ଦିଆଯାଇ ଆଜି ମଣ୍ଡି ଆରମ୍ଭ କରାଯାଇଥିଲା !ଆଜି କାଲିମେଳା ଠାରେ ମଣ୍ଡିରେ ମାଳତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନ କ୍ରୟ କରାଯାଇଥିଲା !ପ୍ରଥମ ଦିନରେ ମୋଟ ୬୪ଜଣ ଚାଷୀ ଙ୍କ ଠାରୁ ୫୬୮୩ବ୍ୟାଗ ଧାନ କ୍ରୟ ହୋଇଛି !ଧାନ କ୍ରୟରେ ସ୍ୱୟଂ ସହାୟକ ଗୋଷ୍ଠୀ ର ମା ମାନଙ୍କୁ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ, କୋଇମେଟଲା ଓ ତେଲେରାଇ ପଂଚାୟତର ଯୋଗାଣ ସହାୟକ ମାନେ ସହଯୋଗ କରିଥିଲେ !

# ପିତ୍ତକୋଷରେ ପଥର




ସାଧାରଣରେ ପିତ୍ତକୋଷରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା ହଠାତ୍ ପିତ୍ତକୋଷ ଫୁଲିଯିବା, ଦରଜ ହେବା, ଜ୍ୱର ହେବା, ହଳଦିଆ ପରିସ୍ରା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ କୋଲେସିସ୍ ଟାଇଟିସ୍ କୁହାଯାଏ । ହଠାତ୍ ଏହି ରୋଗ ଆରମ୍ଭ ହୁଏ । ରୋଗୀ ପେଟରେ ଯନ୍ତ୍ରଣା ଅନୁଭବ କରେ । ଭୀଷଣ ଜ୍ୱର ହୁଏ ବାନ୍ତି ଏବଂ ହଳଦିଆ ପରିସ୍ରା ହୁଏ । ବେଳେବେଳେ ଆଖି ହଳଦିଆ ଦେଖାଯାଏ । ଆପେନଡ଼ିକସ୍ ବା ଯକୃତ ପଥରର ଲକ୍ଷଣ ନାରୀମାନଙ୍କ ଠାରେ ଅଧିକ ହୋଇଥାଏ । ବିଶେଷକରି ମୋଟା ସ୍ତ୍ରୀ ଲୋକ, ଛୁଆପିଲା ଥିବା ସ୍ତ୍ରୀ ଲୋକ, ୪୦ ବର୍ଷ ବା ତା' ଠାରୁ ଅଧିକ ବର୍ଷର ନାରୀଠାରେ ଏହି ରୋଗ ବେଶୀ ଦେଖାଯାଏ ।

ଏପରି ହେଲେ ପିତ୍ତକୋଷ ଫୁଲିଯାଏ ଏବଂ ବ୍ୟଥା ହୁଏ । ପିତ୍ତକୋଷରେ ପଥର ଅଧିକ ଭାବରେ ନାରୀମାନଙ୍କର ହୁଏ ପିତ୍ତକୋଷରେ ପଥର ହେବାରେ ବିଭିନ୍ନ କାରଣ ରହିଛି । ତେବେ ମୂଳ କାରଣ ହେଲା ପିତ୍ତକୋଷରେ ଥିବା ପିତ୍ତ ଜମିଗଲେ ଏହା ଧୀରେଧୀରେ ଟାଣ ହୋଇଯାଏ ଏବଂ ପଥର ପରି ଶକ୍ତ ହୋଇଥାଏ । ଏହାକୁ ପିତ୍ତକୋଷରେ ପଥର କୁହାଯାଏ । ପିତ୍ତକୋଷରେ ପଥର ଥିଲେ ଏବଂ ହଠାତ୍ ସଂକ୍ରମଣ ନହେଲେ ଅନେକ ଦିନ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖାଯାଏ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଇଛି କୌଣସି କାରଣରୁ ପେଟରେ ଅଲଟ୍ରାସୋନୋଗ୍ରାଫି କରିବା ବେଳେ ଏହା ଜଣାପଡ଼େ । ପିତ୍ତକୋଷରେ ପଥର ଥିଲେ ଏବଂ ସଂକ୍ରମଣ ହୋଇନଥିଲେ ଏହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନଥାଏ । କେବଳ ବେଳେବେଳେ ପେଟ ଫୁଲାଇବା, ଅଧିକ ଚର୍ବିଜାତୀୟ ଖାଦ୍ୟ ଖାଇଲେ ହଜମ ନହେବା, ଆମ୍ବିଳା ହେକୁଟିରୁ ଅମ୍ଳପିତ୍ତ ହୋଇଥିବା ଜଣାପଡ଼େ ।

# ସାବଧାନ: ଗରମ ପାଣି !



ଶୀତଦିନେ ସାଧାରଣତଃ ଲୋକେ ଗାଧେଇବାକୁ ଇଚ୍ଛା କରନ୍ତି ନାହିଁ । କିନ୍ତୁ ବାଧ୍ୟରେ ଗଧୋଇଲା ବେଳେ ଗରମ ପାଣି ବ୍ୟବହାର କରିଥାନ୍ତି । ତେବେ ଏହା ଆପଣଙ୍କୁ ସମସ୍ୟାରେ ପକାଇପାରିବେ । ଗବେଷଣାରେ କୁହାଯାଇଛି ଯେ ଗାଧୋଇବା ପାଇଁ ବ୍ୟବହାର କରୁଥିବା ପାଣିର ତାପମାତ୍ରା ୩୨ ଡିଗ୍ରୀ ସେଲ୍ସିୟସ୍ ହେବା ଉଚିତ । ଏହାଠାରୁ ଅଧିକ ଗରମ ପାଣିରେ ଗାଧୋଇଲେ ଆପଣଙ୍କ ପାଇଁ କ୍ଷତିକାରକ ହୋଇପାରେ । ତେଣୁ ଡାକ୍ତରମାନେ ନଖ ଉଷୁମ ପାଣିରେ ଗାଧେଇବାକୁ ପରାମର୍ଶ ଦେଇଥାନ୍ତି । ଚାଲନ୍ତୁ ଜାଣିବା ଗରମ ପାଣିରେ ଗାଧୋଇଲେ କ'ଣ କ୍ଷତି କ୍ଷତିକାରକ ହୋଇପାରେ । ଗରମ ପାଣିରେ ଗାଧୋଇବା ଫଳରେ ଚର୍ମର ମଏଷ୍ଟରାଇଜର କମ୍ ହୋଇଯାଏ । ଏହା ଫଳରେ ତ୍ୱଚାର ଚମକ ନଷ୍ଟ ହୋଇଯାଏ । ଗରମ ପାଣି ଚର୍ମକୁ ଆର୍ଦ୍ରତା ଶୋଷିନିଏ । ଏହା ଫଳରେ ଚର୍ମ ସଂକ୍ରମଣ ହେବା ଆଶଙ୍କା ବଢ଼ିଯାଏ । ଗରମ ପାଣି କାରଣରୁ ଚର୍ମର ଟିସ୍ୟୁକୁ କ୍ଷତି ପହଞ୍ଚିଥାଏ ଓ ଚର୍ମ ନଷ୍ଟ ହେବାରେ ଲାଗେ । ଏହା ଫଳରେ ତ୍ୱଚାରେ ସମୟ ପୂର୍ବରୁ ରିଙ୍କଲ୍ସ ଆସିପାରେ । ଗରମ ପାଣି ଦ୍ୱାରା କେଶର ମଏଷ୍ଟରାଇଜର କମ ହୋଇଯାଏ । ଯାହା ଫଳରେ କେଶ ରଫ ଏବଂ ଶୁଷ୍କ ହୋଇପାରେ । କେଶ ଝଡ଼ିବା ମଧ୍ୟ ଆରମ୍ଭ ହୋଇପାରେ । ଅଧିକ ଗରମ ପାଣିରେ କେଶ ଧୋଇବା ଫଳରେ କେଶରେ ରୁପି ହୋଇପାରେ ଗରମ ପାଣିର ବ୍ୟବହାର କରିବା ଦ୍ୱାରା ନଖ ଉପରେ ଖରାପ ପ୍ରଭାବ ପକାଇ ଥାଏ । ଫଳରେ ଆଖିର ଆର୍ଦ୍ରତା ମଧ୍ୟ କମିଯାଏ ।

## ରେଜେଇ ସହ ବିବାହ

ଇଂଲଣ୍ଡ ଡେଭୋନ ସହରରେ ରହୁଥିବା ପାସକଲ ସେଲିକ ନିଜର ବ୍ୟବହୃତ ରେଜେଇ ସହ ବିବାହ କରିବାକୁ ଯାଉଛନ୍ତି । ପାସକଲ ଯେଉଁ ରେଜେଇ ସହିତ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି ତାହାକୁ 'ଡୁଭେଟ୍' କୁହନ୍ତି । ରେଜେଇ ସହ ବିବାହ ଲାଗି ସେ ସମସ୍ତ ପ୍ରସ୍ତୁତି ସାରିଛନ୍ତି । ଏହି ବିବାହୋତ୍ସବରେ ଗୋଟିଏ ସାଧାରଣ ବିବାହ ଭଳି ଖାଦ୍ୟ, ସଙ୍ଗୀତ ଓ ସାଜସଜ୍ଜାର ବ୍ୟବସ୍ଥା ମଧ୍ୟ ସେ କରିଛନ୍ତି । ସେ କହିଛନ୍ତି ଯେ ରେଜେଇ ସହିତ ତାଙ୍କର ସମ୍ପର୍କ ଅଦ୍‌ଭୁତ ଓ ଅସାଧାରଣ । ଖାଦ୍ୟ ଏବଂ ସଙ୍ଗୀତ ଜୀବନରେ ଅସ୍ୱଶ୍ୟକ, ତଥାପି ରେଜେଇ ସହିତ ତାଙ୍କର ସଂପର୍କ ମଧ୍ୟ ଆଜୀବନ ରହିବ ଏଥିରେ ସନ୍ଦେହ ନାହିଁ । ଡୁଭେଟ୍ ମୋ ସହିତ ସବୁ ସମୟରେ ରହିଥାଏ । ସେ ରେଜେଇକୁ ସବୁ ସମୟରେ ଆଲିଙ୍ଗନ କରିଥାନ୍ତି । ତେଣୁ ଲୋକମାନଙ୍କ ନିମନ୍ତ୍ରଣ କରି ରେଜେଇ ସହ ତାଙ୍କର ବିବାହକୁ ସାର୍ବଜନୀନ କରିବା ନିଷ୍ପତ୍ତି ନେଇଛନ୍ତି, ବିବାହ ପାଇଁ ସେ ମଧ୍ୟ ଗୋଟିଏ ଆକର୍ଷଣୀୟ କାର୍ଡ ଛପାଇଛନ୍ତି ।

# କର୍କଟ କବଳରୁ ମୁକ୍ତି



ସାମ୍ପ୍ରତିକ ସମୟର ସର୍ବାଧିକ ଆତଙ୍କ ସୃଷ୍ଟିକାରୀ ରୋଗ ଭାବରେ କ୍ୟାନସର ବା କର୍କଟ ବିବେଚିତ । ଥରେ ଏହି ରୋଗର କବଳିତ ହେବାପରେ ପର୍ଯ୍ୟପ୍ତ ପରିମାଣର ଧନ ବ୍ୟୟ ହେବା ସହିତ ଜୀବନ ହାନି ମଧ୍ୟ ଘଟିଥାଏ । ଭାରତରେ ଓଠ ଓ ମୁଖ ଗହ୍ୱର କର୍କଟର ବ୍ୟାପ୍ତି ଅଧିକ ଚିନ୍ତାର କାରଣ ପାଲଟୁଛି । ଡାକ୍ତରମାନଙ୍କ ମତରେ, ଭାରତରେ ପ୍ରାୟ ୬୦ ପ୍ରତିଶତ କ୍ୟାନସର ରୋଗକୁ ପ୍ରତିରୋଧ କରାଯାଇ ପାରିବ । ଉତ୍ତମ ରୋଗ ନିରୂପଣ ବ୍ୟବସ୍ଥା ଏବଂ ଲୋକମାନଙ୍କର ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଦେଶରେ ଦିନ ପରେ ଦିନ କ୍ୟାନସର ରୋଗ ବୃଦ୍ଧି ପାଇବାର କେତେଗୋଟି କାରଣ । ତମାଖୁର ବ୍ୟବହାର, ମଦ୍ୟପାନ, ପ୍ରକ୍ରିୟକୃତ ଖାଦ୍ୟ ପଦାର୍ଥ ଭୋଜନ, ବାୟୁ ପ୍ରଦୂଷଣ, ଓବେଇସିଟି ବା ମୋଟାପଣ ଇତ୍ୟାଦି ଏହି ରୋଗର ସୃଷ୍ଟି ଓ ବୃଦ୍ଧି ପାଇଁ ଦାୟୀ । ତେବେ ଆଶ୍ୱାସନାର କଥା ହେଉଛି, ତମାଖୁ ବ୍ୟବହାରକୁ କମାଇ, କେତେକ ପ୍ରକାରର କ୍ୟାନସର ନିମନ୍ତେ ଇଞ୍ଜେକସନ୍ ନେଇ ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀକୁ ଆପଣାଇ ଉଲ୍ଲେଖନୀୟ ଭାବରେ କ୍ୟାନସର ରୋଗର ପ୍ରାଦୁର୍ଭାବକୁ ହ୍ରାସ କରାଯାଇ ପାରିବ । ଯେଉଁ ଧରଣର ପରିବର୍ତ୍ତନ କ୍ୟାନସର ରୋଗ ରୂପୀ ବୋଝକୁ କମାଇ ପାରିବ, ଅର୍ଥନୀତି ଉପରେ ସେହି ପରିବର୍ତ୍ତନ ମଧ୍ୟ ସକାରାତ୍ମ ପ୍ରଭାବ ପକାଇ ପାରିବ । ତେଣୁ ଏବେଠାରୁ ଯଦି ତମାଖୁ ଜାତୀୟ ଦ୍ରବ୍ୟ, ମଦ୍ୟ ଇତ୍ୟାଦିର ପ୍ରସାର ଉପରେ ନିୟନ୍ତ୍ରଣ ରଖାଯିବା ସହିତ ଟିକରଣ ଉପରେ ପ୍ରାଧାନ୍ୟ ଦିଆଯାଏ, ତାହେଲେ ଦେଶର ଉଭୟ ଶାରୀରିକ ଏବଂ ଅର୍ଥନୀତିକ ସ୍ୱାସ୍ଥ୍ୟ ଆହୁରି ଉନ୍ନତ ହେବ ।



# ଘୋଡ଼ା ଖୁରାର ହ୍ରଦ ପର୍ଯ୍ୟଟନ



ଅଂଶୁପା ଏସିଆ ମହାଦେଶର ବଡ଼ ମଧୁର ଜଳ ହ୍ରଦ । କଟକ ଜିଲ୍ଲାରେ ଅବସ୍ଥିତ ଏହା ଏକ ମଧୁର ଜଳ ଓ ଅଶ୍ୱଖୁରାକୃତି ହ୍ରଦ । ଏହା ମହାନଦୀ କୂଳରେ, ବାଙ୍କୀ ବିପରୀତ ଦିଗରେ ପାଖାପାଖି ୧୪୧ ହେକ୍ଟର ଜମିରେ ବ୍ୟାପିଅଛି । ବାଙ୍କୀରେ ଅବସ୍ଥିତ ଏହି ହ୍ରଦ କଟକ ସହଠାରୁ ୭୦ କି.ମି ଦୂରରେ ଅବସ୍ଥିତ ଯାହା ଶୀତଦିନରେ ବହିରାଗତ ଚଢ଼େଇମାନଙ୍କ ପାଇଁ ଏକ ବାସସ୍ଥାନ ଭଳି କାମ କରିଥାଏ । ସରଣ୍ଡା ପାହାଡ଼ ପାଖରେ ଏହା ବାଉଁଶ ବଣ ଓ ଆମ୍ବ ତୋଟା ଭିତରେ ରହିଛି । ଅଂଶୁପା ହ୍ରଦରେ ନୌକା ଚାଳନା ଓ ମାଛଧରାର ସୁବିଧା ମଧ୍ୟ ଅଛି । ଗତ କିଛି ବର୍ଷ ହେଲା ସ୍ୱଳ୍ପ ବୃଷ୍ଟି ଯୋଗୁଁ ଅଂଶୁପା ଏବେ ଜରାଜୀର୍ଣ୍ଣ । ଶୁଖିଲା ପଡ଼ିବା କାରଣରୁ ଦଳ ମାଡ଼ିଗଲାଣି । ମାଛମାରି ଜୀବିକା ନିର୍ବାହ କରୁଥିବା ମତ୍ସଜୀବୀ ଜୀବିକା ହରାଇବାକୁ ବସିଲେଣି । ଅଂଶୁପା ସୌନ୍ଦର୍ଯ୍ୟ ହରାଇ ବସିଥିବା ବେଳେ ପାଣି ଅଭାବରୁ ଚାଷ ପ୍ରଭାବିତ ହେଉଛି । ଅପେକ୍ଷାକୃତ ସାନ ହେଲେ ମଧ୍ୟ ଏହି ସ୍ଥାନ ବିଚିତ୍ରବର୍ଣ୍ଣ । ଭ୍ରମଣଶୀଳ ପକ୍ଷୀମାନଙ୍କ ପାଇଁ ଶୀତଦିନରେ ସ୍ୱର୍ଗ ସଦୃଶ ହୋଇଥାଏ । ଏହି ହ୍ରଦର ଜଳର ପରିବ୍ୟାପ୍ତ ମତ୍ସ୍ୟ ଚାଷ, ନୌକା ବିହାର ପାଇଁ ଉତ୍ତମ ବିବେଚିତ ହୋଇଥାଏ । ଏଠାକୁ ବୁଲିବାକୁ ଆସିବାର ପ୍ରକୃଷ୍ଟ ସମୟ: ଅକ୍ଟୋବରରୁ ମାର୍ଚ୍ଚ ମାସ ।




# ଭାରତର ଭବ୍ୟ
# ରାଜପ୍ରସାଦ







ପୂର୍ବତନ ରାଜବଂଶଗୁଡ଼ିକ ପାଇଁ ସାରା ବିଶ୍ୱରେ ଭାରତ ପ୍ରସିଦ୍ଧ । ବିଭିନ୍ନ ରାଜପରିବାରର ଭବ୍ୟ ମହଲ ଆଜି ବି ଅକ୍ଷୁର୍ଣ୍ଣ ରହିଛି । ଏହି ହେରିଟେଜ୍ ପ୍ୟାଲେସ୍‌ଗୁଡ଼ିକ ଆମକୁ ଅତୀତର ଶାହୀ ପରିବାରର ରାଜକୀୟ ଜୀବନଶୈଳୀ ମନେପକାଇ ଦିଏ । ସାରା ଭାରତରେ ପ୍ରସିଦ୍ଧ କେତେକ ରାଜପ୍ରସାଦ ସମ୍ପର୍କରେ ଏହି ଆଲେଖ୍ୟ ।



## ଅମ୍ବା ବିଳାସ ପ୍ୟାଲେସ:

କର୍ଣ୍ଣାଟକର ଅମ୍ବା ବିଳାସ ପ୍ୟାଲେସ ଭାରତର ସବୁଠାରୁ ସୁନ୍ଦର ମହଲ ମଧ୍ୟରୁ ଅନ୍ୟତମ । ଏଠାରେ ମୈଶୂରଶାହୀ ପରିବାରର ସଦସ୍ୟମାନେ ରହୁଥିଲେ । ଏହାକୁ ରୟାଲ ପ୍ୟାଲେସ ଅଫ୍ ମୈଶୂର ମଧ୍ୟ କୁହାଯାଏ । ଏହି ମହଲରେ ନିର୍ମାଣ କାର୍ଯ୍ୟ ୧୮୯୭ରେ ଆରମ୍ଭ ହୋଇ ୧୯୧୨ରେ ଶେଷ ହୋଇଥିଲା । ପରେ ଶାହୀ ପରିବାରର ଆର୍କିଟେକ୍ଟ ହେନରୀଙ୍କ ଦ୍ୱାରା ମହଲକୁ ବିସ୍ତାର କରାଇଥିଲେ । ଏହି ମହଲର ବାସ୍ତୁକଳା ହିନ୍ଦୁ, ମୁଗଲ, ଗୋଥିକ ଏବଂ ରାଜପୂତନା ଶୈଳୀରେ ନିର୍ମାଣ କରାଯାଇଛି । ଅମ୍ବାବିଳାସ ପ୍ୟାଲେସ ବୁଲିଦେଖିବାର ସବୁଠାରୁ ଭଲ ସମୟ ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ । ଅମ୍ବା ବିଳାସ ପ୍ୟାଲେସରେ ୧୪ଟି ହିନ୍ଦୁ ମନ୍ଦିର, ଉଦ୍ୟାନ ଏବଂ ବଗିଚା ରହିଛି । ଏହି ମହଲରେ ମୈଶୂରର ପ୍ରସିଦ୍ଧ ଶାହୀ ଦଶହରା ପର୍ବକୁ ବେଶ୍ ଧୁମଧାମର ସହ ପାଳନ କରାଯାଏ ।

## ଉମେଦଭବନ ପ୍ୟାଲେସ:

ଜୋଧପୁରର ଉମେଦ ଭବନ ପ୍ୟାଲେସ ଶାହୀ ପରିବାରର ଆବାସୀ ସ୍ଥାନ ରୂପେ ସାରା ଭାରତରେ ପରିଚିତ । ଏହି ବିଶାଳ ପ୍ୟାଲେସରେ ୩୪୭ ପ୍ରକୋଷ୍ଠ ରହିଛି । ଏହି ମହଲକୁ ତିନୋଟି ଭାବରେ ବିଭକ୍ତ କରାଯାଇଛି । ପ୍ରଥମ ଭାଗରେ ଏକ ରାଜକୀୟ ହୋଟେଲ, ଦ୍ୱିତୀୟରେ ଶାହୀ ପରିବାରର ଘର ଏବଂ ତୃତୀୟ ଭାଗରେ ଏକ ମ୍ୟୁଜିୟମ ରହିଛି । ଏହାଛଡ଼ା ଏହି ମହଲର ମୁଖ୍ୟ ଆକର୍ଷଣ ଶାହୀ ପରିବାରର ଯାନବାହନ । ଏଠାରେ ଏକ ଗ୍ୟାଲେରୀ ରହିଛି ଯେଉଁଠାରେ ପର୍ଯ୍ୟଟକ ମାନେ ଆକର୍ଷଣୀୟ ଅଟୋମୋବାଇଲ ଦେଖିବାର ମଜା ଉଠାଇପାରିବେ ।

## ଲକ୍ଷ୍ମୀବିଳାସ ପ୍ୟାଲେସ:

ଗୁଜରାଟର ଏହି ମହଲ ଭାରତର ସବୁଠାରୁ ଭବ୍ୟ ମହଲ ମଧ୍ୟରୁ ଅନ୍ୟତମ । ଏହାକୁ ୧୮୯୦ ମସିହାରେ ନିର୍ମାଣ କରାଯାଇଥିଲା । ଏହି ମହଲର ଇଣ୍ଟିରିୟର୍ସ ଏବଂ ଡିଜାଇନ୍ ଏତେ ସୁନ୍ଦର ଯେ ପର୍ଯ୍ୟଟକ ଥରେ ଏଠାକୁ ଆସିଲେ ଫେରିବାକୁ ଇଚ୍ଛା କରନ୍ତି ନାହିଁ । ଏହି ମହଲ ବୁଲିଯିବାର ସବୁଠାରୁ ଭଲ ସମୟ ଅକ୍ଟୋବରରୁ ମାର୍ଚ୍ଚ । ଲକ୍ଷ୍ମୀ ବିଳାସ ପ୍ୟାଲେସ ବୁଲିବାକୁ ହେଲେ ପ୍ରତି ବ୍ୟକ୍ତିଙ୍କୁ ୧୭୦ଟଙ୍କା ଦେବାକୁ ପଡ଼ିଥାଏ । ମହଲର ସବୁଠାରୁ ବଡ଼ କଥା ହେଉଛି ଏହା ଲଣ୍ଡନର ବକିଂହମ୍ ପ୍ୟାଲେସ ଠାରୁ ୪ଗୁଣ ବଡ଼ । ଏହି ମହଲର ସ୍ଥାପତ୍ୟ ମରାଠା ଏବଂ ଇଣ୍ଡୋ-ସାରା ସୋନିକ ଶୈଳୀରେ କରାଯାଇଅଛି ।





## ଜୟ ବିଳାସ ପ୍ୟାଲେସ:

ମଧ୍ୟପ୍ରଦେଶର ଜୟବିଳାସ ପ୍ୟାଲେସ୍ ବୁଲିଯିବା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ମାସ ସବୁଠାରୁ ଭଲ ସମୟ । ଏହି ବିଶାଳ ମହଲର ନିର୍ମାଣ ୧୮୭୪ ମସିହାରେ କରାଯାଇଥିଲା । ମହଲକୁ ଦେଖିବା ପାଇଁ ଟିକଟ କାଟିବାକୁ ପଡ଼ିଥାଏ । ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ଟିକଟ ମୂଲ୍ୟ ୧୦୦ ଯଙ୍କା, ବିଦେଶୀ ପର୍ଯ୍ୟଟଙ୍କ ପାଇଁ ୬୦୦ ଟଙ୍କା ଏହାର କ୍ଷେତ୍ରଫଳ ୧୨,୪୦,୭୭୧ ବର୍ଗଫୁଟ । ଏହି ରାଜକୀୟ,ମହଲରେ ୪୦୦ କୋଠରୀ ରହିଛି । ବିଶାଳ ମହଲର ବାସ୍ତୁକଳା ଇଟାଲୀୟ, ଟସ୍କନ ଏବଂ କୋରିଥିୟନ୍ ଶୈଳୀରେ ପ୍ରଦର୍ଶିତ କରାଯାଇଛି ।

## ଉଜ୍ଜୟନ୍ତ ପ୍ୟାଲେସ:

ଅଗରତାଲାର ଉଜ୍ଜୟନ୍ତ ପ୍ୟାଲେସ ଭାରତର ରୟାଲ ପ୍ୟାଲେସଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ନିର୍ମାଣ ୧୮୯୯ରୁ ୧୯୦୧ ମସିହା ମଧ୍ୟରେ କରାଯାଇଥିଲା । ଏହି ମହଲ ବୁଲିବାକୁ ଯିବାର ସବୁଠାରୁ ଉତ୍ତମ ସମୟ ଡିସେମ୍ବରରୁ ମାର୍ଚ୍ଚ । ଉଜ୍ଜୟନ୍ତ ପ୍ୟାଲେସ ବର୍ତ୍ତମାନ ଏକ ରାଜ୍ୟ ସଂଗ୍ରହାଳୟ ରୂପେ ପରିଚିତ ଯେଉଁଠି ଭାରତର ସମୁଦାୟ ଜୀବନଶୈଳୀ, କଳା ଏବଂ ସଂସ୍କୃତିର ସନ୍ତକ ରହିଛି । ଏହି ମହଲର ୨୫୦ ଏକର ମଧ୍ୟରେ ରହିଛି ଏକ ସିଂହାସନ କକ୍ଷ, ଦରବାର ହଲ, ପୁସ୍ତକ ହଲ ଏବଂ ଗୋଟିଏ ସ୍ୱାଗତ କକ୍ଷ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ହଟ୍ଟଗୋଳରେ ସମାପ୍ତ...

ନିର୍ଦ୍ଧାରିତ ସମୟର ଗୋଟିଏ ଦିନ ପୂର୍ବରୁ ସଂସଦର ଶୀତକାଳୀନ ଅଧିବେଶନ ଶେଷ ହୋଇଛି ଏବଂ ଯଥାରୀତି ଉଭୟ ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଏହି ଅଧିବେଶନ କାଳରେ ଉଭୟ ଗୃହରେ ବିରୋଧୀ ଦଳ ସଦସ୍ୟମାନଙ୍କ ହଟ୍ଟଗୋଳ ସଙ୍ଗେ ଦଶଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହୋଇଛି ଏବଂ ଅନ୍ୟ ବାରଟି ନୂତନ ବିଲ୍ ଉପସ୍ଥାପନ କରାଯାଇଛି । ଏହି ଅଧିବେଶନ କାଳରେ ଲୋକସଭାର ୮୭ ପ୍ରତିଶତ କାର୍ଯ୍ୟ ଉପାଦେୟତା ହାସଲ କରିଥିବାବେଳେ ରାଜ୍ୟ ସଭା ୪୭ ପ୍ରତିଶତ କାର୍ଯ୍ୟଦକ୍ଷତା ଅର୍ଜନ କରିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ତେବେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସଦସ୍ୟଙ୍କ ଦ୍ୱାରା ଲୋକସଭା ଓ ରାଜ୍ୟସଭାରେ ହଟ୍ଟଗୋଳ ଯୋଗୁ ଅଧିକାଂଶ ଦିନ ଗୃହକୁ ମୁଲତବୀ ରଖାଯିବା ପରିଲକ୍ଷିତ ହୋଇଥିଲା । ତେଣୁ ଅଧିବେଶନ ଶେଷ ହେବା ପରେ କ୍ଷମତାସୀନ ଦଳ ଏବଂ ବିରୋଧୀ ଦଳଙ୍କ ପକ୍ଷରୁ ଏହାର କାର୍ଯ୍ୟସଫଳତାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି । ଅଧିବେଶନ ଶେଷ ହେବା ପରେ ରାଜ୍ୟସଭା ଅଧ୍ୟକ୍ଷ ଏମ ଭେଙ୍କୟା ନାଇଡୁ ବିରୋଧୀ ଦଳଙ୍କ ଆଚରଣ ସଂପର୍କରେ ମନ୍ତବ୍ୟ ଦେଇ କହିଛନ୍ତି ଯେ ମାନ୍ୟବର ସଦସ୍ୟଗଣ ସେମାନଙ୍କର ଆଚରଣ ସଂପର୍କରେ ଆମ ନିରୀକ୍ଷଣ କରିବା ଆବଶ୍ୟକ । ସୂଚନାଯୋଗ୍ୟ ଯେ ଉ ର ପ୍ରଦେଶର ଲକ୍ଷ୍ମୀପୁର ଖେରୀ ଘଟଣା ପ୍ରସଙ୍ଗରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯିବା ଦାବି କରି ରାଜ୍ୟସଭାରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଯୋଗୁ ଅଧ୍ୟକ୍ଷ ଶ୍ରୀ ନାଇଡୁ ୧୨ ଜଣ ବିରୋଧୀ ସଦସ୍ୟଙ୍କୁ ଚଳିତ ଅଧିବେଶନ ଶେଷ ହେବା ପର୍ଯ୍ୟନ୍ତ ଗୃହରୁ ନିଲମ୍ବନ କରିଥିଲେ । ସେମାନଙ୍କ ମଧ୍ୟରେ କଂଗ୍ରେସ, ତୃଣମୂଳ କଂଗ୍ରେସ, ଶିବ ସେନା, ସିପିଆଇ ଏବଂ ସିପିଏମ ଦଳର ସଦସ୍ୟମାନେ ସାମିଲ । ମାନ୍ୟବର ସଦସ୍ୟମାନଙ୍କ ଉପର ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ନେଇ ଏହା ପରେ ସୁଦ୍ଧା ଗୃହରେ ବିରୋଧୀ ଦଳଙ୍କ ବିରୋଧାଭାଷ ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା ଏବଂ ଏପର୍ଯ୍ୟନ୍ତ ନିଲମ୍ବିତ ସଦସ୍ୟମାନେ ସଂସଦ ଭବନ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ସରକାର ଜାଣିଶୁଣି ଏହି ସଦସ୍ୟମାନଙ୍କୁ ନିଲମ୍ବନ କରିଛନ୍ତି ବୋଲି ସଂସଦରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗ ଅଭିଯୋଗ କରିଛନ୍ତି । କାରଣ ଯାହା ହେଉନା କାହିଁ କି ସଂସଦରେ ଏଭଳି ଅବସ୍ଥା ଜାରି ରହିବା ଏବଂ ମୂଲ୍ୟବାନ ସମୟ ନଷ୍ଟ ହେବା ନା ଦେଶ ପାଇଁ ନା ଗଣତନ୍ତ୍ର ଲାଗି ଶୁଭସଂକେତ । ପରିସଂଖ୍ୟାନ କହେ ଯେ ଚଳିତ ଅଧିବେଶନ କାଳରେ ଲୋକସଭା ମାତ୍ର ୮୩ ଘ । ୧୨ ମିନିଟ ପାଇଁ ଚାଲିଛି । ସେହି ଭଳି ରାଜ୍ୟସଭାର ମୋଟ ୪୫.୪ ଘ ।ର କାର୍ଯ୍ୟ ସମୟ ମରୁ ମାତ୍ର ୨୧.୭ ଘ । ଲାଗି ଆଲୋଚନା ହୋଇପାରିଛି । ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଲୋକସଭାର ୧୮ ଘ । ୪୮ ମିନିଟ ସମୟ ବରବାଦ ହୋଇଥିବା ଜଣାପଡ଼ିଛି । ଗୃହ ସୁରୁଖୁରୁ ଭାବେ ଚାଲିଥିଲେ ଦେଶର ହିତ ପାଇଁ ମାନ୍ୟବର ସଦସ୍ୟମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିପାରିଥାନ୍ତେ କେବଳ ଶୀତ ଅଧିବେଶନ । ଅଧିକେ ଅଧିକାଂଶ ଅଧିବେଶନ କାଳରେ ଏବେ ଏଭଳି ଅଚଳାବସ୍ଥା ଯୋଗୁ ସଂସଦ କିମ୍ବା ରାଜ୍ୟ ବିଧାନସଭାମାନଙ୍କରେ ମୂଲ୍ୟବାନ ସମୟ ନଷ୍ଟ ହେବା ଏକ ଧାରାରେ ପରିଣତ ହୋଇଛି । ଏହା ଗଣତନ୍ତ୍ରର କେଉଁ ଦିଗ ବୋଲି ବୁଝାଯିବ ? ଅଥବା ଏହାକୁ ରୋକିବାର ଉପାୟଟି କ'ଣ ? ଶୀତ ଅଧିବେଶନର ପ୍ରଥମ ଦିନରେ କୃଷି ଆଇନ ରଦ୍ଦ ବିଲ୍ ଗୃହୀତ ହେବା ହେଉ ଅଥବା ନିର୍ବାଚନ ଆଇନ (ସଂଶୋଧନ) ବିଲ, ନାର୍କୋଟିକ୍ ଡର୍ ଏବଂ ସାଇକୋଟ୍ରପିକ୍ ସବଷ୍ଟାନ୍ସେସ୍ ବିଲ୍ ବା ନଦୀବନ୍ଧ ନିରାପ । ବିଲ ହେଉ ଏହି ଭଳି ଦଶଟି ବିଲ୍ ଗୃହୀତ ହେବା ଏବଂ ଅନ୍ୟ କିଛି ବିଲ ଉପସ୍ଥାପନ ହେବା ଯେତି କି ଆନନ୍ଦର କଥା, ସେହି ଭଳି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଲ ଗୁଡ଼ିକ ଉପରେ ଆଲୋଚନା ହେବା ମଧ ବା ନୀୟ । ଏହା ଯେଉଁ ବିଲ୍ ଉପରେ ଯେତି କି ଘମାଘୋଟି ଆଲୋଚନା ହେବ, ତାହା ଗୃହୀତ ହେବା ପୂର୍ବରୁ ସେତିକି ପୁଷ୍ଟ ହୋଇ ଆଇନର ମାର୍ଗ ଆପଣାଇବ । ଏହାର ନଜିର ଭାରତୀୟ ସଂସଦୀୟ ଇତି ହାସରେ ଅଭାବ ନାହିଁ । ଏପରିକି ସରକାରୀ ବିଲ୍‌କୁ ସର୍ବସମ୍ମତ ଭାବେ ବିରୋଧୀ ସଦସ୍ୟମାନେ ସମର୍ଥନ କରିବା ଏବଂ ବିରୋଧୀ ଦଳଙ୍କ ସୁପରାମର୍ଶକୁ ସରକାର ଗ୍ରହଣ କରିବାର ପରମ୍ପରା ମଧ ପର୍ଯ୍ୟାପ୍ତ । ତେଣୁ ସେହି ସୁସ୍ଥ ପରମ୍ପରାରେ ହିଁ କାର୍ଯ୍ୟ କଲେ ଭାରତ ନିଜକୁ ବିଶ୍ୱର ସର୍ବଶ୍ରେଷ୍ଠ ଗଣତନ୍ତ୍ର ଭାବେ ନିଜକୁ ଦାବି କରିପାରିବ ।

## ବିଶିଷ୍ଟ ସମବାୟବିଦ୍ ଶଶୀଭୂଷଣ ହରିଚ଼ନ୍ଦନ



ବିଶ୍ୱବିଜୟୀ ଦାଶ

ଶୋଲରୀ, ଭାଲେରୀ, ଘଣ୍ଟଶିଳା, ଖଣ୍ଡାହଣା ପାହାଡ଼ ପରିବେଷ୍ଟିତ ମରାଳ ମାଳିନୀ ନୀଳାମ୍ବୁ ଚ଼ିଲିକାର ତଟ ଦେଶରେ ବାଣପୁର ମାଟି, ତା ମଧ୍ୟରେ ଭାଟପଡ଼ା ଅଞ୍ଚଳର ଗୋଡ଼ିଝର ଗ୍ରାମରେ ୧୯୨୯ ମସିହା ମଇ ୨୯ ତାରିଖରେ ଜନ୍ମଗ୍ରହଣ କରିଥିଲେ ପ୍ରଚ଼ଣ୍ଡ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଶଶୀଭୂଷଣ ହରିଚ଼ନ୍ଦନ।

ତାଙ୍କ ପିତା ସ୍ୱର୍ଗତ ପର୍ଶୁରାମ ହରିଚ଼ନ୍ଦନ, ଯିଏକି ଜଣେ ସ୍ୱାଧିନତା ସଂଗ୍ରାମୀ, ବିପ୍ଳବୀ ଜନନେତା ତଥା ଜାତୀୟତାବାଦୀ ନାଟ୍ୟକାର। 'ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି' ପିଲା ବେଳରୁ ତାଙ୍କର ମୂଳ ଲକ୍ଷ୍ୟ ଥିଲା ସମାଜସେବା, ଅଞ୍ଚଳର ଉନ୍ନତି ଓ ବିକାଶ।ସେ ମାଇନର ପାଶ୍ ପରେ ବାଣପୁର ହାଇସ୍କୁଲ(ବର୍ତ୍ତମାନ ଗୋଦାବରୀଶ ବିଦ୍ୟାପୀଠ)ରେ ପଢ଼ନ୍ତି। ନବମ ଶ୍ରେଣୀରେ ଖୋର୍ଦ୍ଧା ହାଇସ୍କୁଲରେ ନାମ ଲେଖାନ୍ତି।ଖୋର୍ଦ୍ଧା ସ୍କୁଲରୁ ମାଟ୍ରିକ ପାସ୍ କଲା ପରେ ସାମନ୍ତ ଚ଼ନ୍ଦ୍ରଶେଖର କଲେଜରେ ନାମ ଲେଖାନ୍ତି। ଅନେକ କବିତା ଏହି ସମୟରେ ସେ ଲେଖିଛନ୍ତି। ପରବର୍ତ୍ତି ସମୟରେ ସେ ଆଙ୍କୁଲା ସୋମନାଥଦେବ ବିଦ୍ୟାପୀଠ ରେ ଶିକ୍ଷକତା କରି ଜଣେ ଉଚ୍ଚକୋଟିର ଆଦର୍ଶ ଶିକ୍ଷକ ଭାବେ, ଅନେକ ପ୍ରତିଭାବାନ ଛାତ୍ର ସୃଷ୍ଟି କରିଥିଲେ।

ତା'ପରେ କିଛିଦିନ ଗ୍ରାମସେବକ ଭାବେ ଚ଼ାକିରି କରିଥିଲେ।ପରବର୍ତ୍ତୀ ସମୟରେ ତାଙ୍କୁ ପ୍ରମୋସନ ରେ ବି.ଡ଼ି.ଓ ଚ଼ାକିରୀ ଦିଆଯାଉଥିଲା। କିନ୍ତୁ ଶଶୀଭୂଷଣ ହରିଚ଼ନ୍ଦନ ବି.ଡ଼ି.ଓ ଚ଼ାକିରୀ କୁ ପ୍ରତ୍ୟାଖ୍ୟାନ କରି ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବାକୁ ନିଜର ବ୍ରତ ରୂପେ ଗ୍ରହଣ କରିନେଇଥିଲେ।

ଗମ୍ଭାରିମୁଣ୍ଡା ତଥା ବାଣପୁର ଅଞ୍ଚଳର ଉନ୍ନତି ଓ ବିକାଶ ପାଇଁ ଲାଗିପଡ଼ିଥିଲେ। ବାଣପୁରରେ ଜନସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଶଶୀଭୂଷଣ ହରିଚ଼ନ୍ଦନ ୧୯୭୧ ମସିହାରେ ସାଧାରଣ ଲୋକଙ୍କର ବିପୁଳ ସମର୍ଥନ ହାସଲ କରି ସେ ସମୟରେ ଏକ ଶୋଷଣକାରୀ ଗୋଷ୍ଠୀ ବିରୋଧରେ ନିର୍ଣ୍ଣାୟକ ଲଢ଼େଇରେ ଅବତୀର୍ଣ୍ଣ ହୋଇ ଓଡ଼ିଶା ପ୍ରଦେଶର ଜନସଂଘର ସର୍ବ ପ୍ରଥମ ନିର୍ବାଚ଼ିତ ବ୍ଲକ ଅଧ୍ୟକ୍ଷ ଭାବରେ ବାଣପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଆସନ ଅଳଙ୍କୃତ କରିଥିଲେ। ବାଣପୁର ବ୍ଲକ ଅଧ୍ୟକ୍ଷ ଭାବେ ଅଞ୍ଚଳର ବହୁ ଉନ୍ନତି ଓ ବିକାଶ କରିଥିଲେ।୧୯୭୨ ମସିହାରେ ଅନୁଷ୍ଠିତ ଓଡ଼ିଶା ବିଧାନସଭା ପାଇଁ ସାଧାରଣ ନିର୍ବାଚ଼ନ ରେ ଜନସଂଘର ପ୍ରାର୍ଥୀ ଭାବରେ ସୂଚ଼ିତ ହୋଇଥିଲେ ମଧ, ଚ଼ିଲିକା ନିର୍ବାଚ଼ନ ମଣ୍ଡଳୀର ତତ୍କାଳୀନ ନାମ ବାଣପୁରକୁ ପରିବର୍ତ୍ତନ କରାଯାଇ ଚ଼ିଲିକା କରାଯିବାରୁ, ସ୍ୱାଭିମାନୀ ଶଶୀଭୂଷଣ ହରିଚ଼ନ୍ଦନଙ୍କ ମନଭିତରେ, ସରକାରଙ୍କ ଏତାଦୃଶ ନିଷ୍ପତ୍ତି ବିରୋଧରେ ବିଦ୍ରୋହ ସୃଷ୍ଟି ହୋଇଥିଲା। ତାଙ୍କରି ନେତୃତ୍ୱରେ ଏକ ଆନ୍ଦୋଳନର ଫଳସ୍ୱରୂପ, ସେଥର ନିର୍ବାଚ଼ନରେ, ଚ଼ିଲିକା ନିର୍ବାଚ଼ନ ମଣ୍ଡଳୀରୁ କେହି ପ୍ରାର୍ଥୀପତ୍ର ଦାଖଲ କଲେ ନାହିଁ। ଫଳତଃ, ସାରା ଓଡ଼ିଶାରେ ନିର୍ବାଚ଼ନ ଅନୁଷ୍ଠିତ ହୋଇଥିଲେ ମଧ, ଚ଼ିଲିକା ନିର୍ବାଚ଼ନ ମଣ୍ଡଳୀରେ ନିର୍ବାଚ଼ନ ହୋଇପାରିନଥିଲା। ପରବର୍ତ୍ତୀ ସମୟରେ, ଯେତେବେଳେ ଉପନିର୍ବାଚ଼ନ ହେଲା, ସରକାର ତାଙ୍କ ନିଷ୍ପତ୍ତିର ପରିବର୍ତ୍ତନ ନ କରିଥିବାରୁ, ଶଶୀଭୂଷଣ ଆଉ ପ୍ରାର୍ଥୀ ହେବା ପାଇଁ ମନାକଲେ ଓ ୧୯୭୪ ମସିହାରେ ଅନୁଷ୍ଠିତ ଉପନିର୍ବାଚ଼ନ ରେ ଚ଼ିଲିକାରୁ ଜନସଂଘର ପ୍ରାର୍ଥୀ ଭାବେ ଶଶୀଭୂଷଣଙ୍କ ସାନଭାଇ ଆଇନଜ୍ଞ ବିଶ୍ୱଭୂଷଣ ହରିଚ଼ନ୍ଦନ ପ୍ରାର୍ଥୀ ହେଲେ। ୧୯୭୭ ମସିହାରେ ଜନତା ପାର୍ଟିରେ ଭାରତୀୟ ଜନସଂଘର ବିଲୟ ପୂର୍ବରୁ ସ୍ୱର୍ଗତ ଶଶୀଭୂଷଣ ହରିଚ଼ନ୍ଦନ ଅବିଭକ୍ତ ପୁରୀ ଜିଲ୍ଲାର ସଭାପତି ମଧ ଥିଲେ।

ତା'ପରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଭାବରେ ନିର୍ବାଚ଼ିତ ହୋଇ ଶଶୀଭୂଷଣ ହରିଚ଼ନ୍ଦନ ତାଙ୍କର ସାଧୁତା, ଦକ୍ଷତା, ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠା ପାଇଁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କକୁ ତୃତୀୟ ଶ୍ରେଣୀରୁ ପ୍ରଥମ ଶ୍ରେଣୀକୁ ଉନ୍ନୀତ କରିପାରିଥିଲେ। ସମବାୟ କ୍ଷେତ୍ରରେ ଶଶୀଭୂଷଣ ହରିଚ଼ନ୍ଦନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ, ତତ୍କାଳୀନ ଓଡ଼ିଶା ସରକାର ତାଙ୍କୁ ଜାପାନ, ମାଲେସିୟା, ଥାଇଲାଣ୍ଡ, ଫିଲିପାଇନ୍ସ ପ୍ରଭୃତି ଦେଶ ଗୁଡ଼ିକୁ ସମବାୟର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ପାଇଁ ପଠାଇଥିଲେ।

ଗମ୍ଭାରିମୁଣ୍ଡା ଅଞ୍ଚଳର ଯେତେ ଅନୁଷ୍ଠାନ ଡ଼ାକ୍ତରଖାନା, ହାଇସ୍କୁଲ, ବ୍ୟାଙ୍କ, ପୋଷ୍ଟ ଅଫିସ୍,ପଶୁ ଡ଼ାକ୍ତରଖାନା ଆଦିର ବିକାଶ କରିଥିଲେ। ଶଶୀଭୂଷଣ ହରିଚ଼ନ୍ଦନ ଓ ତାଙ୍କ ସହଯୋଗୀଙ୍କ ଉଦ୍ୟମରେ ଗମ୍ଭାରିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ହୋଇଥିଲା। ଉଚ୍ଚଶିକ୍ଷା ନିମନ୍ତେ ସେ ଗମ୍ଭାରିମୁଣ୍ଡାଠାରେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ଯାହା ତାଙ୍କ ପିତାଙ୍କ ନାମିତ ପର୍ଶୁରାମ ମହାବିଦ୍ୟାଳୟ।

କଳାକ୍ଷେତ୍ର ରେ ମଧ ସେ ବହୁ ସୁନାମ ଅର୍ଜନ କରିଛନ୍ତି।ସେ ଜଣେ ସୁଦକ୍ଷ ଓ ପୋଖତ କଳାକାର ଭାବେ ଅଞ୍ଚଳରେ ବେଶ ପରିଚ଼ିତ। ଜନସାଧାରଣଙ୍କ ସୁଖଦୁଃଖ ବୁଝିବା ଓ ସମସ୍ୟା ସମାଧାନ କରିବାରେ ବହୁ ଆଗଭର।

'ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ'। ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ। ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ। କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ ତାର ସାଧନା, ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ, ଜନନେତା ସ୍ୱର୍ଗତ ଶଶୀଭୂଷଣ ହରିଚ଼ନ୍ଦନ ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା, ସାମାଜିକ ପରିଚ଼ିତ, ରାଜନୈତିକ ପାରଦର୍ଶିତା ଏବଂ ସମାଜସେବାର ପରାକାଷ୍ଠା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଆମ ଅଞ୍ଚଳର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚ଼ାଲି ଯାଇଛନ୍ତି ସେଥିପାଇଁ ଆମ ଅଞ୍ଚଳର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ - ଏଥିରେ ଦ୍ୱିମତ ନାହିଁ।

ଦିନ ଯାଏ, ଚ଼ିହ୍ନ ରହେ।ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ- କିମ୍ବଦନ୍ତୀ, ମିଳିବ ଅନେକ କାଳ୍ପନିକ ଚ଼ିତ୍ରପଟ, କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୁଲା-ଅପାଶୋରା ମୁହଁଟିଏ।

ସେହି ଜନନେତା ୧୯୯୯ ମସିହା ଡ଼ିସେମ୍ବର ୨୪ ତାରିଖରେ ଅଞ୍ଚଳ ବାସୀଙ୍କୁ ଶୋକସାଗରରେ ଭସାଇ ଚ଼ାଲିଗଲେ। ସେ ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ, ସୁସଂଗଠକ, ସୁପରାମର୍ଶଦାତା, ନିସ୍ୱାର୍ଥପର ଜନସେବକ, ବଂଧୁପ୍ରେମୀ। ଆଜି ତାଙ୍କର ଶ୍ରାଦ୍ଧବାର୍ଷିକ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ ଜଣାଉଛି।


♥ ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ ନଂ- ୭୫୨୦୩୫
(ମୋ) ୬୩୭୦୨୦୮୪୨୮


## ଆଲିପୁର ଷଡଯନ୍ତ୍ର ମାମଲା ଓ ବିପ୍ଳବୀ ଅରବିନ୍ଦ



ଡାଃ ସୁରେନ୍ଦ୍ର ନାଥ ଦାଶ

୧୯୦୮ ମସିହା ମେ ମାସ ରେ କଲିକତାର ଆଲିପୁର ଦୌରା ଜଜଙ୍କ ବିଚାରାଳୟରେ ମହାନ ବିପ୍ଳବୀ ତଥା ଅନୁଶୀଳନ ସମିତି ନାମକ ସଂଗଠନର ମୁଖ୍ୟ ଅରବିନ୍ଦ ଘୋଷ, ତାଙ୍କର ସାନଭାଇ ବରେନ ଓ ଅନେକ ସହଯାଗୀଙ୍କ ବିରୁଦ୍ଧରେ ଦେଶଦ୍ରୋହ, ଅରାଜକତା ସୃଷ୍ଟି ଉଦ୍ୟମ, ମାରଣାସ୍ତ୍ର ଠୁଳ, ହତ୍ୟା ଭଳି ସଙ୍ଗିନ ଦଫାରେ ମୋକଦ୍ଦମା ଆରମ୍ଭ ହୋଇଥିଲା । ଏହାର ନାମ ଥିଲା ଅରବିନ୍ଦ ଘୋଷ ବନାମ ଭାରତ ସମ୍ରାଟ ମାମଲା । ଏହାକୁ ୩୬ ମୁରାରିପୁକାର ବଗିଚା ଘର ବମ ମାମଲା ବା ମାନିକତୋଲା ଷଡଯନ୍ତ୍ର କେସ, ଆଲିପୁର ଷଡଯନ୍ତ୍ର କେସ ବୋଲି କୁହାଯାଉଥିଲା । ସରକାର ବିରୋଧରେ ଲଢୁଥିବା ପିପ୍ଳବୀ ମାନଙ୍କର ମୁଖ୍ୟ ଅରବିନ୍ଦ ଘୋଷଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ସରକାରଙ୍କ ମୁଖ୍ୟ ଉଦ୍ଦେଶ ଥିଲେ ମଧ୍ୟ ତାହା ବ୍ୟର୍ଥ ହୋଇଥିଲା ଓ ସେ ସଂପୂର୍ଣ୍ଣ ନିର୍ଦ୍ଦୋଷରେ ମୁକ୍ତ ହୋଇଥିଲେ।

ବିଂଶ ଶତାବ୍ଦୀର ଆରମ୍ଭରୁ ବଙ୍ଗଳା ପ୍ରଦେଶ ରେ ବ୍ରିଟିଶମାନଙ୍କୁ ତଡିବା ପାଇଁ ସନ୍ତ୍ରାସବାଦୀ ସଂଗଠନ ମାନ ଗଢି ଉଠିଲା । ସେଗୁଡିକ ମଧ୍ୟରୁ ଯୁଗାନ୍ତର, ଅନୁଶୀଳନ ସମିତି ଓ ସରଳା ଦେବୀ ଚୌଧରାଣୀଙ୍କ ସଂଗଠନ ପ୍ରଧାନ ଥିଲା । ସେ ସମୟରେ ଅରବିନ୍ଦ ଘୋଷ ଆଇ.ସି.ଏସ. ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଚାକିରି ପ୍ରତ୍ୟାଖାନ କରି ବରୋଦା ମହାରାଜାଙ୍କ ପାଖରେ ଅଧ୍ୟାପକ କାର୍ଯ୍ୟ କଲେ । ଭାରତର ସ୍ୱାଧିନତା ପାଇଁ ସେ ବିପ୍ଳବୀମାନଙ୍କୁ ଏକାଠି କରି ବନ୍ଦେ ମାତରମ ପତ୍ରିକା ଓ ଅନୁଶୀଳନ ସନ୍ତ୍ରାସବାଦୀ ସଂଗଠନ, ଯୁଗାନ୍ତର ପତ୍ରିକା ପ୍ରକାଶନ ଆରମ୍ଭ କଲେ । ବନ୍ଦେ ମାତରମ ଯୁଗାନ୍ତରର ଇଂରାଜୀ ସଂସ୍କରଣ ହେଲା। ତାଙ୍କର ସାନଭାଇ ବରେନ ସଂଗଠନ ଭାର ଗ୍ରହଣ କରି ତାଙ୍କର ମାଣିକଟାଲା ବଗିଚା ଘରେ ଏକ ଆଶ୍ରମ କରି ଯୁବକମାନଙ୍କୁ ଯୋଗ ଶିକ୍ଷା ଦେଲେ । ବାସ୍ତବରେ ସେଠାରେ ଆତଙ୍କ ବାଦ ଶିକ୍ଷା ଦିଆଯାଉଥିଲା। ବୋମା ପ୍ରସ୍ତୁତ ହେଉଥିଲା ଓ ଚୋରା ବନ୍ଧୁକ ରଖାଯାଇ ବିଭିନ୍ନ ଶାଖା ମାନଙ୍କୁ ପଠା ଯାଉଥିଲା । ଅନେକ ଶିକ୍ଷିତ, ଧନୀ, ଉଦିୟମାନ ବଙ୍ଗାଳୀ ଭଦ୍ର ଯୁବକ ଦେଶପ୍ରେମ ରେ ଉଦବୁଦ୍ଧ ହୋଇ ତାଙ୍କ ସଂଗଠନରେ ଯୋଗ ଦେଲେ । ହେମଚନ୍ଦ୍ର ଦାସ ନାମକ ଜଣେ ସଭ୍ୟ ପାରିସ ଯାଇ ବୋମା ନିର୍ମାଣ ଜଣେ ରଷିଆନ ବିପ୍ଳବୀ ଠାରୁ ଶିଖିଆସିଲେ । ଉଲାସ କର ଦତ୍ତ ନିଜଉଦ୍ୟମରେ ବୋମା ପ୍ରସୁତ କଲେ। ବଙ୍ଗାଳୀମାନଙ୍କ ଜାତୀୟବାଦକୁ ଧ୍ୱଂସ କରିବା ପାଇଁ ବଡଲାଟ ଲର୍ଡ କର୍ଜନ ୧୯୦୫ ମସିହାରେ ଏହାର ବିଭାଜନ କଲେ, ଯାହାର ପ୍ରତିବାଦରେ ସାରା ବଙ୍ଗଳାରେ ବିଦ୍ରୋହର ନିଆଁ ଜଳି ଉଠିଲା ।

ଏହି ସମୟରେ ଆଲିପୁର ରେ ଡଗଲାସ କିଙ୍ଗସ ଫୋର୍ଡ ନାମକ ଜଣେ କ୍ରୁର ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଥିଲେ । ବିପ୍ଳବ କାମ ପାଇଁ ସେ ବିବେକାନନ୍ଦଙ୍କ ସାନଭାଇ ଭୂପେନ୍ଦ୍ର ନାଥ ଦତ୍ତକୁ ଏକ ବର୍ଷ ଜେଲ ଦେଲେ । ବିଚାର ସମୟରେ ହଜାର ହଜାର ଲୋକ ବାହାରେ ରହି ବନ୍ଦେ ମାତରମ ଧ୍ୱନୀ ଦେଉଥିଲେ । ପୋଲିସର ନିର୍ମମ ଲାଠିମାଡକୁ ପ୍ରତିବାଦ କରି ସୁଶିଲ ସେନ ନାମକ ଜଣେ ନାବାଳକ ଛାତ୍ର ପୋଲିସ ଅଫିସରକୁ ମୁଥ ମାରିଲେ ଓ ସେଥିପାଇଁ କିଙ୍ଗସ ଫୋର୍ଡ ପିଲାକୁ ୧୫ ଥର ବେତମାଡ ଦବାକୁ ଆଦେଶ ଦେଲେ । ସେଥିରେ ଉତ୍ୟକ୍ତ ହୋଇ ବିପ୍ଳବୀ ମାନେ ସାହେବଙ୍କୁ ମାରିବାକୁ ଶପଥ ନେଲେ।

ଏକ ମୋଟା ଆଇନ ବହି ଭିତରେ ଖୋଳ କରି, ପିକିରିକ ଏସିଡ, ପାରଦ ଓ ଫ୍ୟୁଜ ଥିବା ବମ ପୁରାଇ ପ୍ୟାକେଟ ତିଆରି କରାଗଲା । ପରେଶ ମଲିକ ନାମକ ଜଣେ ବିପ୍ଳବୀ ପୋଷ୍ଟମାନ ସାଜି ପାକେଟଟି ଦରୱାନକୁ ଦେଇଦେଲା । ପଢିବାକୁ ବହି ଖୋଲିଲା ମାତ୍ରେ ବମଟି ଫୁଟି ଥାଆନ୍ତା । ଦୈବ ଯୋଗକୁ ସାହେବଙ୍କ ବଦଳି ବିହାର ର ମୁଜାଫରପୁର କୁ ହୋଇଥିଲା ଓ ସେ ବହି ପଢିବାର ସୁଯୋଗ ପାଇଲେ ନାହିଁ । ବହିଟି ତାଙ୍କର ବଦଳି ସାମନ ମଧ୍ୟରେ ମୁଜାଫରପୁର ଯାଇ ଗୋଦାମ ଘରେ ପଡି ରହିଲା। ପରେ କିଙ୍ଗସ ଫୋର୍ଡଙ୍କୁ ମାରିବାକୁ ଖୁଦିରାମ ଘୋଷ ଓ ପ୍ରଫୁଲ ଚାକି ନାମରେ ଦୁଇଜଣ ଅଳ୍ପ ବୟସ୍କ ଛାତ୍ର ମୁଜାଫରପୁର ଗଲେ ଓ ସାହେବ କ୍ଲବରୁ ଘୋଡା ଗାଡି ରେ ଫେରୁଥିବା ବେଳେ ବମଫିଙ୍ଗିଲେ । ମାତ୍ର କିଙ୍ଗସ ଫେଫର୍ଡ ବ୍ରଗଲେ । ତାଙ୍କ ପଛରେ ଆସୁଥିବା କେନେଡି ପରିବାର ନିହତ ହେଲେ । (୨୯.୪.୧୯୦୮) ଏହି ଘଟଣାରେ ଖୁଦିରାମ ଓ ପ୍ରଫୁଲ ଚାକି ଫାସି ପାଇଲେ ।

ଏହି ସମୟରେ ବଙ୍ଗଳା ଗଭର୍ଣ୍ଣର ଆଣ୍ଡ୍ରୁ ଫ୍ରେଜରଙ୍କ ଟ୍ରେନ କୁ ମେଦିନାପୁରରେ ଉଡାଇବା ପାଇଁ ବମ ପକାଗଲା । ମାତ୍ର ସେ ଖସି ଗଲେ। ସରକାର କଲିକତାର ବିଭିନ୍ନ ସ୍ଥାନ ଚଢଉ କରି ଅନେକ ଯୁବକଙ୍କୁ ଗିରଫ କଲେ । ଅନେକ ଅସ୍ତ୍ର ଶସ୍ତ୍ର, ଚିଠି ପତ୍ରିକା ଜବତ ହେଲା । ଅରବିନ୍ଦ ଓ ତାଙ୍କ ଭାଇ ବରେନ ସେମାନଙ୍କ ମଧ୍ୟରେ ଥିଲେ । ଜଣେ ବନ୍ଦୀ ଠାରୁ ଖବର ପାଇ କିଙ୍ଗସ ଫୋର୍ଡଙ୍ଗ ଗୋଦାମରୁ ବମକୁ ଉଦ୍ଧାର କରାଗଲା। ଏକ ବର୍ଷ ହେବ ତାହା ସେଠାରେ ରହିଥିଲା । ସମୁଦାୟ ୪୯ ଜଣ ଆଡିସନାଲ ଜଲ୍ଲା ଜଜ ଲିଓନାଡ ବିରାକସେଙ୍କ କୋର୍ଟରେ ଅଭିଯୁକ୍ତ ବୋଲି ଘୋଷିତ ହେଲେ । (୧୮ ମେ ୧୯୦୮) । ଏରାଡଲି ନର୍ଟନ ମାଡ୍ରାସରୁ ମୁଖ୍ୟ ପ୍ରସେକ୍ୟୁଟର ଓକିଲ ହୋଇ ସରକାରଙ୍କ ପକ୍ଷ ରଖିଲେ। ଆଲିପୁର ସେସେନସ ଜଜ ଚାର୍ଲସ ପୋଟେନ ବିଚରଫ୍ଟଙ୍କ ଇଜଲାସ ରେ ବିଚାର ଆରମ୍ଭ ହେଲା । ଅଭିଯୁକ୍ତ ମାନଙ୍କ ପାଇଁ ଏକ ପନ୍ଦର ଜଣିଆ ଓକିଲ ଡିଫେନସ କମିଟି ଗଠନ କଲେ। ପ୍ରଥମେ ବ୍ୟୋମକେଶ ଚାଟର୍ଜି ଓ ପରେ ଦେଶବନ୍ଧୁ ଚିତରଞ୍ଜନ ଦାସ ମୁଖ୍ୟ ପ୍ରତିରକ୍ଷା ଦାୟିତ୍ୱ ନେଲେ । ଅଭିଯୁକ୍ତମାନଙ୍କୁ ଜେଲରେ ରଖା ଗଲା। ସରକାର ନରେନ ଗୋସ୍ୱାମୀ ନାମକ ଜଣେ ଅଭିଯୁକ୍ତକୁ ଆପ୍ରୁଭର କରିବାକୁ ସ୍ଥିର କଲେ । ତାକୁ ଅନ୍ୟମାନଙ୍କ ଠାରୁ ପୃଥକ କରି ହସପିଟାଲ ବେଡରେ ରଖିଲେ । ପ୍ରତିପକ୍ଷ ଓକିଲଙ୍କ ଦାବି ସତ୍ୱେ ତାକୁ କ୍ରସ ଏକଜାମିସନ ପାଇଁ ପୋଲିସ ଅନୁମତି ଦେଲାନି । କହ୍ନେଇଲାଲ ଦତ୍ତ ଓ ସତ୍ୟେନ୍ଦ୍ର ବୋଷ ନାମକ ଦୁଇଜଣ ଅଭିଯୁକ୍ତ ଯେଉଁମାନେ କି ଜେଲରେ ଥିଲେ, ଗୁଳି କରି ନରେନ ଗୋସ୍ୱାମୀ ହତ୍ୟା କଲେ। ତା ସହିତ ପୋଲିସ କନେଷ୍ଟବଳ ହିଗନ ମଧ୍ୟ ନିହତ ହେଲେ । ଉଭୟ ବିପ୍ଳବୀ ନିଜ ମିଶନରେ ସଫଳ ହୋଇ ଆତ୍ମସମର୍ପଣ କଲେ ଓ ଫାସି ପାଇଲେ। ବିଚାର ବର୍ଷେ ଚାଲିଲା। ୪୦୦ ଜଣ ସାକ୍ଷୀ ଓ୪୦୦୦ ଏକ୍ସବିଟ ପୋଲିସ ଦାଖଲ କୋର୍ଟରେ କଲା । ବିଚାରପତି ବ୍ରିଚଫୋର୍ଟ ଅରବିନ୍ଦଙ୍କ ସହ ଆଇ.ସି.ଏସ. ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିଲେ, ମାତ୍ର ତାଙ୍କଠାରୁ ଯଥେଷ୍ଟ ତଳେ ଥିଲେ । ମାନ୍ୟବର କୋର୍ଟ ଆପୃଭରର ମୃତ୍ୟୁ ପରେ ତାର ସାକ୍ଷୀକୁ ଗ୍ରହଣ କଲେ ନାହିଁ, କାରଣ ତାହା ପ୍ରତିପକ୍ଷ ଓକିଲଙ୍କ ଦ୍ୱାରା ଜେରା ହୋଇ ନଥିଲା (କ୍ରସ ଏକଜାମିନେସନ) । ଫଳରେ ଅରବିନ୍ଦଙ୍କ ବିରୁଦ୍ଧରେ କେସ ଭୁଷୁଡି ପଡିଲା । ସେତେବେଳେ ବିପ୍ଳବୀ ସଂଗଠନର ମୁଖ୍ୟ ମାନେ ତଳ କର୍ମୀଙ୍କ ସହ ପ୍ରତ୍ୟକ୍ଷ ସଂପର୍କରେ ଆସୁନଥିଲେ। କେବଳ କେତେକ ଲେଖା ଓ ସାଙ୍କେତିକ ଚିଠି (ମିଠେଇ ଖାଅ ଏ.ଜି.ସ୍ୱାକ୍ଷର) ଛଡା ଆଉ କିଛି ପ୍ରମାଣ ନଥିଲା । ତାଙ୍କ ଓକିଲ ଦାବି କଲେ ଯେ ଅରବିନ୍ଦଙ୍କ ଚିନ୍ତା ଧାରା ସ୍ୱାଧିନତା, ମୁକ୍ତସମାଜ, ଜାତୀୟବାଦ ବିଷୟରେ ଦାର୍ଶନିକ ମତ ଅଟେ, ଯାହା ବ୍ରିଟିଶ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ । ବିଚାର ପତି ବାଧ୍ୟ ହୋଇ ତାଙ୍କୁ ମୁକ୍ତ ଘୋଷଣା କଲେ । ତାଙ୍କ ଭାଇ ବରେନ ଓ ଅନ୍ୟ ଜଣକୁ ଫାସି ଦଣ୍ଡ ଦେଲେ, ଯାହା ପରେ ଆଜୀବନ କାରାଦଣ୍ଡରେ ପରିଣତ ହେଲା । ୧୭ ଜଣ ମୁକ୍ତ ହେଲେ । ୧୩ ଜଣ କଳାପାଣି ଗଲେ । କିଛି ଆଜୀବନ କାରା ଓ ସଂପତି ବାଜ୍ୟାପ୍ତ ଦଣ୍ଡ ପାଇଲେ ।

ଏହା ମଧ୍ୟରେ ବିପ୍ଳବୀ ମାନେ ସକ୍ରିୟ ହୋଇ କେଶ ସହିତ ସଂପୃକ୍ତ ଅନେକ ଇଂରେଜ ପକ୍ଷର ଓକିଲ, ପୋଲିସ ଓ ସାକ୍ଷୀଙ୍କୁ ହତ୍ୟାକଲେ । ପୋଲିସ କମିଶନର ଆଣ୍ଡ୍ରୁଜ ଫ୍ରାଜର, ପୋଲିସ ଅଫିସର ନନ୍ଦଲାଲ ବାନାର୍ଜୀ, ଯେ ପ୍ରଫୁଲ ଚକିଙ୍କୁ ଗିରଫ କରିଥିଲେ, ଗୁଳି କରାଗଲା ।
(କ୍ରମଶଃ)

## କବିତା କୋଣାର୍କ



### ଶୀତରେ ଓମିକ୍ରନ

ସୁଧାକର ରାଉତ

ଧୀରେ ଧୀରେ ବଢୁଅଛି
ଶୀତର ପ୍ରକୋପ
ବେଶୀ ବେଶୀ ଭଲଲାଗେ
ସୂର୍ଯ୍ୟଙ୍କର ତାପ ।

ଉତ୍ତରା ପବନ ଦେଇ
ଦେହକୁ ଥରାଏ
ଓମିକ୍ରନ ଭୟ ପରା
ତା' ଠୁ ବଳିଯାଏ ।

ଆଫ୍ରିକା ମହାଦେଶରୁ
ହୋଇ ସିଏ ଜାତ
କାୟା ବିସ୍ତାରଇ ତା'ର
ଏ ସାରା ଜଗତ ।

କରୋନାର ପରା ଇଏ
ନୂତନ ପ୍ରଜାତି
ଭୟଙ୍କର ପ୍ରକୋପତା
ମନେ ଆଣେ ଭୀତି ।

ଅଦୃଶ୍ୟ ମହାମାରୀର
ବଢ଼େ ସଂକ୍ରମଣ
ସତରକ ସଚେତନ
ମୂଳୁ ହେବା ଜାଣ ।

କରୋନା ଭୂତାଣୁ ପାଇଁ
ହେଲେ ସାବଧାନ
ତେଣୁ ସିଏ କରିଲାଟି
ଏଠୁ ପଳାୟନ ।

ପୁଣି ସଭିଏଁ ସାଜିବା
ମହାମାରୀ ଯୋଦ୍ଧା
ବଦଳାଇ ଦେବା ଆମେ
ତାହାର ମସୁଧା ।

ସାମାନ୍ୟ ଜ୍ୱର, ଥଣ୍ଡାକୁ
ନ କରି ଉପେକ୍ଷା
ପ୍ରତିକାର କରିବା ତା
ତେଜିଣ ଅପେକ୍ଷା ।

ଗୁଜବରେ ହେବା ନାହିଁ
କେବେ ଆତଙ୍କିତ
ଲଢ଼ିବା ତା' ବିରୁଦ୍ଧରେ
ହୋଇ ଏକତ୍ରିତ ।


♥ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨


## ସେଦିନର ସେଇ ପୁରୁଣା କାହାଣୀ

ଝରଣା ବାରିକ



ନାଁ ଆ ଥିଲା ଫୋନ ନାଁ ଆ ହେଉଥିଲା ଦେଖା,
ପ୍ରେମ ଆମ ଗଢି ଥିଲା ପୋଷ୍ଟ କାର୍ଡ ଲେଖା।
ପଚିଶ ପଇସା ମୂଲ୍ୟେ ହେଉଥିଲା କିଣା,
ମନ ଆମ ଯୋଡି ଦେଇ ହେଲା ଆଠ ଅଣା।

ଏମିତି ପିରତି ଅଠା ଲଗେଇ ସେ ଦେଲା,
ମୋ ମନ କଥାକୁ ତୁମ କାନେ କହି ଗଲା।
ବାଟ ଥିଲା ଅସରନ୍ତି ଧାଉଁ ଥିଲା ସିଏ,
ତାପରି ଚଞ୍ଚଳ ଆଉ ହୋଇବ ବା କିଏ।

ଚିଠି ନୁହେଁ ଥିଲା ସିଏ ଆମ ମନ ପକ୍ଷୀ,
ସେ ପକ୍ଷୀର ଭାଷା ହୃଦେ ରହୁଥିଲା ଲାଖି।
ଡେଣା ଝାଡି ଉଡି ଉଡି ଯାଏ ଯେବେ ଦୂରେ
ଅପେକ୍ଷା ଅନ୍ତ ହୁଏ ଯେବେ ସିଏ ଫେରେ।

ଏମିତି ସେ ହୃଦୟ କୁ ଯୋଡି ଦେଲା ଆଣି,
ହେଇଗଲେ ଆମେ ଦୁହେଁ ରାଜା ଆଉ ରାଣୀ।


♥ ସମଲ, ତାଳଚେର, ଅନୁଗୋଳ


## ଜୟ ଯବାନ

ଭାଗୀରଥି ସାଗର



ହେ ଯବାନ! ତମ କର୍ମ
ଅତି ଉତ୍ତମ ମହାନ୍
କରୁଛ ମାତୃକା ସେବା
ବାଜି ଲଗାଅ ନିଜ ଜୀବନକୁ
ସ୍ୱାର୍ଥ ନ ରଖି
ଶୁଣିଲେ ଲାଗଇ କାବା।
ନୀରବେ ଶୋଉଛୁ ଆମେ
ଘୋମାଘୋଟ ନିଦରେ
ଟିକିଏ ବି ନିଘା ନାହିଁ
ଦିବା ରାତି ସର୍ବଦା ସୀମା ଜଗିଛ
ଯବାନ ହେ
ଜାଗ୍ରତ ପ୍ରହରୀ ହୋଇ।
ଶତ୍ରୁ ଆଗେ ନିର୍ଭୀକ ସାଜି
ଦେଖାଅ ଶ୍ରେଷ୍ଠତା
ଗର୍ବ କରେ ପରିବାର
ଦେଶ ଗର୍ବେ ଛାତି ଫୁଲାଏ
ହସେ ମହାନନ୍ଦେ
କର୍ମ କର ନିରନ୍ତର।
ନା ବାଧା ଦିଏ ତମକୁ
କାକର ଛିଟା,ବରଫ
ତେଜ ସୁରୁଜ ଉତ୍ତାପ
ନା ବାଧକ ସାଜେ କର୍ମେ ବର୍ଷାର
ଟୋପା ମାଡ଼
କର୍ମେ ତମେ ଶକ୍ତ ପ୍ରତାପ ।
ତମ ପିତା ମାତା ମହାନ ଅତି ପୁଣ୍ୟ ବନ୍ତ
ପାଇଛନ୍ତି ବୀର ପୁଅ
ମା ମାଟିକୁ ଜଗି ରଖିବାକୁ ନେଇ ଶପଥ
ରଖୁ ଅଛ ତାରି ଟେକ।
ବିଚଳିତ କରେ ନି ଶତ୍ରୁର ଗୁଳି ବନ୍ଧୁକ
ବାଣର ପ୍ରଚଣ୍ଡ ଶବ୍ଦ
ନାଲି ଆଖି ଶତ୍ରୁର ପୁଣି ନିର୍ଲଜ ଆଚାର
କର୍ମକୁ କରେନି ରୁଦ୍ଧ।
ସାଲମ୍ ଘେନ ଆହେ ସୁପୁତ୍ର ବୀର ଯବାନ
ବଢୁ ଦି ଗୁଣା ଶକତି
ଅକ୍ଷୁର୍ଣ୍ଣ ରହୁ ସେବା ଭାବ କରୁଛି ଗୁହାରୀ
ଭରପୁର ରହୁ ଭକ୍ତି ।


♥ ଡାଲଗୁମା,
କୋକସରା,କଳାହାଣ୍ଡି
(ମୋ) ୯୩୩୭୬୨୪୮୯୯


## ଭାରି ଇଚ୍ଛା ହୁଏ

ସ୍ୱପନ କୁମାର ଘୋଷ



ଭାରି ଇଚ୍ଛା ହୁଏ –
ତମେ ମୋର ଷଡ଼ଋତୁ ହବ !

ଗ୍ରୀଷ୍ମର ପ୍ରଭାତ ହବ
ସୁମସୃଣ ଶିଳ୍ପିତ ଲଲାଟ ;
ବର୍ଷାର ନିବିଡ଼ ଘନଘଟା ,
ହବ ତବ ସୁଚିକ୍କଣ କେଶ ;
ଶରତର ଉଜ୍ଜ୍ୱଳ ଆଲୋକ
ପଦ୍ମପରି ଲୋଚନଦ୍ୱୟରୁ –
ବିଚ୍ଛୁରିତ ହେଉଥିବ ସତେ ,
ହେମନ୍ତର ସୁକୋମଳ ମାୟା –
ଚିବୁକରେ ଖେଳୁଥିବ ବେଶ୍ ।
ଶୀତରୌଦ୍ରକରର ଉଷ୍ଣତା –
ବରତନୁ ବ୍ୟାପି ବିରାଜିବ
ବସନ୍ତର ଦକ୍ଷିଣା ପବନ
ମାଖି ତବ ଅଙ୍ଗର ସୌରଭ
ଏ କବିକି ଘେରି ରହିଥିବ ।

ସତେ କି ସମ୍ଭବ ହବ ?
ବରନାରୀ !!
ବର ଦିଅ ତେବେ !
ମନୋରଥ କାବ୍ୟପଥିକର –
ପରିପୂର୍ଣ୍ଣ, ତୃପ୍ତ, ସ୍ନିଗ୍ଧ ଆଉ
ସୁସାର୍ଥକ, ରସସ୍ନିଗ୍ଧ ହେବେ ।


♥ ସୁମତି କୁଞ୍ଜ
୫୩ , ଶ୍ରୀବର୍ଦ୍ଧନପଲ୍ଲୀ ,
ଜୋକା( ବାଖରାହାଟ ରୋଡ )
କୋଲକାତା – ୭୦୦୧୦୪
(ମୋ) ୯୪୩୨୧ ୭୭୩୭୯








# ୨୧ର ସ୍ମୃତି: ବଲିଉଡର କଥା ଓ ବ୍ୟଥା

ବର୍ଷ ସାରା କରୋନା ମହାମାରୀ କୋପ । ଶୁଟିଂରେ କଟକଣା ଆଉ ଥିଏଟରରେ ତାଲା । ବଡ଼ ସ୍କ୍ରିନ୍ ବଦଳରେ ବଡ଼ ବ୍ୟାନରର ବିଗ୍ ବଜେଟ୍ ଫିଲ୍ମ ରିଲିଜ ହେଲା ଓଟିଟିରେ । ଓଟିଟି ମୁହାଁ ହେଲା ପୂରା ଫିଲ୍ମ ଇଣ୍ଡଷ୍ଟ୍ରି । ଏ ସବୁ ଭିତରେ ବି ଚାଲିଥିଲା ବିବାହ, ବିବାଦ ଓ ବିଚ୍ଛେଦ । ବଲିଉଡ ପାଇଁ କିଛି ଏଭଳି ଥିଲା ବର୍ଷ ୨୦୨୧ ।




## ବିବାହ-୨୦୨୧

*ଚଳିତ ବର୍ଷ ବଲିଉଡ ପାଇଁ ଥିଲା ବିବାହର ବର୍ଷା । ବହୁ ବଡ଼ ବଡ଼ ସେଲେବ୍ରିଟିମାନେ ହୋଇଥିଲେ ହାତକୁ ଦି ହାତ । କିଏ ସିକ୍ରେଟ୍ ବିବାହ କରିଥିଲା ତ ଆଉ କିଏ କରିଥିଲା ଗ୍ରାଣ୍ଡ ୱେଡିଂ । ଏସବୁ ଭିତରେ ଅଧିକା ଲାଇମ୍ ଲାଇଟ୍‌ରେ ରହିଥିଲା ଅଭିନେତା ବିକ୍କି କୌଶଲ ଓ କ୍ୟାଟ୍ରିନା କୈଫଙ୍କ ବିବାହ । ଡିସେମ୍ବର ୯ ତାରିଖରେ ବିକ୍କି-କ୍ୟାଟ୍ ବିବାହ କରିଥିଲେ । ରାଜସ୍ଥାନର ଯୋଧପୁର ସ୍ଥିତ ସୱାଇ ମାଧୋପୁର ସିକ୍ସ ସେନ୍ସ ଫୋର୍ଟରେ ରାଜକୀୟ ଢଙ୍ଗରେ ହୋଇଥିଲା ଏହି ସେଲେବ୍ରିଟିଙ୍କ ବିବାହ । କିନ୍ତୁ ନିଜ ବିବାହର ଫଟୋ ଓ ଭିଡିଓକୁ ଏମାନେ ସିକ୍ରେଟ୍ ରଖିଥିଲେ । ଏପରିକି ବିବାହରେ ଯୋଗ ଦେଇଥିବା ଅତିଥିମାନଙ୍କ ଫୋନ୍ ବ୍ୟବହାର ଉପରେ ମଧ୍ୟ ଲଗାଇଥିଲେ କଟକଣା ।*

**ଅଙ୍କିତା ଲୋଖଣ୍ଡେ-ଭିକ୍କି ଜୈନ୍:** ଡିସେମ୍ବର ୧୪ ତାରିଖରେ ବଲିଉଡର ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ଗାର୍ଲଫ୍ରେଣ୍ଡ ଅଙ୍କିତା ଲୋଖେଣ୍ଡଙ୍କ ବାଜିଥିଲା ଶାହାନାଇ । ନିଜ ଦୀର୍ଘ ଦିନର ବୟଫ୍ରେଣ୍ଡ ଭିକ୍କି ଜୈନ୍‌ଙ୍କୁ ସେ କରିଥିଲେ ବିବାହ । ମୁମ୍ବାଇରେ ବେଶ୍ ଧୂମ୍‌ଧାରେ ଉଭୟଙ୍କ ବିବାହ ଆୟୋଜନ ହୋଇଥିଲା ।

**ରାଜକୁମାର ରାଓ-ପତ୍ରଲେଖା:** ନେଭମ୍ବର ୧୫ ତାରିଖରେ ରାଜକୁମାର ରାଓ ତାଙ୍କ ଦୀର୍ଘ ଦିନର ଗାର୍ଲଫ୍ରେଣ୍ଡ ପତ୍ରଲେଖାଙ୍କୁ ବିବାହ କରିଥିଲେ । ଚଣ୍ଡିଗଡରେ ଉଭୟଙ୍କ ବିବାହ ହୋଇଥିଲା । ତେବେ ଏହି ବିବାହ ପତ୍ରଲେଖା ମଧ୍ୟ ରାଜକୁମାର ରାଓଙ୍କୁ ମଣ୍ଡରେ ସିନ୍ଦୂର ପିନ୍ଧାଇଥିଲେ, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

**ବରୁଣ ଧୱନ-ନତାଶା:** ଚଳିତ ବର୍ଷ ପ୍ରାରମ୍ଭରେ ତଥା ଜାନୁଆରୀ ୨୪ ତାରିଖରେ ବିବାହ କରିଥିଲେ ବଲିଉର ହ୍ୟାଣ୍ଡସମ୍ ହଙ୍କ ବରୁଣ ଧୱନ । ସେ ତାଙ୍କ ପିଲାଦିନର ସାଙ୍ଗ ନତାଶାଙ୍କ ହାତ ଧରିଲେ । କରୋନା କଟକଣା ଭିତରେ ଉଭୟଙ୍କ ବିବାହ ହୋଇଥିଲା ।

**ଦିଆ ମିର୍ଜା-ବୈଭବ ରେଖି:** ଫେବ୍ରୁଆରୀ ୧୫ ତାରିଖରେ ବିଜନେସ୍ ମ୍ୟାନ୍ ବୈଭବ ରେଖିଙ୍କୁ ବିବାହ କରିଥିଲେ ଅଭିନେତ୍ରୀ ଦିଆ ମିର୍ଜା । ଏହା ତାଙ୍କର ଥିଲା ଦ୍ୱିତୀୟ ବିବାହ । ଉଭୟଙ୍କ ବିବାହ ବେଶ୍ ଚର୍ଚ୍ଚାରେ ରହିଥିଲା । କାରଣ ଜଣେ ମହିଳା ପଣ୍ଡିତ ଦିଆ ଓ ବୈଭବଙ୍କ ବିବାହ କରାଇଥିଲେ ।

**ୟାମି ଗୌତମ-ଆଦିତ୍ୟ ଧର:** ଜୁନ୍ ୪ ତାରିଖରେ ବେଶ୍ ସିକ୍ରେଟ୍ ରୂପେ ବିବାହ କରିଥିଲେ ୟାମି ଗୌତମ । ସେ ଉରି ଫିଲ୍ମର ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ସହ ହିନ୍ଦୁ ରୀତିନୀତି ଅନୁଯାୟୀ ନେଇଥିଲେ ସାତଫେରା । ତାଙ୍କ ବିବାହ ଖବର ସମସ୍ତଙ୍କୁ ଚକିତ କରିଦେଇଥିଲା ।

ସେହିପରି ଅଗଷ୍ଟ ୧୪ ତାରିଖରେ ଦୀର୍ଘ ଦିନର ବୟଫ୍ରେଣ୍ଡ କରଣ ବଲାନୀଙ୍କ ହାତ ଧରିଥିଲେ ଅନିଲ କପୁରଙ୍କ ସାନ ଝିଅ ରିଆ କପୁର ।ଅନ୍ୟପଟେ, ଅନୁଷ୍କା ରଞ୍ଜନ ଓ ଆଦିତ୍ୟ ସିଲ୍, ନିଲ ଭଟ୍ଟ ଓ ଐଶ୍ୱର୍ଯ୍ୟା ଶର୍ମା ମଧ୍ୟ ବିବାହ କରିଛନ୍ତି ।

## ବିବାଦ-୨୦୨୧

ଚଳିତ ବର୍ଷ ବଲିଉଡକୁ ଦୋହଲାଇ ଦେଇଥିଲା ଅନେକ ବିବାଦ । ଡ୍ରଗ୍ସ ଠାରୁ ଆରମ୍ଭ କରି ପର୍ଣ୍ଣ କେସ୍ ମଧ୍ୟ ସାମ୍ନାକୁ ଆସିଥିଲା । ଆଉ ଏଥିରେ ଫସିଥିଲେ ବଡ଼ ବଡ଼ ସେଲେବ୍ରିଟି । ଶିଳ୍ପା ଶେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରା ଓ ଶାହାରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ୍‌ଙ୍କୁ ଜେଲ୍ ଯିବାକୁ ପଡିଥିଲା । ଇଡି ପଞ୍ଝାରେ ପଡି ଆକ୍ତାମାକ୍ତା ହୋଇଥିଲେ ଦୁଇ ବଲିଉଡ ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ ଓ ନୋରା ଫତେହି ।

**ଆର୍ଯ୍ୟନ୍ ଖାନ୍:** ଏ ବର୍ଷ ବଲିଉଡର କିଙ୍ଗ ଖାନ୍ ଶାହାରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ୍ ଖାନ୍‌ଙ୍କୁ ନେଇ ଉଠିଥିଲା ଭୟଙ୍କର ଝଡ । ମୁମ୍ବାଇ କ୍ରୁଜ ଡ୍ରଗ୍ସ ପାର୍ଟି ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଅକ୍ଟୋବର ମାସରେ ତାଙ୍କୁ ଗିରଫ କରିଥିଲା । ଏହାପରେ ପାଖାପାଖି ଏକମାସ ପରେ ତାଙ୍କୁ ଜେଲ୍‌ରୁ ମୁକ୍ତି ମିଳିଥିଲା ।

**ରାଜ କୁନ୍ଦ୍ରା:** ବଲିଉଡର ନାମୀଦାମୀ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ବିଜ୍‌ନେସ ମ୍ୟାନ୍ ସ୍ୱାମୀ ରାଜ କୁନ୍ଦ୍ରା ପର୍ଣ୍ଣ ଫିଲ୍ମ ତିଆରି ମାମଲାରେ ଫସିଥିଲେ । ମୁମ୍ବାଇ କ୍ରାଇମବ୍ରାଞ୍ଚ ପୁଲିସ ତାଙ୍କୁ ଜୁଲାଇ ମାସରେ ଗିରଫ କରିଥିଲା । ତାଙ୍କୁ ନେଇ ଅନେକ ଖୁଲାସା ମଧ୍ୟ ହୋଇଥିଲା । ଏପରିକି ତାଙ୍କ ନାଁରେ ମାଳ ମାଳ ଅଭିଯୋଗ ଆଣିଥିଲେ ତାଙ୍କ ସହ କାମ କରିଥିବା କିଛି ବି-ଗ୍ରେଡ୍ ଅଭିନେତ୍ରୀ । ପରେ ସେପଟ୍ଟେମ୍ବର ମାସରେ ରାଜ କୁନ୍ଦ୍ରାଙ୍କୁ ଜାମିନ ମିଳିଥିଲା ।

**ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ ଓ ନୋରା:** ଏ ବର୍ଷ ୨୦୦ କୋଟି ଠକେଇ ମାମଲାରେ ବଲିଉଡ ସୁନ୍ଦରୀ ଜ୍ୟାକ୍‌ଲିନ୍ ଓ ନୋରାଙ୍କ ନାଁ ଉଠିଥିଲା । ୨୦୦ କୋଟି ଟଙ୍କାର ବଟି ଆଦାୟ ମାମଲାରେ ଗିରଫ ହୋଇଥିଲା ସୁକେଶ ଚନ୍ଦ୍ରଶେଖରଙ୍କ ସହ କୁଆଡେ ଜ୍ୟାକ୍‌ଲିନ୍‌ଙ୍କ ସମ୍ପର୍କ କଥା ଉଠିଥିଲା । ଏହି ମାମଲାରେ ଇଡି ତାଙ୍କୁ ବାରମ୍ବାର ଜେରା କରିଥିଲା । ସେହିପରି ନୋରା ଫତେହିଙ୍କ ନାଁ ମଧ୍ୟ ଏହି ମାମଲାରେ ଉଠିଥିଲା । ଅଭିଯୁକ୍ତ ସୁକେଶ ଠକେଇ ପଇସାରେ ନୋରାଙ୍କୁ ଦାମୀ ଗିଫ୍ଟ ଦେଇଥିବା କଥା ସାମ୍ନାକୁ ଆସିଥିଲା । ସେ ମଧ୍ୟ ଇଡି ଜେରାର ସମ୍ମୁଖୀନ ହୋଇଥିଲେ ।

**ସୋନୁ ସୁଦ:** କରୋନା ମହାମାରୀର ଲକଡାଉନରେ ରିଲ୍‌ରୁ ରିଅଲ ହିରୋ ପାଲଟିଥିବା ସୋନୁ ସୁଦ ଏ ବର୍ଷ ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଥିଲେ । ଅନେକ ଅସହାୟଙ୍କୁ ସହାୟତା କରିବା ପାଇଁ ସେ ଆଗକୁ ଆସିଥିଲେ । ଏତେ ସବୁ ପରେ ତାଙ୍କୁ ବିବାଦର ସମ୍ମୁଖୀନ ହେବାକୁ ପଡିଥିଲା । ତାଙ୍କ ଘରେ ଓ ଅଫିସରେ ଆୟକର ବିଭାଗ ଚଢ଼ାଉ କରିଥିଲା । ୨୦ କୋଟି ଟଙ୍କାର ଟ୍ୟାକ୍ସ ଫାଙ୍କିବା ଅଭିଯୋଗରେ ଏହି ଚଢ଼ାଉ ହୋଇଥିଲା ।

## ବିଚ୍ଛେଦ ୨୦୨୧

**ଚଳିତ ବର୍ଷ ବିଚ୍ଛେଦ ମଧ୍ୟ ରଙ୍ଗୀନ ଦିନୁଆର ପିଛା ଛାଡି ନଥିଲା । ମିଷ୍ଟର ଫରଫେକ୍ଟନିଷ୍ଟ ଆମୀର ଖାନ୍ ଓ କିରଣ ରାଓଙ୍କ ଦୀର୍ଘ ୧୫ ବର୍ଷର ବିବାହରେ ଫାଟ ସୃଷ୍ଟି ହୋଇଥିଲା । ଉଭୟ ପରସ୍ପର ଠାରୁ ହୋଇଯାଇଥିଲେ ଭିନ୍ନ । ସେହିପରି ସାଉଥ ଇଣ୍ଡଷ୍ଟ୍ରିର ଚର୍ଚ୍ଚିତ ଯୋଡି ନାଗା ଚୈତନ୍ୟ ଓ ସମନ୍ଥା ରୁଥ ପ୍ରଭୁ ମଧ୍ୟ ଅଲଗା ହୋଇଥିଲେ ।**

**ଆମୀର ଖାନ୍-କିରଣ ରାଓ:** ଚଳିତ ବର୍ଷ ଜୁଲାଇ ମାସରେ ଆମୀର ଖାନ୍ ଓ କିରଣ ରାଓ ଦୁହେଁ ଛାଡପତ୍ର ନେବା ପାଇଁ ଘୋଷଣା କରିଥିଲେ । ଦୀର୍ଘ ୧୫ ବର୍ଷର ବିବାହ ବିଚ୍ଛେଦ ହୋଇଥିଲା । ସୋଶାଲ ମିଡିଆରେ ଏକ ଭିଡିଓ ଶେୟାର କରି ଉଭୟ ଏହି ସୂଚନା ଦେଇଥିଲେ । ଏହି ଖବର ତାଙ୍କର ଲକ୍ଷ ଲକ୍ଷ ଫ୍ୟାନ୍‌ଙ୍କୁ ଶକ୍ତ ଧକ୍କା ଦେଇଥିଲା ।

**ନାଗା ଚୈତନ୍ୟ-ସମନ୍ଥା:** ସାଉଥର ସୁପରହିଟ୍ ଯୋଡି ନାଗା ଚୈତନ୍ୟ ଓ ସମନ୍ଥା ରୁଥପ୍ରଭୁ । ଦୁହେଁ ବିବାହ ଦୀର୍ଘ ୪ ବର୍ଷ ପରେ ଅଲଗା ହୋଇଛନ୍ତି । ବିବାହ ବାର୍ଷିକୀର କିଛି ଦିନ ପୂର୍ବରୁ ହିଁ ନାଗାଚୈତନ୍ୟ ଏବଂ ସମନ୍ଥା ଅଲଗା ହେବା ନେଇ ଘୋଷଣା କରିଥିଲେ । ଏମାନଙ୍କ ବିବାହ ବିଚ୍ଛେଦ ଘୋଷଣା ତାଙ୍କର ଲକ୍ଷ ଲକ୍ଷ ଫ୍ୟାନ୍‌ମାନଙ୍କୁ ଶକ୍ତ ଧକ୍କା ଦେଇଥିଲା ।

**ନୁସରତ ଜାହାଁ ଓ ନିଖିଲ ଜୈନ୍:** ଚଳିତ ବର୍ଷ ବଲିଉଡ ବ୍ୟତୀତ ବଙ୍ଗୀୟ ଫିଲ୍ମ ଅଭିନେତ୍ରୀ ନୁସରତ ଜାହାଁଙ୍କ ବିଚ୍ଛେଦ ଖବର ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଥିଲା । ମାତ୍ର ବର୍ଷକ ପରେ ଭାଙ୍ଗି ଯାଇଥିଲା ଉଭୟଙ୍କ ବିବାହ । ପ୍ରଥମ ସ୍ୱାମୀ ନିଖିଲ ଜୈନ୍‌ଙ୍କଠାରୁ ସେ ଭିନ୍ନ ହେବା ଏବଂ ତାଙ୍କ ପୁଅର ବାପାକୁ ନେଇ ମଧ୍ୟ ଉଠିଥିଲା ପ୍ରଶ୍ନ । କେବଳ ସେତିକି ନୁହେଁ ଅଭିନେତା ଯଶ୍ ଦାସଗୁପ୍ତାଙ୍କ ସହ ତାଙ୍କ ସମ୍ପର୍କ ଥିବା ଖବର ସାମ୍ନାକୁ ଆସିଥିଲା । ଏହାପରେ ସେ ନିଜେ ଫଟୋ ପୋଷ୍ଟ କରି ତାଙ୍କ ପୁଅର ବାପା ଯଶ୍ ଦାସଗୁପ୍ତା ବୋଲି କହିଥିଲେ । କେବଳ ସତିକି ନୁହେଁ ସେ ତାଙ୍କୁ ଦ୍ୱିତୀୟ ବିବାହ କରିଥିବା କଥା ମଧ୍ୟ ଜଣାପଡିଥିଲା ।

## ମୃତ୍ୟୁ ୨୦୨୧

**ଚଳିତ ବର୍ଷ ବହୁ ଉତ୍ଥାନପତନ ଦେଇ ବଲିଉଡ ଗତି କରିଥିବା ବେଳେ ହାତଛାଡି ଚାଲିଯାଇଛନ୍ତି ଅନେକ ସେଲେବ୍ରିଟି । କିଏ କମ୍ ବୟସରେ ଆଖି ବୁଜିଛି ତ ଆଉ କାହାର ଜୀବନ ନେଇଛି କରୋନା । ସେହିପରି ଲିଜେଣ୍ଡ୍ରି ନାୟକମାନେ ମଧ୍ୟ ସମସ୍ତଙ୍କ ଆଖିରେ ଲୁହ ଦେଇ ଆରପାରିକୁ ଚାଲିଯାଇଛନ୍ତି ।**

ବିଗ୍ ବସ୍-୧୩ ବିଜେତା ତଥା ଅଭିନେତା ସିଦ୍ଧାର୍ଥ ଶୁକ୍ଲା(୪୦), ଦିଲ୍ଲୀପ କୁମାର(୯୮), ସୁରେଖା ସିକ୍ରେ(୭୫), ଅମିତ ମିସ୍ତ୍ରୀ(୪୭), ବିକ୍ରମଜିତ କନୱରପାଲ(୫୨), ଋଷି କପୁରଙ୍କ ଭାଇ ରାଜୀବ କପୁର(୫୮), ଅଭିନେତ୍ରୀ ମନ୍ଦିରା ବେଦୀଙ୍କ ସ୍ୱାମୀ ରାଜ କୌଶଲ(୫୦), ଭେଟେରାନ ଅଭିନେତା କିଶୋର ନନ୍ଦଲାସ୍କର(୮୧) ।

# ହଲିଉଡ ମୁହାଁ ଶେହନାଜ୍ !



ରିଆଲିଟି ଶୋ', ହିନ୍ଦୀ ମ୍ୟୁଜିକ ଆଲବମ୍, ପଞ୍ଜାବୀ ଫିଲ୍ମ ପରେ ଏବେ ହଲିଉଡ । ବିଗ୍ ବସ୍ ସିଜିନ୍-୧୩ର ଫେମସ୍ ପ୍ରତିଯୋଗୀ ଶେହନାଜ ଗିଲ୍ ଏବେ ହଲିଉଡ ମୁହାଁ ହୋଇଥିବା ନେଇ ଚର୍ଚ୍ଚା ହେଉଛି ।

ସିଦ୍ଧାର୍ଥ ଶୁକ୍ଲାଙ୍କ ମୃତ୍ୟୁ ପରେ ଶେହନାଜ ଧୀରେ ଧୀରେ ନିଜକୁ ସମ୍ଭାଳିବା ଆରମ୍ଭ କରିଛନ୍ତି । ସେ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରୁଛନ୍ତି । ପୂର୍ବ ଭଳି ଅଭିନେତ୍ରୀ ଶେହନାଜ ନିଜ ଫ୍ୟାନ୍‌ମାନଙ୍କୁ ଏଣ୍ଟରଟେନ୍ କରିବା ଆରମ୍ଭ କରିଦେଇଛନ୍ତି । ସୋଶାଲ ମିଡିଆରେ ଶେହନାଜଙ୍କ ଢ଼େରସାରା ଫ୍ୟାନ୍ ଫଲୋଇଂ ଅଛନ୍ତି । ଲଗାତର ସେ ନିଜ ଫଟୋ ଏବଂ ଭିଡିଓ ଶେଆର କରୁଛନ୍ତି ।

ନିକଟରେ ଶେହନାଜ ନିଜ ଇନ୍‌ଷ୍ଟାଗ୍ରାମରେ ହଲିଉଡ ମୁଭି 'ଲୁସିଫର'ର ଏକ ପୋଷ୍ଟର ଶେଆର କରିଛନ୍ତି । ଏଥିରେ ସେ ହଲିଉଡ ଅଭିନେତା ଟମ୍ ଏଲିସଙ୍କ ସହ ନଜର ଆସିଛନ୍ତି । ଏହି ପୋଷ୍ଟରରେ ଶେହନଜା ଇଣ୍ଟେନ୍ସ ଲୁକ୍ ଦେଉଥିବା ଦେଖିବାକୁ ମିଳିଛି ।

ଏହି ପୋଷ୍ଟରର ସବୁ ଟାଇଟଲରେ 'ହେଲ୍‌କୁ ନୂଆ ରୁମ୍‌ମେଟ୍ ମିଳିଗଲା' ବୋଲି ଲେଖା ହୋଇଛି । ସେପଟେ ଶେହନାଜ ମଧ୍ୟ ନିଜ କ୍ୟାପସନ୍ ?ରେ ପ୍ରକୃତ 'ବିଗ୍ ବସ୍ ଏଠି ଅଛି' ବୋଲି ଲେଖିଛନ୍ତି । ଶାହନାଜଙ୍କ ପୋଷ୍ଟକୁ ନେଇ ପ୍ରଶଂସକମାନେ ଦ୍ୱନ୍ଦ୍ୱରେ ଅଛନ୍ତି । କିଛି ପ୍ରଶଂସକ ଲେଖିଛନ୍ତି, "ତୁମେ କାମକୁ ଫେରି ଆସିଛ, ଆମେ ବହୁତ ଖୁସି" । ଆଉ କିଛି ଲୋକ କହିଛନ୍ତି ଯେ ଏହା କୌଣସି ଫିଲ୍ମର ପ୍ରମୋସନ୍ ବା ସିରିଜ୍ କି ?

ତେବେ ପରେ ଧୀରେ ଧୀରେ ଲୋକମାନଙ୍କ ଏହି ଦ୍ୱନ୍ଦ ଦୂର ହୋଇଛି । ଜଣାପଡିଛି ଯେ ଶାହନାଜ୍ ଗିଲ୍ 'ଲୁସିଫର' ସହିତ ଢଞ୍ଜ ରେ ହଲିଉଡ ଡେବ୍ୟୁ କରୁନାହାଁନ୍ତି । ଏହା ଅନ୍‌ଲାଇନ୍ ଷ୍ଟ୍ରିମିଂ ସର୍ଭିସ ଦ୍ୱାରା ଏଡିଟେଡ୍ ପୋଷ୍ଟର । ଏହାର କ୍ୟାପସନ୍‌ରେ, ଆମେ ୨୦୨୧ ବର୍ଷକୁ ବିଦାୟ ଦେଉଛୁ ଏବଂ ସର୍ବ ବୃହତ କ୍ରସଓଭର ଏପିସୋଡ୍ ପାଇଁ ଟ୍ୟୁନ୍ ତିଆରି କରୁଛୁ ।

କେବଳ ଶେହନାଜ ନୁହେଁ ଷ୍ଟ୍ରିମିଂ ସର୍ଭିସ ବର୍ଷ ୨୦୨୧ର ପ୍ରସିଦ୍ଧ ଅଭିନେତା ନୱାଜୁଦ୍ଦିନ ସିଦ୍ଦିକି ଏବଂ ସୋନୁ ସୁଦଙ୍କ ଭଳି ଅନ୍ୟ ସେଲେବ୍ରିଟିଙ୍କ ଏଡିଟ୍ ପୋଷ୍ଟର ମଧ୍ୟ ଶେଆର କରିଛି । ସୂଚନା ମୁତାବକ, ଶେହନାଜ ଗିଲଙ୍କୁ ଶେଷଥର ପାଇଁ ପଞ୍ଜାବୀ ଫିଲ୍ମ 'ହୋସଲା ରଖ'ରେ ଦେଖିବାକୁ ମିଳିଥିଲା । ଏଥିରେ ସେ ପଞ୍ଜାବୀ ଅଭିନେତା ତଥା ସିଙ୍ଗର ଦଲଜିତ ଦୋସାଞ୍ଜଙ୍କ ସହ ନଜର ଆସିଥିଲେ । ଏହି ଫିଲ୍ମଟି ବକ୍ସ ଅଫିସରେ ବେଶ୍ ସଫଳ ହୋଇଥିଲା । ଶେହନାଜ ସେପଟ୍ଟେମ୍ବର ମାସରେ ବିଗ୍ ବସ୍ ୧୩ ବିଜେତା ସିଦ୍ଧାର୍ଥ ଶୁକ୍ଲାଙ୍କ ମୃତ୍ୟୁ ପରେ ଭାଙ୍ଗି ପଡିଥିଲେ । ତାଙ୍କ ମୃତ୍ୟୁ ଶେହନାଜଙ୍କୁ ଶକ୍ତ ଧକ୍କା ଦେଇଥିଲା । ବିଗ୍ ବସ୍-୧୩ ଶେହନାଜ ଓ ସିଦ୍ଧାର୍ଥଙ୍କ ଦେଖା ସାକ୍ଷାତ ହୋଇଥିଲା ।

# ସୁପର ମଡେଲ୍ ସୁନିତାରାଣୀ



ମଡେଲିଂ, ର୍ୟାମ୍ପ ସୋ' ଏବଂ ସୁନ୍ଦରୀ ପ୍ରତିଯୋଗିତାରେ ଥରକୁ ଥର ଅଂଶଗ୍ରହଣ କରିଆସୁଥିବା ସୁନିତାରାଣୀ ଏବେ ପ୍ରଥମ ଥର ପାଇଁ ବଡ଼ପରଦାରେ ପାଦ ରଖିଛନ୍ତି । ମୁନ୍ ଟିଭି ମୁଭିଜର ନୂଆ ଫିଲ୍ମ 'ଲଭ୍ ୪୨୦'ରେ ଜଣେ ସହ କଳକାର ଭାବେ ସେ ଅଭିନୟ କରିବାର ସୁଯୋଗ ପାଇଛନ୍ତି । ଏହା ପୂର୍ବରୁ ରାଜ୍ୟ ଓ ରାଜ୍ୟ ବାହାରେ ଆୟୋଜିତ କିଛି ର୍ୟାମ୍ପ ସୋ'ରେ ତାଙ୍କୁ ଦେଖିବାକୁ ମିଳିଛି । ବିଶେଷ କରି ଷ୍ଟେଜ୍ ସୋ'ରେ ଦେଖିବାକୁ ମିଳିଥିବା ସୁନିତାରାଣୀ 'ଓଡ଼ିଶା ଫ୍ୟାସନ ଆଇକନ୍' ଭାବେ ଟପ୍ ମଡେଲ୍‌ର ସ୍ୱୀକୃତି ପାଇଛନ୍ତି । ଏପରିକି ଜାତୀୟ ସ୍ତରରେ ଆୟୋଜିତ 'ସୁପର୍ ମଡେଲ୍' ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ପୁରସ୍କୃତ ହେଇଛନ୍ତି । ଝାଡ଼ଖଣ୍ଡରେ ଅନୁଷ୍ଠିତ ସୁପର୍ ମଡେଲ୍ ପ୍ରତିଯୋଗିତାରେ ସେ ଶୀର୍ଷ ଦଶ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ରହିଥିଲେ । ଆଗାମୀ ଜାନୁଆରି ମାସରେ ଗୌହାଟୀରେ ଅନୁଷ୍ଠିତ ହେବାକୁ ଥିବା ମଡେଲ୍ ପ୍ରତିଯୋଗିତାରେ ସେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡ଼ିଛି । ମଡେଲିଂ, ନୃତ୍ୟ ଓ ଚିତ୍ରୋତ୍ତୋଳନରେ ରୁଚି ରଖିଥିବା ସୁନିତା ବାଣିଜ୍ୟରେ ସ୍ନାତକ କରିଛନ୍ତି । ତାଙ୍କର ପ୍ରିୟ ମଡେଲ୍ ହେଉଛନ୍ତି ସୁସ୍ମିତା ସେନ । ନିକଟରେ ହରନାଜ ସାନ୍ଧୁ ବ୍ରହ୍ମାଣ୍ଡ ସୁନ୍ଦରୀ ହେବା ପରେ ସୁନିତା ତାଙ୍କର ଜୟ ଜୟକାର କରିଛନ୍ତି । ହରନାଜଙ୍କ ସୁନ୍ଦର ଚେହେରା ଓ ମଡେଲିଂ ଦକ୍ଷତା ଛଡ଼ା ସେ ଜଣେ ମେଧାବୀ ଛାତ୍ରୀ ବୋଲି ସୁନିତା ତାଙ୍କୁ ପ୍ରଶଂସା କରିଛନ୍ତି ।

# ସନ୍ନିଙ୍କୁ ନେଇ ହଙ୍ଗାମା: ବ୍ୟାନ୍ ଦାବି



ପୁଣି ଟାର୍ଗେଟ୍‌ରେ ବଲିଉଡ ଅଭିନେତ୍ରୀ ସନ୍ନି ଲିଓନି । ତାଙ୍କୁ ନେଇ ଆରମ୍ଭ ହୋଇଛି ହଙ୍ଗାମା । ସୋଶାଲ ମିଡିଆରେ ଲୋକେ ତାଙ୍କୁ ଜୋରଦାର ଟ୍ରୋଲ କରିଛନ୍ତି । ଏପରିକି ତାଙ୍କୁ ବ୍ୟାନ୍ କରିବା ପାଇଁ ଦାବି ହୋଇଛି । ସନ୍ନି ଲିଓନିଙ୍କ ନୂଆ ମ୍ୟୁଜିକ ଭିଡିଓ ଆଲବମ 'ନାଚେ ମଧୁବନ ମେଁ ରାଧିକା' ଜରିଆରେ ଦୀର୍ଘ ଦିନ ପରେ ସେ କମ୍‌ବ୍ୟାକ୍ କରିଛନ୍ତି । ତେବେ ୨୨ ଡିସେମ୍ବରରେ ମୁକ୍ତିଲାଭ କରିଥିବା ଏହି ଗୀତଟି ବିବାଦ ସୃଷ୍ଟି କରିଛି । ସୋସିଆଲ ମିଡିଆରେ ସନ୍ନି ଲିଓନଙ୍କ ଗୀତକୁ ନେଇ ଟ୍ରୋଲ କରାଯାଉଛି । ସନ୍ନି ଲିଓନ ଏହି ଗୀତ ମାଧ୍ୟମରେ ହିନ୍ଦୁମାନଙ୍କ ଭାବନାକୁ ଆଘାତ ପହଞ୍ଚାଇ ଥିବା ଅଭିଯୋଗ ହୋଇଛି । ସନ୍ନି ଲିଆନିଙ୍କ ଏହି ଗୀତ ବ୍ୟାନ୍ କରିବାକୁ ମଧ୍ୟ ଦାବି ହୋଇଛି । ଜଣେ ୟୁଜର୍ସ ଲେଖିଛନ୍ତି – ପୁନର୍ବାର ଏହିପରି ଗୀତ ଜରିଆରେ ଏକ ଅଶ୍ଳୀଳ ଡ୍ୟାନ୍ସ କରି ଆମ ଭାବନା ଆଘାତ ଦିଆଯାଇଛି । ଅନ୍ୟ ଜଣେ ଲେଖିଛନ୍ତି – ରାଧିକା ଜଣେ ନୃତ୍ୟଶିଳ୍ପୀ ନୁହଁନ୍ତି ବରଂ ସେ ଶ୍ରୀକୃଷ୍ଣଙ୍କ ଜଣେ ଭକ୍ତ ଥିଲେ । ମଧୁବନ୍ ଏକ ଶାନ୍ତିର ସ୍ଥାନ । ରାଧା ମଧୁବନରେ ଏହିପରି ନାଚନ୍ତି ନାହିଁ । ଏହା ଲଜ୍ଜାଜନକ ଗୀତ । ଆଉ ଜଣେ ବ୍ୟକ୍ତି ଲେଖିଛନ୍ତି -ଏହି ସବୁ ଗୀତକୁ ବିକ୍ରି କରିବା ପରିବର୍ତ୍ତେ ଭଗବାନ କୃଷ୍ଣ ଏବଂ ରାଧାଙ୍କୁ ପୂଜା କରିବା ଶିଖ । ଆପଣମାନେ ହିନ୍ଦୁ ଧର୍ମକୁ ପରିହାସ କରୁଛନ୍ତି ।' ସୂଚନା ମୁତାବକ ସନ୍ନି ଲିଓନୀଙ୍କ ଏହି ବିବାଦୀୟ ଗୀତକୁ ବଲିଉଡ ସିଙ୍ଗର କନିକା କପୁର ଓ ଅରିନ୍ଦମ ଚକ୍ରବର୍ତ୍ତୀ ଗାଇଛନ୍ତି । ମନୋଜ ଯାଦବ ଏହାର ଲିରିକ୍ସ ଲେଖିଛନ୍ତି । ବିବାଦ ସତ୍ତ୍ୱେ ଗୀତଟି ରିଲିଜ ହେବାର ଗୋଟିଏ ଦିନ ଭିତରେ ହିଁ ୟୁଟ୍ୟୁବ୍‌ରେ ଧମାଲ କରିଛି ।

## ଆମାଜନ ପ୍ରାଇମ୍ ଭିଡିଓରେ ପ୍ରିମିୟର୍ ହେବ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଗେହରାଇୟାଁ'

ଶକୁନ ବାତ୍ରାଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଗେହରାଇୟାଁ' ଆମାଜନ ପ୍ରାଇମ୍ ଭିଡିଓରେ ପ୍ରିମିୟର୍ ହେବ ବୋଲି ଘୋଷଣା ହେଇଛି । ଏଇ ଚଳଚ୍ଚିତ୍ରଟି ଶକୁନଙ୍କ ଜୁସ୍କା ଫିଲ୍ମସ ପ୍ରଡକ୍ସନ ହାଉସ ସହିତ ଧର୍ମା ପ୍ରଡକ୍ସନ୍ ଓ ବାଇକମ୍-୧୮ ଷ୍ଟୁଡିଓ ମିଳିତ ସହଯୋଗରେ ନିର୍ମାଣ କରିଛନ୍ତି । ଏଥିରେ ପ୍ରେମୀଯୁଗଳଙ୍କ ପ୍ରେମସମ୍ପର୍କର ଡ୍ରାମା ପ୍ରତିଫଳିତ ହେଇଛି । ଆଧୁନିକ ଯୁଗର ପ୍ରେମ ସମ୍ପର୍କ ଏତେ ଜଟିଳ ଯେ ପ୍ରେମିକ ଓ ପ୍ରେମିକା ବାସ୍ତବ ଜୀବନରେ ନିୟନ୍ତ୍ରଣ ହରାଇ ବସୁଛନ୍ତି । ଏ ପ୍ରେମ ସମ୍ପର୍କ ଏତେ ଗଭୀରକୁ ଯାଉଛି ଓ ଏମାନଙ୍କୁ ଏତେ ଦ୍ୱନ୍ଦ୍ୱରେ ପକାଉଛି ଯେ ଉଭୟ ଏକ ନିଶ୍ଚିତ ନିଷ୍ପତ୍ତିରେ ପହଞ୍ଚିପାରୁନାହାଁନ୍ତି । ଆଜିର ପ୍ରେମୀଯୋଡ଼ିଙ୍କ ମଧ୍ୟରେ ଗଢ଼ି ଉଠୁଥିବା ପ୍ରେମସମ୍ପର୍କ ଭିତରେ ସମ୍ପର୍କର ଗଭୀରତା, ବାସ୍ତବତା ଓ ଆତ୍ମୀୟତାକୁ ନେଇ ଏଇ ଚଳଚ୍ଚିତ୍ର ମାଧ୍ୟମରେ ଚମତ୍କାର ଭାବେ ବିଶ୍ଳେଷଣ କରାଯାଇଛି । ଏଥିରେ ସିଦ୍ଧାନ୍ତ ଚତୁର୍ବେଦୀ, ଦୀପିକା ପାଦୁକୋନ ଓ ଅନନ୍ୟା ପାଣ୍ଡେ ମୁଖ୍ୟ ଭୂମିକାରେ ଅଛନ୍ତି । ପୁଣି ବର୍ଷୀୟାନ ଅଭିନେତା ନସିରୁଦ୍ଦିନ ଶାହ ଓ ରଜତ କପୁର ଏଥିରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି । ଆଗାମୀ ଜାନୁଆରି ୨୫ ତାରିଖରେ ଉକ୍ତ ଚଳଚ୍ଚିତ୍ରଟିକୁ ୨୪୦ରୁ ଅଧିକ ଦେଶରେ (ୱାର୍ଲଡ୍ ପ୍ରିମିୟର) ପ୍ରଦର୍ଶିତ କରାଯିବ ବୋଲି ଯୋଜନା କରାଯାଇଛି । ପ୍ରେକ୍ଷାଳୟରେ ସିଧାସଳଖ ଉକ୍ତ ସିନେମାଟି ମୁକ୍ତିଲାଭ କରୁ ନ ଥିଲେ ମଧ୍ୟ ଡିଜିଟାଲ୍ ପ୍ଲାଟଫର୍ମ ଜରିଆରେ ଅନେକ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆମାଜନ ପ୍ରାଇମ୍ ଭିଡିଓର ଲାଇସେନ୍ସିଙ୍ଗ୍ ହେଡ୍ ମନୀଷ ମନ୍ଧାନୀ ଆଶା ରଖିଛନ୍ତି ।

# ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବର୍ଦ୍ଧିତ ହାରରେ ମିଳିବ 'ବାଣୀଶ୍ରୀ' ଛାତ୍ରବୃତ୍ତି

ଭୁବନେଶ୍ୱର,୨୩/୧୨ (ନି.ପ୍ର): ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଏଣିକି ବର୍ଦ୍ଧିତ ହାରରେ ଛାତ୍ରବୃତି ପ୍ରଦାନ କରାଯିବ । ଭିନ୍ନକ୍ଷମ ସଶକ୍ତିକରଣ କ୍ଷେତ୍ରରେ ଏହାକୁ ଏକ ବଡ଼ ପଦକ୍ଷେପ ବୋଲି ଦର୍ଶାଇ ବିଭାଗୀୟ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ ରାଜ୍ୟର ପ୍ରାୟ ୨୩ ହଜାର ୬ ଶହ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଆସନ୍ତା ଶିକ୍ଷାବର୍ଷଠାରୁ ଏହି ବର୍ଦ୍ଧିତ ବୃତି ପାଇବେ । ସେ କହିଛନ୍ତି ଯେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ବାଣୀଶ୍ରୀ ଛାତ୍ରବୃତି ବୃଦ୍ଧି ହେବା ଫଳରେ ସେମାନେ ଶିକ୍ଷା କ୍ଷେତ୍ରରେ ଅଧିକ ଉପକୃତ ହୋଇପାରିବେ । ଛାତ୍ରବୃତି ପରିମାଣ ବଢ଼ିବା ଫଳରେ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଏବେ ୨ ଶହ ଟଙ୍କା ପରିବର୍ତ୍ତେ ୪୦୦ ଟଙ୍କା ମିଳିବ । ଷଷ୍ଠରୁ ଦଶମ ଶ୍ରେଣୀର ପିଲାମାନଙ୍କ ବାଣୀଶ୍ରୀ ବୃତି ୨୫୦ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଯୁକ୍ତ-୨ ଓ ଯୁକ୍ତ-୩ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବୃତି ୩ ଶହରୁ ୬ ଶହ ଟଙ୍କାକୁ ଓ ସ୍ନାତକୋତ୍ତର ତଥା ବୈଷୟିକ ଧନ୍ଦାମୂଳକ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କ ବୃତି ୩୫୦ ଟଙ୍କାରୁ ୭୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ରାଜ୍ୟ ବାହାରେ ଜେନେରାଲ/ ବୈଷୟିକ/ ଧନ୍ଦାମୂଳକ ଶିକ୍ଷା ନେଉଥିବା ସମସ୍ତ ଶ୍ରେଣୀର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ୩୫୦ ଟଙ୍କା ବୃତିକୁ ବଢ଼ାଇ ୭୦୦ ଟଙ୍କା କରାଯାଇଛି । ଅନୁରୂପ ଭାବରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କ ରିଡର୍ସ ଆଲାଉନ୍ସ ମଧ୍ୟ ବୃଦ୍ଧି କରାଯାଇଛି । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାଙ୍କ ପାଇଁ ୨୦୦ ଟଙ୍କା, ମାଧ୍ୟମିକ ଶ୍ରେଣୀ ପିଲାଙ୍କ ପାଇଁ ୩୦୦ ଟଙ୍କା ଏବଂ ଅନ୍ୟ ଶ୍ରେଣୀଗୁଡ଼ିକରେ ପଢୁଥିବା ପିଲାମାନଙ୍କୁ ୪୦୦ ଟଙ୍କା ରିଡର୍ସ ଆଲାଉନ୍ସ ମିଳିବ । ଏହା ପୂର୍ବରୁ ଯଥାକ୍ରମେ ୧୦୦ ଟଙ୍କା, ୧୫୦ ଟଙ୍କା ଓ ୨୦୦ ଟଙ୍କା ରହିଥିଲା । ଶାରୀରିକ ପ୍ରତିବନ୍ଧକ ଥିବା ଛାତ୍ରଛାତ୍ରୀମାନଙ୍କୁ ପରିବହନ ଆଲାଉନ୍ସ ୧୦୦ ଟଙ୍କା ମିଳୁଥିବାବେଳେ ତାହା ବୃଦ୍ଧି କରାଯାଇ ୨୦୦ ଟଙ୍କା ରଖାଯାଇଛି । ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ବାଣୀଶ୍ରୀ ବୃତି ପାଇବା ନିମନ୍ତେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ପୂର୍ବରୁ ରହିଥିବା ପରିବାର/ଅଭିଭାବକଙ୍କ ବାର୍ଷିକ ଆୟସୀମା ୬୦ ହଜାର ଟଙ୍କା ଥିବାବେଳେ ଏବେ ତାହା ଉଠାଇ ଦିଆଯାଇଛି । କିନ୍ତୁ ଆବେଦନ ସମୟରେ ଅଭିଭାବକମାନେ ବାର୍ଷିକ ଆୟ ବାବଦରେ କେବଳ ଏକ ଅଣ୍ଡରଟେକିଂ ପ୍ରଦାନ କରିବେ ।

# କୋମାରେ ରାଜ୍ୟର ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ

ଭୁବନେଶ୍ୱର,୨୩/୧୨ (ନି.ପ୍ର): ମାଁ, ଭଉଣୀ ଓ ଶିଶୁ ସୁରକ୍ଷା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ପ୍ରତ୍ୟେକ ରାଜ୍ୟରେ 'ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ' ଖୋଲିବା ପାଇଁ ପରାମର୍ଶ ଦେଇଥିଲେ । ତାକୁ ଆଧାର କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଏଭଳି ଏକ ପ୍ରକୋଷ୍ଠ ଖୋଲାଯାଇଥିବାର ଘୋଷଣା କରିଥିଲେ ଏବଂ ଏହି ପ୍ରକୋଷ୍ଠର ମୁଖ୍ୟ ଭାବେ ଜୈନିକ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିବାର ବିଭିନ୍ନ ଗଣମାଧ୍ୟମରେ ଘୋଷଣା କରିଥିଲେ । ମାତ୍ର ଏହା ମୁଖ୍ୟମନ୍ତ୍ରୀଙ୍କ ଏକ 'ଆଇ ୱାଶ୍' ଘୋଷଣା ବୋଲି ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି । ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡକୁ ପ୍ରାୟ ୭୪ଦିନ ବିତି ଯାଇଥିବା ସତ୍ୱେ ରାଜ୍ୟ ସରକାର ଆଇନକୁ ବାଟବଣା ତଦନ୍ତ ପ୍ରକ୍ରିୟାକୁ ଦିଗହରା କରୁଛନ୍ତି । ଏହା ବିରୋଧରେ ଭାରତୀୟ ମହିଳା ମୋର୍ଚ୍ଚା ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯାଇ ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଏବଂ ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଯାଉଛି । ଏହା ସତ୍ୱେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ଲଜ୍ଜାଜନକ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ମମିତା ମେହେର ହତ୍ୟାକାଣ୍ଡ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା । ଏହି ଘଟଣା ସଂପର୍କରେ ଗତ ଡିସେମ୍ବର ୮ ତାରିଖ ଦିନ ବିଧାୟିକା କୁସୁମ ଟେଟେ ରାଜ୍ୟ ସରକାରଙ୍କ 'ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ' ଅଧିକାରୀଙ୍କୁ ପଚାରିବାରୁ, ସେ ଏହି ଘଟଣା ସଂପର୍କରେ କିଛି ଜାଣିନଥିବା ଏବଂ ଏହି ଘଟଣାଟି ସଂପୃକ୍ତ ଜିଲ୍ଲା ପୋଲିସ ତଦନ୍ତ ପରିସରଭୁକ୍ତ ବୋଲି କହି କଥାକୁ ଏଡାଇ ଦେଇଥିଲେ । ଯାହାକି ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଅଟେ । ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକ୍ରମେ ରାଜ୍ୟରେ ସତରେ 'ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ' ଖୋଲାଯାଇଛି ନା କେବଳ ଘୋଷଣା ସର୍ବସ୍ୱ ହୋଇ ରହିଯାଇଛି ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବା ନିହାତି ଆବଶ୍ୟକ । ଏହା ହେଉଛି ମହିଳା ସଶକ୍ତିକରଣର ମିଛ ପ୍ରବଂଚନା ଓ ପ୍ରହସନର ଜ୍ୱଳନ୍ତ ନଗ୍ନ ଚିତ୍ର ବୋଲି ଶ୍ରୀମତି ପଟ୍ଟନାୟକ କହିଛନ୍ତି । ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ମହିଳା ସଶକ୍ତୀକରଣ ଏବଂ ସୁରକ୍ଷା ପ୍ରସଙ୍ଗରେ ମିଛ ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀଙ୍କ ଅସଲ ମୁଖା ଖୋଲିଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଏଭଳି ମହିଳା ବିରୋଧୀ ଆଚରଣ ବିରୁଦ୍ଧରେ ମହିଳା ମୋର୍ଚ୍ଚା ମହାମହିମ ରାଜ୍ୟପାଳଙ୍କୁ ଅବଗତ କରିବ । ଏହି ପରିପ୍ରେକ୍ଷୀରେ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ପତ୍ର ଲେଖି ମୁଖ୍ୟମନ୍ତ୍ରୀଙ୍କ ମିଛ ପ୍ରହେଳିକା ପ୍ରସଙ୍ଗରେ ଅଭିଯୋଗ କରିବା ସହିତ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିବେ । ଆଗାମୀ ୨୩ ଓ ୨୪ ତାରିଖ ଦିନ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବେ ବୋଲି ଶ୍ରୀମତୀ ପଟ୍ଟନାୟକ ସୁଚନା ଦେଇଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ କସ୍ତୁରୀ ମିଶ୍ର ଏବଂ ମହିଳାମୋର୍ଚ୍ଚା ଗଣମାଧ୍ୟମ ସଂଯୋଜିକା ସୁଚରିତା ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଦେଶ ମହିଳା କଂଗ୍ରେସ କର୍ମକର୍ତ୍ତା ମାନଙ୍କୁ ଜିଲ୍ଲା ଦାୟିତ୍ୱ ବଂଟନ

ଭୁବନେଶ୍ୱର,୨୩/୧୨ (ନି.ପ୍ର): ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ କଂଗ୍ରେସ ସଂଗଠନକୁ ସୁଦୃଢ଼ ଓ କ୍ରିୟାଶୀଳ କରିବାପାଇଁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ା ପ୍ରଦେଶ ମହିଳା କଂଗ୍ରେସ କମିଟିର ଉପ-ସଭାପତି, ସାଧାରଣ ସଂପାଦିକା ଓ ସଂପାଦିକା ମାନଙ୍କ ମଧ୍ୟରେ ଜିଲ୍ଲା ଦାୟୀତ୍ୱ ବଂଟନ କରିଛନ୍ତି । ଏହି କ୍ରମରେ ନୂଆପଡ଼ା ଓ ରାୟଗଡ଼ା ଜିଲ୍ଲା ନିମନ୍ତେ ଉପସଭାପତି ମୋତି କୈବର୍ତ୍ତ ଓ ସାଧାରଣ ସଂପାଦିକା ମାଣିକ ସୁନାଙ୍କୁ ଦାୟୀତ୍ୱ ଦିଆଯାଇଥିବା ବେଳେ ମାଲକାନାଗିରି ଓ କୋରାପୁଟ ଜିଲ୍ଲା ନିମନ୍ତେ ଉପସଭାପତି ଆଇଶା ବାନୁ, ସଂପାଦିକା ଗିତାରାଣୀ ସାମନ୍ତ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ଉପସଭାପତି କୁସୁମ ପ୍ରଧାନ ଓ ସଂପାଦିକା ବୈଶାଳି ବେହେରା, ଗଜପତି ଓ ନୟାଗଡ଼ ପାଇଁ ଉପସଭାପତି ସ୍ୱରୁପା ତ୍ରିପାଠୀ ଓ ସଂପାଦିକା ଅନିତା ମଲ୍ଲିକ, କେନ୍ଦ୍ରାପଡ଼ା ଓ ଭଦ୍ରକ ପାଇଁ ଉପସଭାପତି କନକଲତା ମଲ୍ଲିକ ଓ ସଂପାଦିକା ଉର୍ବଶୀମିଶ୍ର, ଯାଜପୁର ଓ ଜଗତସିଂପୁର ଜିଲ୍ଲା ପାଇଁ ଉପସଭାପତି ଚୌଧୁରୀ ସ୍ନେହଲତା ରାୟ ଓ ସଂପାଦିକା କିରଣବାଳା ମହାନ୍ତି, ଢ଼େଙ୍କାନାଳ ଓ ବରଗଡ଼ ପାଇଁ ଉପସଭାପତି ଚାରୁଲତା ସାହୁ ଓ ସଂପାଦିକା ଆଶା ମିଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ପାଇଁ ଉପସଭାପତି ନିରୁପମା ଦାସ ଓ ସଂପାଦିକା ମୋନାଲିସା ଦାସ, ସମ୍ବଲପୁର ଓ ରାଉରକେଲା ପାଇଁ ଉପସଭାପତି ସବିତା ଧିର ଓ ସଂପାଦିକା ସ୍ୱର୍ଣ୍ଣଲତା ବାଆଁରା, ସୁନ୍ଦରଗଡ଼ ଓ ଦେଓଗଡ଼ ପାଇଁ ଉପସଭାପତି ରୁପାଦିପ୍ତା ମହାପାତ୍ର ଓ ସଂପାଦିକା କଲ୍ୟାଣି ପୂର୍ତ୍ତି, ବଲାଙ୍ଗିର ଜିଲ୍ଲା ପାଇଁ ସାଧାରଣ ସଂପାଦିକା ଶ୍ରୀୟା ସମ୍ବେଦନା ଓ ଦୌପ୍ରଦୀ ମାଝୀ, ଝାରସୁଗୁଡ଼ା ଜିଲ୍ଲା ପାଇଁ ସାଧାରଣ ସଂପାଦିକା ସବିତା ଆପଟ ଓ ସଂପାଦିକା ଫିଲଚିତା ଚେରୁଓ୍ୱା, ମୟୁରଭଞ୍ଜ ଜିଲ୍ଲା ପାଇଁ ସାଧାରଣ ସଂପାଦିକା ରିନା ସ୍ୱାଇଁ ଓ ସଂପାଦିକା ସୁନନ୍ଦା ସାହୁ, କନ୍ଧମାଳ ଜିଲ୍ଲା ପାଇଁ ସାଧାରଣ ସଂପାଦିକା ଏମ. ଏ ପରଓ୍ୱିନ ଓ ସଂପାଦିକା ସୁଜ୍ଞାନୀ ପଟ୍ଟନାୟକ, ବୌଦ୍ଧ ଜିଲ୍ଲା ପାଇଁ ମୁନି ଥାପ୍ପା ଓ ସଂପାଦିକା ଶାଇବଣୀ କହଁର, ସୋନପୁର ଓ ଅନୁଗୁଳ ଜିଲ୍ଲା ପାଇଁ ସାଧାରଣ ସଂପାଦିକା ସରୋଜିନି ବାର୍କା, ସଂପାଦିକା ହେଲେନା ବାଗ, କଟକ ନଗର କଂଗ୍ରେସ ପାଇଁ ସାଧାରଣ ସଂପାଦିକା ଚୈତାଳି ପଟ୍ଟନାୟକ ଓ ସଂପାଦିକା ଶ୍ରିୟାସ୍ମିତା ପଣ୍ଡା ଅଫିସ ପ୍ରୋଟକଲ ଦାୟିତ୍ୱ ଦିଆଯାଇଛି । କଳାହାଣ୍ଡି ଜିଲ୍ଲା ପାଇଁ ସାଧାରଣ ସଂପାଦିକା ବିଶ୍ୱକଲ୍ୟାଣି କର ଓ ସଂପାଦିକା ସ୍ନେହଲତା ନାଗ, ନବରଙ୍ଗପୁର ଜିଲ୍ଲା କଂଗ୍ରେସ ପାଇଁ ସାଧାରଣ ସଂପାଦିକା ଅନ୍ନପୂର୍ଣ୍ଣା ସାହୁ ଓ ସଂପାଦିକା ମମତା ନାୟକ ସେହିପର ଭୁବନେଶ୍ୱର ଓ ଗଞ୍ଜାମ ଜିଲ୍ଲା ପାଇଁ ସାଧାରଣ ସଂପାଦିକା ଏଲ ମାଣିକ ପ୍ରଭା ଓ ସଂପାଦିକା କାଜଲ ସାହୁ ଓ କଟକ ଜିଲ୍ଲା ପାଇଁ ସାଧାରଣ ସଂପାଦିକା ଦିପ୍ତିରାଣୀ ପ୍ରଧାନ ଓ ସଂପାଦିକା ଶ୍ରିୟାସ୍ମିତା ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ପ୍ରଦେଶ ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ପରିଡ଼ା ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରସ୍ତୁତ ହେବ ଉନ୍ନୟନ ଯୋଜନା

ଭୁବନେଶ୍ୱର,୨୩/୧୨ (ନି.ପ୍ର): ଆଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଓ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କର ସମଗ୍ର ଶିକ୍ଷା ଓ ସଫାରସ୍ ଉପରେ ଏକ ତାଲିମ ଶିବିର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମଗ୍ର ଶିକ୍ଷାର ଆଭିମୁଖ୍ୟ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ବିଭିନ୍ନ ଉପାଦାନ ଯଥା ଡିଜିଟାଲ୍ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ଶିକ୍ଷକମାନଙ୍କର ତାଲିମ, ଗୋଷ୍ଠୀ ତାଲିମ, ଅନ୍ତର୍ଭୁକ୍ତିକରଣ ଶିକ୍ଷା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ବିଭିନ୍ନ ପ୍ରକାର ସିଭିଲ୍ କାମ ତଥା ବାଳିକାମାନଙ୍କର ଆତ୍ମରକ୍ଷା କୌଶଳ ଉପରେ ସବିଶେଷ ଆଲୋକପାତ କରାଯାଇଥିଲା । ସମଗ୍ର ଶିକ୍ଷା ମାଧ୍ୟମରେ ମିଳୁଥିବା ବାର୍ଷିକ ଅନୁଦାନ ଯଥା କମ୍ପୋଜିଟ୍ ସ୍କୁଲ ଗ୍ରାଣ୍ଟ, ଲାଇବ୍ରେରୀ ଅନୁଦାନ, କ୍ରୀଡ଼ା ଅନୁଦାନ, ବିଦ୍ୟାଳୟ ନିରାପତ୍ତା ଅନୁଦାନ, ଭିତ୍ତିଭୂମି ବିକାଶ ଅନୁଦାନ ଆଦି ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷମାନେ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ସହ ବିସ୍ତୃତ ଆଲୋଚନା କରି ବିଦ୍ୟାଳୟ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ସମଗ୍ର ଶିକ୍ଷା ତଥା ଷ୍ଟାରସ୍ ମାଧ୍ୟମରେ ଆବଶ୍ୟକ ଅର୍ଥ ମଞ୍ଜୁରୀ ପାଇଁ ପ୍ରସ୍ତାବ ଦେବାକୁ ସଚିବ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡ଼ା ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କ ସହ ସଂପର୍କ ସ୍ଥାପନ କରି ମୋ ସ୍କୁଲ ଯୋଜନା ମାଧ୍ୟମରେ ବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସେ କହିଥିଲେ । ଏହି ବୈଠକରେ ଉପସ୍ଥିତ ସିଏଚ୍‌ଏସ୍‌ଇର ଉପାଧ୍ୟକ୍ଷ ଶ୍ରୀ ତୁଷାରକାନ୍ତ ତ୍ରିପାଠୀଙ୍କୁ ଉଚ୍ଚ ମାଧ୍ୟମିକ ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ତାଲିମ ପାଇଁ ଖସଡ଼ା ପ୍ରସ୍ତୁତି, ପାଠାଗାର ପାଇଁ ପୁସ୍ତକ ଚୟନ ଓ ଏଲ୍‌ଇପିରେ (ଶିକ୍ଷଣ ଅଭିବୃଦ୍ଧି) ପାଇଁ ଗୁଣାତ୍ମକ ଶିକ୍ଷା ପାଇଁ ବିଭିନ୍ନ ଶିକ୍ଷଣ କାର୍ଯ୍ୟକ୍ରମ ଆଦି ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ନେବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ । ପ୍ରାରମ୍ଭରେ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ଶ୍ରୀ ବିକାଶ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହା ଏହି ତାଲିମର ଉପଦେୟତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ଅବସରରେ ୨୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖୁବ୍‌ଶୀଘ୍ର ୫୦ ଲକ୍ଷ ଲେଖାଏଁ ଟଙ୍କା ବ୍ୟୟରେ ଡିଜିଟାଲ୍ ପାଠାଗାର ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଓସେପାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ ।

# ୨୭ରେ ଆଉ ଏକ ରାଜ୍ୟସ୍ତରୀୟ ବିଶାଳ ଜନଗର୍ଜନ ପାଇକ ସମାବେଶ

ଭୁବନେଶ୍ୱର, ୨୨ ଡିସେମ୍ବର ( – ୧୮୧୭ ମସିହାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା ଦାବିରେ ଓଡ଼ିଶା ବୀର ମହାସଂଘ ପକ୍ଷରୁ ଆଜି ମହାମହୀମ ରାଜ୍ୟପାଳଙ୍କ ମାଧ୍ୟମରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସଂସ୍କୃତିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ, ଜଟଣୀର ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ଓଡ଼ିଶା ବୀର ମହାସଂଘର ସାଧାରଣ ସମ୍ପାଦକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, କାର୍ଯ୍ୟକ୍ରମ ସଂଯୋଜକ ନରେନ୍ଦ୍ର ପୃଷ୍ଟି, ବିଶିଷ୍ଟ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା, ସମାଜସେବୀ ଗଣେଶ ସାମନ୍ତ ପ୍ରମୁଖ ଏକ ପ୍ରତିନିଧି ଦଳ ମହାସଂଘ ପକ୍ଷରୁ ରାଜଭବନ ଯାଇ, ପାଇକ ବିଦ୍ରୋହ କିପରି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ସେ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । କାରଣ ୧୮୧୭ ମସିହାରେ ପାଇକ ବିଦ୍ରୋହ ଖୋର୍ଦ୍ଧାରୁ ଆରମ୍ଭ ହୋଇଥିବା ବେଳେ ୧୮୫୭ ମସିହାରେ ସିପାହୀ ବିଦ୍ରୋହ ଆରମ୍ଭ ହୋଇଥିଲା । ତେଣୁ ଐତିହାସିକ ତଥ୍ୟ ଦୃଷ୍ଟିକୋଣରୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ବୋଲି ଘୋଷଣା କରିବାକୁ ରାଜ୍ୟପାଳଙ୍କ ମାଧ୍ୟମରେ ଦେଶର ମହାମହୀମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ ଓ ସଂସ୍କୃତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମହାସଂଘର ପ୍ରତିନିଧିମାନେ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଆଉ ଏକ ରାଜ୍ୟସ୍ତରୀୟ ବିରାଟ ଜନଗର୍ଜନ ସମାବେଶ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ ବୋଲି ମହାସଂଘ ତରଫରୁ ଘୋଷଣା କରାଯାଇଛି । ଯଦି ସରକାର ଏହା ସତ୍ୱେ ଦାବି ପୂରଣ ନ କରନ୍ତି, ତେବେ ଆସନ୍ତା ଜାନୁୟାରୀ ମାସ ୨୪ ତାରିଖ ପାଇକ ବିଦ୍ରୋହର ମହାନ୍ ସେନାପତି ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଉତ୍ସବ ଦିଲ୍ଲୀର ଲାଲକିଲ୍ଲାରେ ପାଳନ କରାଯିବ । ଏହି ଉତ୍ସବକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଜେପି ଦଳର ସମସ୍ତ ସାଂସଦ, ବିଜେଡ଼ି ଦଳର ସମସ୍ତ ସାଂସଦ ଓ କଂଗ୍ରେସ ଦଳର ସାଂସଦଙ୍କୁ ନିମନ୍ତ୍ରଣ କରାଯିବ ।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୫୫ କରୋନା ପଜିଟିଭ୍ ଚିହ୍ନଟ : ୩୨ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୨୩/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୫୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୯୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୬୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୩୨ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୪ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, ବାଲେଶ୍ୱର ଜିଲ୍ଲାରୁ ୧ ଜଣ, କଟକରୁ ୮ ଜଣ, ଦେବଗଡ଼ରୁ ୭ ଜଣ, ଢେଙ୍କାନାଳରୁ ୧ ଜଣ, ଗଞ୍ଜାମରୁ ୪ ଜଣ, ଜଗତସିଂହପୁରରୁ ୨ ଜଣ, ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ୪ ଜଣ, କଳାହାଣ୍ଡିରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, ଖୋର୍ଦ୍ଧାରୁ ୮୪ ଜଣ, ପୁରୀରୁ ୧ ଜଣ, ରାୟଗଡ଼ାରୁ ୧ ଜଣ, ସମ୍ବଲପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୩ ଜଣ ଓ ଷ୍ଟେଟ ପୁଲରୁ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

# କରୋନା ସଂକ୍ରମଣ ରୋକିବାକୁ ସମାଜର ବଡ ଦାୟିତ୍ୱ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୩/୧୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ରୋକିବାକୁ କମ୍ୟୁନିଟିର ବଡ ଦାୟିତ୍ୱ ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି । ସେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ ଲୋକମାନେ ପରିସ୍ଥିତିକୁ ସହଜ ଭାବେ ନେବା ଉଚିତ ନୁହେଁ । ସମାଜର ଲୋକ ମାନଙ୍କୁ ଏଥି ପାଇଁ ସତର୍କତା ଅବଲମ୍ବନ କରିବାକୁ ପଡିବ । ସମସ୍ତେ ସହଯୋଗର ହାତ ବଢ଼େଇଲେ ସଂକ୍ରମଣକୁ ରୋକିହେବ । ସେ କହିଛନ୍ତି ଯେ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ସର୍ଭିଲାନ୍ସ ଜାରି ରିହିଛି । ଲୋକମାନେ କୋଭିଡ ଅନୁକୂଳ ବ୍ୟବହାରକୁ ମାନିବା ଉଚିତ । ସଂକ୍ରମଣ ବଢାଇବାକୁ ସୁଯୋଗ ଦେବା ଉଚିତ ନୁହେଁ । ସେ କହିଛନ୍ତି ଯେ କେନ୍ଦ୍ର ସରକାର ସାଧାରଣ ମାର୍ଗଦର୍ଶିକା ଜାରି କରି ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେଥିରେ କୁହାଯାଇଛି ପଜିଟିଭ ରେଟ ୧୦ ପ୍ରତିଶତ ଓ ଅକ୍ସିଜେନ ବେଡ୍ ଯଦି ୪୦ ପ୍ରତିଶତ ଆବଶ୍ୟକ ହେଉଛି ତାହାଲେ କଂଟେନମେଂଟ ମେଜର ନେବାକୁ କହିଛନ୍ତି । ଆମେ ସେହି ଦିଗରେ କାର୍ଯ୍ୟ କରୁଛୁ ବୋଲି ସେ କହିଛନ୍ତି ।

# କାମାକ୍ଷା-କୋଚୁଭେଲି-କାମାକ୍ଷା ସୁପର ଫାଷ୍ଟ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ମଧ୍ୟରେ ଚଳାଚଳ କରିବ

ଭୁବନେଶ୍ୱର,୨୩/୧୨ (ନି.ପ୍ର): ଯାତ୍ରୀଙ୍କ ଦାବି ଅନୁଯାୟୀ, ପୂର୍ବତଟ ରେଳପଥ ଦେଇ ଏକ ଯୁଗଳ ସ୍ୱତନ୍ତ୍ର ସୁପରଫାଷ୍ଟ ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି । ପୂର୍ବତଟ ରେଳବାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ କାମାକ୍ଷା -କୋଚୁଭେଲି-କାମାକ୍ଷା ସୁପର ଫାଷ୍ଟ ସ୍ୱତନ୍ତ୍ର ଟ୍ରେନ୍ ୦୫୬୬୯/୦୫୬୭୦ କାମାକ୍ଷା - କୋଚୁଭେଲି-କାମାକ୍ଷା ସୁପରଫାଷ୍ଟ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ କାମାକ୍ଷାରୁ ୨୩ ଡିସେମ୍ବର ୨୦୨୧ ରୁ ୧୩ ଜାନୁୟାରୀ ୨୦୨୨ ମଧ୍ୟରେ ପ୍ରତ୍ୟେକ ଗୁରୁବାର ଦିପହର ୧୫୧୦ ଘଂଟାରେ ଛାଡିବ ଏବଂ କୋଚୁଭେଲି ଠାରୁ ୨୬ ଡିସେମ୍ବର ୨୦୨୧ ରୁ ୧୬ ଜାନୁୟାରୀ ୨୦୨୨ ମଧ୍ୟରେ ପ୍ରତ୍ୟେକ ରବିବାର ରାତ୍ରି ୨୦୦୦ ଘଂଟାରେ ଛାଡିବ । ଏହି ଟ୍ରେନ୍ ଉଭୟ ଦିଗରୁ ପୂର୍ବତଟ ରେଳପଥ ଅଧୀନରେ ଥିବା ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପାଲାସା, ଶ୍ରୀକାକୁଲମ୍ ରୋଡ୍, ଭିଜୟନଗରମ୍, ବିଶାଖାପାଟନମ୍ ଏବଂ ଦୁବାଡା ଷ୍ଟେସନ ଠାରେ ରହଣି କରିବ ।

# ଓମିକ୍ରନର ସଂକ୍ରମଣହାର ଅଧିକ ହୋଇଥିବାରୁ ସମସ୍ତେ ଶିଘ୍ର ଟିକା ନେବା ଜରୁରୀ : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୩/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଆଜି ବିଭିନ୍ନ ଜିଲ୍ଲାରେ କୋଭିଡ୍ ସ୍ଥିତି ବିଷୟ ଅନୁଧ୍ୟାନକରି କହିଛନ୍ତି ଯେ ଓମିକ୍ରନର ସଂକ୍ରମଣହାର ଅଧିକ ଏବଂ କୋଭିଡ୍ର ଏହି ରୂପାନ୍ତରିତ ଭାଇରସ୍ ବିଷୟରେ ଦୈନିକ ନୂତନ ଅଧ୍ୟୟନ ତଥ୍ୟ ଆସୁଛି । ତେଣୁ ନିଜ ନିଜର ସୁରକ୍ଷାପାଇଁ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ଶିଘ୍ର କୋଭିଡ୍ ଟିକା ନେଇଯିବା ଜରୁରୀ । ଜାନୁଆରୀ ୧୫ ତାରିଖ ସୁଦ୍ଧା ଶତ ପ୍ରତିଶତ ଟିକାକରଣ ନିମନ୍ତେ ଲକ୍ଷଭେଦୀ ଗ୍ରାମଓ୍ୱାରୀ କାର୍ଯ୍ୟକ୍ରମ କରିବାକୁ ଶ୍ରୀ ମହାପାତ୍ର ସମସ୍ତ ଜିଲ୍ଲାପାଳ, ସ୍ୱାସ୍ଥ୍ୟ ଅଧିକାରୀ, ଟିକାକରଣ ଟିମ୍, ବ୍ଲକ୍ ଓ ପଂଚାୟତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡ଼ା ପୃଥିବୀର ବିଭିନ୍ନ ଦେଶରେ ଏବଂ ଭାରତର ବିଭିନ୍ନ ରାଜ୍ୟରେ ବଢୁଥିବା ଓମିକ୍ରନ୍ ସ୍ଥିତି ଦୃଷ୍ଟିରୁ ସମସ୍ତ ସରକାରୀ ହସ୍ପିଟାଲ୍ରେ ଯଥେଷ୍ଟ ଔଷଧ, ଅକ୍ସିଜେନ୍ ସିଲିଣ୍ଡର, ବେଡ୍, ଆଇ.ସି.ୟୁ., ଭେଣ୍ଟିଲେଟର ଓ ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଘରୋଇ ହସ୍ପିଟାଲ୍ମାନଙ୍କ ସହ ଯୋଗାଯୋଗ କରି ଯେକୌଣସି ସମୟରେ ସେମାନଙ୍କର ସହଯୋଗ ନିଆଯିବ, ଏବଂ ସେଥିପାଇଁ ସେମାନେ ପ୍ରସ୍ତୁତ ରହିବା ଦରକାର ବୋଲି ଆଗୁଆ ଜଣାଇଦେବାକୁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ହସ୍ପିଟାଲ୍ ମାନଙ୍କରେ ଥିବା ଅକ୍ସିଜେନ୍ ପ୍ଲାଣ୍ଟଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ତ୍ୱରାନ୍ୱିତ ଟିକାକରଣ ପାଇଁ ଗ୍ରାମଓ୍ୱାରୀ ଟିକାକରଣ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ସହ ଗ୍ରାମପଂଚାୟତ, ଓ୍ୱାର୍ଡ୍ ମେମ୍ବର, ଅଙ୍ଗନାବାଡ଼ି, ଆଶାକର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ମାଧ୍ୟମରେ ଆଗୁଆ ଗ୍ରାମବାସୀମାନଙ୍କୁ ଜଣାଇଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହା ହେଲେ ସାଧାରଣତଃ ବିଭିନ୍ନ କର୍ମରେ ନିୟୋଜିତ ଥିବା ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ଟିକାନେବାପାଇଁ ନିଜର ସୁବିଧା କରିପାରିବେ । ଟିକାକରଣଦଳ ସହ ମଧ୍ୟ ଲୋକମାନେ ଯୋଗାଯୋଗ କରିପାରିବେ । ରାଜ୍ୟ ଲୋକସେବା ଭବନରୁ ଭିଡିଓ କନଫ୍ରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜ କୁମାର ଶର୍ମା କୋଭିଡ୍ ସ୍ଥିତି ବିଷୟ ଉପସ୍ଥାପନ କରିବାସହ ବ୍ୟାପକ କୋଭିଡ୍ ପରୀକ୍ଷା, ସଚେତନତା ଏବଂ ପ୍ରବର୍ତନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସମଗ୍ର ରାଜ୍ୟରେ ଦୈନିକ କୋଭିଡ୍ ସାମ୍ପୁଲ୍ ପରୀକ୍ଷାକୁ ୭୦,୦୦୦ ପର୍ଯ୍ୟନ୍ତ ବଢ଼ାଇବାକୁ ଶ୍ରୀ ଶର୍ମା କହିଥିଲେ । ସେହି ଅନୁସାରେ ବିଭିନ୍ନ ଜିଲ୍ଲାପାଇଁ ଦୈନିକ ନମୁନା ପରୀକ୍ଷା ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ବହୁ ଲୋକଙ୍କ ସଂପର୍ଶରେ ଆସୁଥିବା ବୁଲାବିକାଳୀ, ଦ୍ୱାରଦେଶ ଯୋଗାଣକାରୀ (ଡେଲିଭରି ମ୍ୟାନ୍), ଦୋକାନୀ, ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ, ବିବାହ ଓ ଅନ୍ତେଷ୍ଟିକ୍ରିୟା ଆଦି କର୍ମରେ ଯୋଗଦେଉଥିବା ଲୋକମାନଙ୍କର ନମୁନା ପରୀକ୍ଷା କରାଇବାପାଇଁ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିବାହ, ବ୍ରତ ଓ ଅନ୍ତେଷ୍ଟିକ୍ରିୟା ଆଦିରେ ଅଂଶଗ୍ରହଣ ନିମନ୍ତେ ନିର୍ଦ୍ଧାରିତ ସଂଖ୍ୟାର ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ମଧ୍ୟ ଜିଲ୍ଲାପାଳ ଓ ପୋଲିସ୍ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବଜାର, ଶିଳ୍ପାଂଚଳ, ବସ୍‌ଷ୍ଟାଣ୍ଡ ଏବଂ ଭିଡ଼ ସ୍ଥାନମାନଙ୍କରେ ପ୍ରତୀମାତ୍ମକ ନମୁନା ପରୀକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ସୁବିଧା ସହ ଆର.ଟି.ପି.ସି.ଆର ଟେଷ୍ଟ ନିମନ୍ତେ ନମୁନା ସଂଗ୍ରହ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା କରାଗଲେ ସଚେତନ ଲୋକମାନେ ନିୟମିତ ଭାବେ ନିଜ ତଥା ନିଜ ପରିବାର ସଦସ୍ୟମାନଙ୍କର ପରୀକ୍ଷା କରାଇନେଇ ପାରିବେ ।

# କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅଧିକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୩/୧୨ (ନି.ପ୍ର): କର୍ତବ୍ୟ ପ୍ରତି କ୍ଷୁଧା ଜାଗ୍ରତ ହେଲେ ଜଣେ କର୍ମଚାରୀ ତା'ର ପେଶାରେ ସଫଳ ହୋଇପାରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି । ସଂପ୍ରତି ଇମେଜ୍‌ସ୍ଥିତ ଅଫିସର ହଷ୍ଟେଲ୍‌ର ସମ୍ମିଳନୀ କକ୍ଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ କୃଷି ବିଭାଗ ଗ୍ରୁପ୍-ଏ ଓ ଗ୍ରୁପ୍-ବି ଅଫିସରମାନଙ୍କର ଦିବସବ୍ୟାପୀ ତାଲିମ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ସାହୁ ଏହା କହିଛନ୍ତି । ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଡ. ସାହୁ କହିଥିଲେ ଯେ ତାଲିମ ଏକ ଉତ୍କୃଷ୍ଟ ଶିକ୍ଷା ମାଧ୍ୟମ ଯାହା ବ୍ୟକ୍ତିକୁ ଜୀବନତମାମ ଆବଶ୍ୟକ ପଡ଼ିଥାଏ । ଏଥି ନିମନ୍ତେ ଯୋଗାଯୋଗ ନିତାନ୍ତ ଆବଶ୍ୟକ । କୃଷି ସଂପ୍ରସାରଣରେ ଯୋଗାଯୋଗର ପ୍ରାଧାନ୍ୟ ଖୁବ୍ ବେଶୀ ଉପଲବ୍ଧ ହେବା ଦରକାର । ତାଲିମ ଏକ ନିରବଚ୍ଛିନ୍ନ ଧାରା । ଯେଉଁମାନେ ଏବେ ତାଲିମପ୍ରାପ୍ତ ହୋଇଛନ୍ତି ସେମାନେ ଆସନ୍ତା ଦିନରେ ନୂଆପିଢ଼ିର ଅଧିକାରୀ, କୃଷି ଉଦ୍ୟୋଗୀ ତଥା କୃଷକମାନଙ୍କୁ ତାଲିମ ପ୍ରଦାନ କରି ଆଗକୁ ବଢ଼ାଇବେ ବୋଲି ମନ୍ତ୍ରୀ ଡ. ସାହୁ ଉଲ୍ଲେଖ କରିଥିଲେ । ଚିରାଚରିତ ଢଙ୍ଗରେ କାର୍ଯ୍ୟ କରିବା ଅପେକ୍ଷା ପେଶାଦାର ମନୋଭାବ ନେଇ କାର୍ଯ୍ୟ କଲେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ସମ୍ଭବ ହେବ ବୋଲି ଡ. ସାହୁ କହିଥିଲେ । ଆନୁଷଙ୍ଗିକ କୃଷି ବିଭାଗ ଯଥା ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶରେ ମଧ୍ୟ ଅନୁରୂପ ତାଲିମ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ତ୍ରୀ ପ୍ରସ୍ତାବ ରଖିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ଏହି ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଉଲ୍ଲେଖ କରି କହିଥିଲେ ଯେ ନିଜ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବା ପାଇଁ ଆମକୁ ଅନ୍ତର୍ମୁଖୀ ହେବାକୁ ପଡ଼ିବ । ନିଜେ ଏଥି ପାଇଁ ସଫଳତାର ମାନକ ନିର୍ଣ୍ଣିତ କରିବାକୁ ହେବ । ନିଜ ସହ ନିଜେ ପ୍ରତିଯୋଗିତା କରିବାକୁ ହେବ ।

# ହସ୍ତଶିଳ୍ପ ତାଲିମ କେନ୍ଦ୍ର ପାଇଁ ପାଠ୍ୟପୁସ୍ତକ ପ୍ରକାଶନ ନିମନ୍ତେ କର୍ମଶାଳା

ଭୁବନେଶ୍ୱର,୨୩/୧୨ (ନି.ପ୍ର): ବୁଧବାର ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍) ପରିସରରେ ଅନୁଷ୍ଠାନର ହସ୍ତଶିଳ୍ପ ତାଲିମ କେନ୍ଦ୍ର ପାଇଁ ପାଠ୍ୟପୁସ୍ତକ ପ୍ରକାଶନ ନିମନ୍ତେ ଏକ କର୍ମଶାଳା ସଂପାଦିତ ହୋଇଯାଇଛି । ଏହି କର୍ମଶାଳାଟି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀ ସନାତନ ନାୟକ, ନିର୍ଦ୍ଦେଶକ, ହସ୍ତଶିଳ୍ପ, ଶ୍ରୀ ଶିଶିର କୁମାର ରଥ, ସଦସ୍ୟ ସଚିବ, ସିଡାକ୍ ତଥା ଶ୍ରୀ ଦିଲ୍ଲୀପ କୁମାର ନାୟକ, ଭାରପ୍ରାପ୍ତ ଅଧିକାରୀ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଉପସ୍ଥିତ ଥିଲେ । ଓଡ଼ିଶାର ବିଭିନ୍ନ ହସ୍ତଶିଳ୍ପ ଯଥା ଚାନ୍ଦୁଆ, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, ମୃତ୍ତିକା ଶିଳ୍ପ, ପଥର ଖୋଦେଇ ଓ କାଷ୍ଠ ଖୋଦେଇ କ୍ଷେତ୍ରର ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ତଥା ଅଭିଜ୍ଞ ପ୍ରଶିକ୍ଷକ ଉକ୍ତ କର୍ମଶାଳାରେ ନିମନ୍ତ୍ରିତ ହୋଇ ନିଜର ମତାମତ ତଥା ଅଭିଜ୍ଞତା ପ୍ରଦାନ କରିଥିଲେ ।

## ଆଲିପୁର ଷଡଯନ୍ତ୍ର ମାମଲା ଓ ବିପ୍ଲବୀ ଅରବିନ୍ଦ...

(ପୃଷ୍ଠା-୪ର ଅବଶିଷ୍ଟ)

ଜଣେ ପୋଲିସ ଇନଫର୍ମରଙ୍କୁ ମଧ୍ୟ ଢାକାରେ ହତ୍ୟା କରାଗଲା । ସରକାର ରାଜା ସୁବୋଧ ମଲିକ, ଅରବିନ୍ଦଙ୍କ ମାମୁ କ୍ରିଷ୍ଣକୁମାର ମିତ୍ର, ବନ୍ଦେମାତରମ ସଂପାଦକ ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀଙ୍କୁ ରେଙ୍ଗୁନକୁ ନିର୍ବାସିତ କଲେ । ସରକାର ଏତେ ଡରିଗଲେ ଯେ, ଅରବିନ୍ଦଙ୍କ ମୁକ୍ତି ବିରୋଧରେ ଅପିଲ ମଧ୍ୟ କଲେ ନାହିଁ । ତାଙ୍କ ସହ ବୁଝାମଣା କରି ପଣ୍ଡିଚେରିରେ ଆଧ୍ୟାତ୍ମିକ ଜୀବନ ବିତାଇବା ପାଇଁ ଭାରତରୁ ବିଦାୟ ଦେଲେ ।

ଏହା ପରେ ଢାକା ଷଡଯନ୍ତ୍ର ମାମଲା ଦାୟର ହେଲା । ବାଘା ଯତିନଙ୍କ ଯୁଗାନ୍ତର ଦଳ ସକ୍ରିୟ ହୋଇ ଉଠିଲେ । ଅଳ୍ପଦିନ ମଧ୍ୟରେ ସରକାର ଭାରତର ରାଜଧାନୀ କଲିକତାରୁ ଦିଲ୍ଲୀକୁ ଉଠାଇ ନେଲେ । ୧୯୦୯ ମସିହାରେ ମର୍ଲେ-ମିଣ୍ଟୋ ଶାସନ ସଂସ୍କାର କାର୍ଯ୍ୟକାରି କଲେ । ପ୍ରେସ ଉପରେ କଟକଣା ପାଇଁ ପ୍ରେସ ଆଇନ ଜାରି କଲେ । ଏହା ମଧ୍ୟରେ ଜାତୀୟ କଂଗ୍ରେସ ଦଳର ଗଠନ ହେଲା ପରେ ଲୋକେ ତାହା ପ୍ରତି ଆକୃଷ୍ଟ ହେଲେ । ଆତଙ୍କ ବାଦ ଧିରେଧିରେ କମିଗଲା ।

ସେଦିନ କୋର୍ଟରେ ନିଜ ବ୍ୟକ୍ତବ୍ୟର ପରିସମାପ୍ତିରେ ଚିତରଞ୍ଜନ ଅରବିନ୍ଦଙ୍କୁ ଲକ୍ଷ୍ୟ କରି କହିଥିଲେ, "ଆଜି ଯେଉଁ ବ୍ୟକ୍ତି ଆପଣଙ୍କ ଆଗରେ କାଠଗଡାରେ ଅଭିଯୁକ୍ତ ଆକାରରେ ଠିଆ ହୋଇଛି, ଅନେକ ଦିନ ପରେ ଯେତେବେଳେ ସେ, କି ଆମେ କେହି ନଥିବା, ଲୋକେ ତାଙ୍କୁ ଜାତୀୟବାଦର କବି ଓ ମାନବବାଦର ମେସିଆ ରୂପେ ମନେ ରଖିବେ । ତାଙ୍କର ବାଣି ଖାଲି ଭାରତ ନୁହେଁ, ସମଗ୍ର ବିଶ୍ୱର କୋଣ ଅନୁକୋଣ ପ୍ରତିଧ୍ୱନିତ ହେବ । ଆଜି ସେ ଆପଣଙ୍କ ବିଚାରାଳୟ ନୁହଁ, ଇତିହାସ ର ବିଚାରାଳୟରେ ସେଠିଆ ହୋଇଛନ୍ତି । ଆପଣଙ୍କ ନିଷ୍ପତ୍ତି ଏସବୁକୁ ଆଖି ଆଗରେ ରଖି ନେବେ ବୋଲି ମୋର ଅନୁରୋଧ ।" ଅରବିନ୍ଦଙ୍କ ଭାଇ ବରେନ ମୁକ୍ତି ୧୯୨୦ ମସିହାରେ ହୋଇ ୧୯୫୯ ମସିହା ପର୍ଯ୍ୟନ୍ତ ଜୀବିତ ଥିଲେ ମଧ୍ୟ ତାଙ୍କୁ ସମସ୍ତଙ୍କ ଅଜଣାରେ ରଖାଗଲା । ଅନେକ ଶହୀଦ ଇତିହାସର ଅନ୍ଧାରରେ ହଜିଗଲେ ।ଯେଉଁ ମାରେ ସ୍ୱାଧିନତା ଆଣି ଛନ୍ତି ବୋଲି ଦାବି କରି, ଦେଶ ଠାରୁ ଭତ୍ତା, ମନ୍ତ୍ରୀ ପଦ ଉପଭୋଗ କରି, ଏବେବି ତାଙ୍କ ଋଣ ଦେଶ ଶୁଝି ପାରିନି ବୋଲି କହୁଛନ୍ତି, ତାଙ୍କୁ ଗୋଟିଏ ପ୍ରଶ୍ନ, ସେଦିନ ପୋଲିସକୁ ଚାପଡା ମାରି ପିଲାଟି ପନ୍ଦର ବେତ ଖାଇଥିଲା । ଆଜି ଯଦି ଜଣେ ପିଲା ସେହି କାର୍ଯ୍ୟ କରେ, ତାହେଲେ ତାର ଅବସ୍ଥା କଣ ହେବ? ଏଥିରୁ ସେମାନେ ଆଣିଥିବା ସ୍ୱାଧିନତାର ମୂଲ୍ୟାୟନ କରାଯାଇ ପରିବ ।

ବନ୍ଦେ ମାତରମ ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର
ମୋ:୯୪୩୭୨୩୫୩୮

## ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

ବାଲିଆପାଳ, ୨୩/୧୨ (ନି.ପ୍ର): ବାଲିଆପାଳସ୍ଥିତ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନାରେ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ରବିବାର କଲେଜ ପରିସରରେ ଉଦଘାଟିତ ହୋଇଯାଇଛି । ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳ ଶିବିରକୁ ଉଦଘାଟନ କରି ତାହାର ମହତ୍ୱ ସଂପର୍କରେ ଆଲୋଚନା କରିଥିଲେ । ଅଧ୍ୟାପକ ବରେନ୍ଦ୍ର ବେହେରା, ସନ୍ୟାସୀ ବେହେରା, ଦିଗମ୍ବର ରଣା,ବିନୋଦ ବେହେରା ପ୍ରମୁଖ ଯୋଗ ଦେଇ ଶିବିରାର୍ଥୀମାନଙ୍କୁ ସେବା ଶିବିରରେ ନୀତିନିୟମ ସଂପର୍କରେ ସୁପରାମର୍ଶ ଦେଇଥିଲେ । ଏହି ଶିବିରରେ ଶିବିରାର୍ଥୀମାନେ ଗୋଷ୍ଠିଗତ ଜୀବନ ଯାପନ, ସହଭାଗିତା, କୋଭିଡ ସଚେତନତା ବ୍ୟକ୍ତିତ୍ୱର ବିକାଶ ସଂପର୍କରେ ଶିକ୍ଷା ଗ୍ରହଣ କରିବେ ୭ ଦିନିଆ ଏହି ଶିବିରକୁ ପ୍ରୋଗ୍ରାମ ଅଫିସର ରମେଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଛନ୍ତି ।

## ବାଲିଆପାଳରେ ମେଗା ଜଳ ପ୍ରକଳ୍ପର ଶିଳାନ୍ୟାସ

ବାଲିଆପାଳ, ୨୩/୧୨ (ନି.ପ୍ର): ନିକଟରେ ରାଜ୍ୟ ସରକାର ବାଲିଆପାଳରେ ୧୭୨ କୋଟି ଟଙ୍କାର ଏକ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ । ଆଜି ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ବାଲିଆପାଳ ପଂଚାୟତ କୁଦମାନସିଂ ଠାରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ସୂବର୍ଣ୍ଣରେଖା ନଦୀର ପାଣି ଉତ୍ତୋଳନ ହୋଇ ଏହାକୁ ବିଶୋଧନ କରାଯିବ ପରେ ବ୍ଲକର ୨୧ଟି ପଂଚାୟତର ସମସ୍ତ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ । ଏହାଦ୍ୱାରା ପାଖାପାଖି ଦେଢ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ । ଦିର୍ଘ ଦିନ ଧରି ବାଲିଆପାଳ ବ୍ଲକରେ ଥିବା ପାନୀୟ ଜଳ ସମସ୍ୟାର ସମାଧାନ ହେବ ବୋଲି ବିଧାୟକ ଶ୍ରୀ ସାହୁ ଏ ଅବସରରେ କହିଥିଲେ । ମୁମ୍ବାଇର ବୁଷ୍ଟାର କମ୍ପାନି ଏହି କାର୍ଯ୍ୟର ଟେଣ୍ଡର ନେଇଥିବା ଜଣାଯାଇଛି । ଆଜିର ଏହି ଶିଳାନ୍ୟାସ ଉତ୍ସବରେ ଟେଣ୍ଡର ନେଇଥିବା କମ୍ପାନିର ପ୍ରୋଜେକ୍ଟ ମ୍ୟାନେ ସମେତ ବିଜେଡିର ବହୁ ନେତା ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ତପସ୍ୱିନୀଙ୍କୁ କୋର୍ଟଙ୍କ....

ଶ୍ୱଶୁର ଘରେ ରହିବା ନିମନ୍ତେ ଅନୁମତି ଦେବାକୁ ତପସ୍ୱିନୀ ଗତ ୧୭ ତାରିଖରେ ଏସ୍‌ଡିଜେଏମ୍ କୋର୍ଟରେ ପିଟିସିନ ପକାଇଥିଲେ । ହେଲେ ଏହାକୁ ଏସ୍‌ଡିଜେଏମ୍ କୋର୍ଟ ଖାରଜ କରିଦେଇଛନ୍ତି । ଫଳରେ ତପସ୍ୱିନୀଙ୍କୁ ଶକ୍ତ ଧକ୍କା ଲାଗିଛି । ତେବେ ଏସ୍‌ଡିଜେଏମ୍ କୋର୍ଟଙ୍କ ରାୟ ବିରୋଧରେ ତପସ୍ୱିନୀଙ୍କ ଓକିଲ ଦୀପକ ପଟ୍ଟନାୟକ ଜିଲ୍ଲା ଜଜ୍ କୋର୍ଟରେ ଆବେଦନ କରିଛନ୍ତି । ଦୀପକ ପଟ୍ଟନାୟକ କହିଛନ୍ତି, ତପସ୍ୱିନୀଙ୍କୁ ଘର ଭଡ଼ା ନେଇ ରଖିବା ସହ ତାଙ୍କର ସମସ୍ତ ଦାୟିତ୍ୱ ତୁଲାଇବା ନିମନ୍ତେ ଗତ ୯ ତାରିଖରେ ଏସ୍‌ଡିଜେଏମ୍ କୋର୍ଟ ଡାକ୍ତର ସୁମିତଙ୍କୁ ଆଦେଶ ଦେଇଥିଲେ । କିନ୍ତୁ ୧୦ ତାରିଖରେ ସୁମିତ ପତ୍ନୀଙ୍କୁ ଅବହେଳିତ ଅବସ୍ଥାରେ ଆସିକା ଚିନି କଳ ଗେଷ୍ଟ ହାଉସ୍‌ରେ ଛାଡ଼ି ପଳାଇଥିଲେ । ଏନେଇ ୧୩ ତାରିଖରେ ତପସ୍ୱିନୀ ଆସିକା ଥାନାରେ ସ୍ୱାମୀ ନିଖୋଜ ନେଇ ଅଭିଯୋଗ କଲେ । କିନ୍ତୁ ପୁଲିସ୍ କୌଣସି ପଦକ୍ଷେପ ଗ୍ରହଣ କଲାନି । ଏହାପରେ ୧୭ ତାରିଖରେ ଆଉ ଏକ ପିଟିସନ ଫାଇଲା କରି ତପସ୍ୱିନୀ ଶ୍ୱଶୁର ଘରେ ରହିବାକୁ ଅନୁମତି ମାଗିଥିଲେ । ଏସ୍‌ଡିଜେଏମ୍ କୋର୍ଟ ଏହାକୁ ଖାରଜ କରି ପୁରୁଣା ଆଦେଶ ଦୋହରାଇଥିଲେ, ଯେଉଁଥିରେ ଡାକ୍ତର ସୁମିତଙ୍କୁ ତପସ୍ୱିନୀଙ୍କ ଦାୟିତ୍ୱ ନେବାକୁ କୁହାଯାଇଛି । କିନ୍ତୁ ଏସ୍‌ଡିଜେଏମ୍ କୋର୍ଟଙ୍କ ଆଦେଶକୁ ଡାକ୍ତର ସୁମିତ ଅବମାନନା କରି ଆସୁଛନ୍ତି । ଏସ୍‌ଡିଜେଏମ୍ କୋର୍ଟଙ୍କ ରାୟ ବିରୋଧରେ ତପସ୍ୱିନୀ ଜିଲ୍ଲା ଜଜ୍ କୋର୍ଟରେ ଅପିଲ୍ କରିଥିବା ବେଳେ ସୁମିତ ମଧ ଜିଲ୍ଲା ଜଜ୍ କୋର୍ଟରେ ପିଟିସନ ଫାଇଲ କରିଛନ୍ତି । ଆସନ୍ତା ୨୭ ତାରିଖରେ ଉଭୟ ପକ୍ଷଙ୍କ ଶୁଣାଣି ରହିଛି । ଅନ୍ୟପକ୍ଷରେ ସୁମିତଙ୍କ ଛୁଟିର ଅବଧି ଶେଷ ହୋଇଛି । ସେ ଆଜି କାର୍ଯ୍ୟରେ ଯୋଗ ଦେବା କଥା । ମାତ୍ର ସେ ବାଲିସିରା ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇନଥିବା ଜଣାପଡ଼ିଛି । ସୁମିତ ଜଣେ ସରକାରୀ ଚାକିରିଆ । ବିନା ଅନୁମତିରେ ଯଦି ସେ ଛୁଟିରେ ଅଛନ୍ତି, ତା'ହେଲେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ତପସ୍ୱିନୀଙ୍କ ଓକିଲ କହିଛନ୍ତି । ସୁମିତଙ୍କ ଓକିଲ କହିଛନ୍ତି ଯେ ତାଙ୍କ ମହକିଲଙ୍କ ଦେହ ଖରାପ ଅଛି । ଆବଶ୍ୟକ ହେଲେ ସେ ଆଉ ଅଧିକ ଦିନ ଛୁଟି ନେଇପାରନ୍ତି ।

### ଦେଶରେ ୩୦୦ ପାର୍ କଲା ....

ଜଣାପଡ଼ିଛି । ଆସନ୍ତାକାଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତାଲିକା ଜାରି କରିବା ପୂର୍ବରୁ ରାଜ୍ୟ ସରକାରମାନେ ଓମିକ୍ରନ ତଥ୍ୟ କେନ୍ଦ୍ରକୁ ପଠାଇ ସାରିଛନ୍ତି । ଏହାକୁ ହିସାବ କଲେ ଦେଶରେ ବର୍ତ୍ତମାନ ସୁଦ୍ଧା ଓମିକ୍ରନ ଆକ୍ରାନ୍ତ ସଂଖ୍ୟା ୩୦୦ ପାର କରିଥିବା ସ୍ପଷ୍ଟ ହୋଇଛି । ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ମହାରାଷ୍ଟ୍ରରେ ସର୍ବାଧିକ ୬୫ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଦିଲ୍ଲୀରେ ଏହି ସଂଖ୍ୟା ୬୪ ରହିଛି । ରାଜସ୍ଥାନ, ତାମିଲନାଡୁ ଓ ତେଲେଙ୍ଗାନାରେ ମଧ ନିୟମିତ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । ମନ୍ତ୍ରଣାଳୟର ତଥ୍ୟ ଦେଇ ସାରିବା ପରେ ତାମିଲନାଡୁରେ ଆଜି ଏକାଥରେ ୩୩ ଜଣଙ୍କ ଶରୀରରୁ ଓମିକ୍ରନ ଭାରିଏଣ୍ଟ ଠାବ ହୋଇଛି । ପୂର୍ବରୁ ଏଠାରେ ଜଣେ ବ୍ୟକ୍ତି ଓମିକ୍ରନରେ ଆକ୍ରାନ୍ତ ହୋଇଥିଲେ । ଏହାକୁ ମିଶାଇ ଦେଶରେ ଓମିକ୍ରନ ଆକ୍ରନ୍ତଙ୍କ ସଂଖ୍ୟା ୨୭୧ରେ ପହଞ୍ଚିଥିଲା । ଓଡ଼ିଶାରୁ ମଧ ଆଉ ୨ ଜଣଙ୍କ ଶରୀରରୁ ଓମିକ୍ରନ ଭୂତାଣୁ ମିଳିଛି । ପୂର୍ବରୁ ଏଠାରେ ୨ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଏହାବାଦ ଗୁଜରାଟରେ ଆଜି ଆଉ ୭ ଜଣ ଓମିକ୍ରନ ସଂକ୍ରମିତ ଠାବ ହୋଇଛନ୍ତି । ଫଳରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୩୦ରେ ପହଞ୍ଚିଛି । ମହାରାଷ୍ଟ୍ରରେ ମଧ ଆଜି ୨୩ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା ୮୮କୁ ବୃଦ୍ଧି ପାଇଛି । କର୍ଣ୍ଣାଟକାରୁ ଆଜି ଆଉ ୧୨ ଜଣ ଓମିକ୍ରନ ଆକ୍ରାନ୍ତ ସାମ୍ନାକୁ ଆସିଛନ୍ତି । ଏହାକୁ ମିଶାଇଲେ ଦେଶରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୩୦୦ ପାର କରିଛି ।

### ୫୫ ବସ୍ ଷ୍ଟାଣ୍ଡର ଶିଳାନ୍ୟାସ....

ଆର.ଉଦୟଗିରି, ନୂଆଗଡ଼, ଗୁମ୍ମା, ଝାରସୁଗୁଡ଼ାର କୋଲାବିରା, କଳାହାଣ୍ଡିର ଧରମଗଡ଼, ଜୁନାଗଡ଼, କନ୍ଧମାଳର ତିପାରିଗାଁ, କେନ୍ଦ୍ରାପଡ଼ାର ନଦୀଆବରେଇ, ମାର୍ଶାଘାଇ, ନିଆଳ, ବାଘବୁଡ଼ା ଓ ସାନବେଡ଼ା (ଗୋପାଳପୁର)ରେ ବସ୍ ଷ୍ଟାଣ୍ଡ ହେବ । ସେହିପରି କେନ୍ଦୁଝର ଜିଲ୍ଲାର ଖପରାଖାଇ, ଆନନ୍ଦପୁର, ଉପରଡିହ, ହିରଚନ୍ଦନପୁର, ସାହରପୁର, ଗୋରଣ୍ଡିଯୋଡ଼ି, ସଢୁଆପଡ଼ା, କାଲିକୁଦର, ଝୁମ୍ପୁରା, କୋରାପୁଟର କାକି, କୋଟପାଡ଼, ମୟୂରଭଂଜର ବେତନଟୀ, ନବରଂଗପୁରର ଦାଙ୍ଗିରିଗୋଡ଼, କୋଡ଼ିଙ୍ଗା, ନୟାଗଡ଼ର ରଣପୁରଘା, ଖଣ୍ଡପଡ଼ା, ପାତଣ୍ଡା, ନୂଆପଡ଼ା ଜିଲ୍ଲାର ରାଜପୁରା, ପୁରୀର ବଲରା, ଗୋପ, ରାୟଗଡ଼ାର କୋଲନରା, ଟିକରପଡ଼ା, ସମ୍ବଲପୁର ଜିଲ୍ଲାର ଯୁଯୁମୁରା, ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ସହର, ଝାରକୁମୁଡ଼ା (ବୀରମହାରାଜପୁର), ବିନିକା ଓ ଉଲୁଣ୍ଡାରେ ବସ୍ ଷ୍ଟାଣ୍ଡ ହେବ ।

### ରାଜଧାନୀରେ କଟକଣାରେ ....

କରାଯିବ । ବଡ଼ଦିନ ଓ ନୂଆବର୍ଷରେ ଅଧିକ ଗହଳି ହେବାକୁ ଥିବାରୁ ଏହି ଅବସରରେ ଗହଳି ଏଡ଼ାଇବାକୁ ତଥା ସଂକ୍ରମଣ ରୋକିବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କମିଶନର । ସେ ଆହୁରି କହିଛନ୍ତି, ଓଡ଼ିଶାରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ଅଛି । ତଥାପି ଏବେଠୁ ବିଏମସି ସତର୍କତାମୂଳକ ପଦକ୍ଷେପ ନେଉଛି । ଗାଇଡଲାଇନ ଅନୁସାରେ ବିଦେଶ ଫେରନ୍ତାଙ୍କ ଉପରେ ନଜର ରଖାଯାଇଛି । ବିଦେଶ ଫେରନ୍ତା ପଜିଟିଭ ଚିହ୍ନଟ ହେଲେ ସେମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତି କରାଯାଉଛି । ଏବେ ସୁଦ୍ଧା ଭୁବନେଶ୍ୱରରେ ୬ଟି ମାଇକ୍ରୋ କଂଟେନମେଂଟ କରାଯାଇଛି ବୋଲି ବିଏମ୍‌ସି କମିଶନର ସୂଚନା ଦେଇଛନ୍ତି ।

### ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣ....

ଆଶା ମଉଳି ଯିବାକୁ ବସିଛି । କାରଣ ସରପଂଚ, ପଂଚାୟତ ସମିତି ସଭ୍ୟ, ଅଧକ୍ଷ ଓ ଜିଲ୍ଲା ପରିଷଦ ସଭ୍ୟ ଓ ଅଧକ୍ଷ ପାଇଁ ନୂଆ ତାଲିକା ପ୍ରକାଶ ପାଇବ । ଆସନ୍ତା ୨୭ ତାରିଖରେ ସଂରକ୍ଷଣର ଡ୍ରାଫ୍ଟ ତାଲିକା ପ୍ରକାଶ ପାଇବ । ୩ ତାରିଖରେ ସଂରକ୍ଷଣକୁ ନେଇ ବ୍ଲକ ଓ ଜିଲ୍ଲା ସ୍ତରରେ ଆପତି ଅଭିଯୋଗର ଶୁଣାଣି କରାଯିବ । ୫ ତାରିଖରେ ଶୁଣାଣିର ସମାଧାନ କରାଯିବ ଏବଂ ୭ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ । ୮ ତାରିଖରେ ପଂଚାୟତରାଜ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ଚୂଡାନ୍ତ ତାଲିକା ଦିଆଯିବ ।

### ସ୍ୱଦେଶୀ କୌଶଳରେ ବିକଶିତ....

ନିକଟରେ ଡାଉନ ରେଞ୍ଜ ଜାହାଜ ଉପସ୍ଥିତ ରହିଛି । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ପରୀକ୍ଷଣରେ ଏହି ଲଗାତର ସଫଳତା ପାଇଁ ଡିଆରଡିଓ ଏବଂ ଏହାର ସହଯୋଗୀ ଟିମଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ଓ ଡିଆରଡିଓ ଅଧକ୍ଷ ଡ. ଜି ସତୀଶ ରେଡ୍ଡୀ ସହଯୋଗୀ ଟିମକୁ ପ୍ରଶଂସା କରି କହିଛନ୍ତି, ଏହି ସଫଳ ପ୍ରକ୍ଷେପଣ ପରୀକ୍ଷା ଦ୍ୱାରା ପ୍ରତିରକ୍ଷା ଗବେଷଣା ଓ ବିକାଶ କ୍ଷେତ୍ରରେ ସଶକ୍ତ ଡିଜାଇନ ଓ ବିକାଶ ସାମର୍ଥ୍ୟଗୁଡ଼ିକୁ ଦେଶ ପ୍ରମାଣିତ କରିଛି ।

## ବିଜେଡିର ମିଶ୍ରଣ ପର୍ବ

ନୀଳଗିରି,୨୩/୧୨ (ନି.ପ୍ର): ନୀଳଗିରି ବ୍ଲକର ଜଡ଼ିଦା ପଂଚାୟତର ପୂର୍ବତନ ସରପଂଚ ସତ୍ୟବାନ ମଢ଼େଇ, ସସ୍ମିତା ସିଂ, ସମତେ ଅନ୍ୟ ଦଳର କର୍ମୀମାନେ ଦଳ ଛାଡ଼ି ଆନୁଷ୍ଠାନିକ ଭାବେ ନୀଳଗିରିର ଟାଣୁଆ ତଥା ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି । ସମସ୍ତଙ୍କୁ ସନ୍ତୋଷ ଖଟୁଆ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଆଗାମୀ ଦିନରେ ନୀଳଗିରି ବିଜୁ ଜନତା ଦଳ ସୁଦୃଢ଼ ହେବବୋଲି ପ୍ରକାଶ କରିଛନ୍ତି । ଏହି ମିଶ୍ରଣପର୍ବରେ ବାବୁଲି ବିଶ୍ୱାଳ, କାର୍ତିକ କର ସମେତ ବିଜେଡିର ବହୁ ନେତା ଉପସ୍ଥିତ ଥିଲେ ।

## ଅବକାରୀ ବିଭାଗର ଚଢ଼ାଉ, ୪୦ଲିଟର ଦେଶୀମଦ ସହ ବାଇକ ଜବତ, ୧ଗିରଫ

ନୀଳଗିରି, ୨୩/୧୨ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ଚଢ଼ାଉ କରି ଜଣେ ମଦ ବେପାରିକୁ ଗିରଫ କରିବା ସହ ତାଙ୍କ ଠାରୁ ୪୦ଲିଟର ଦେଶୀ ମଦ ସହ ଏକ ବାଇକ ଓଡି୦୧ସି୭୯୩୧ କୁ ଜବତ କରିଛି । ଗିରଫ ହେଉଥିବା ମଦ ବେପାରୀ ହେଲେ ନୀଳଗିରି ବ୍ଲକ ଅଧୀନ ତିନିଦେଶ ଗ୍ରାମର ରାଧାଗୋବିନ୍ଦ ଦଳେଇ (୩୫) । ସେ ମଦ ନେଇ ଯାଉଥିବା ବେଳେ ଆଡ଼ିଆଖୁଂଟା ଠାରେ ଧରାପଡ଼ିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ନୀଳଗିରି ଓ.ଆଇ.ସି. ମିନତୀ ଆଚାର୍ଯ୍ୟ, ଦେବାଶିଷ ମଲିକ, ଜୟମାଧବ ଦାସପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ ।

## ବିଜେପିର ମିଶ୍ରଣ ପର୍ବ

ନୀଳଗିରି, ୨୩/୧୨ (ନି.ପ୍ର): ନୀଳଗିରି ବିଜେପି କାର୍ଯ୍ୟାଳୟରେ ଆଜି ମିଶ୍ରଣ ପର୍ବ ହୋଇଯାଇଛି । ଗୁରୁବାରଦିନ ଉକ୍ତ ମିଶ୍ରଣ ପର୍ବରେ ବିଜେପି ବିଧାୟକ ସୁକାନ୍ତ କୁମାର ନାୟକ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳ ଛାଡ଼ି ୧୪ଜଣ ସକ୍ରିୟ କର୍ମୀ ବିଜେପିରେ ଯୋଗଦାନ କରିଛନ୍ତି। ନୀଳଗିରି ବ୍ଲକ ଜାମୁଡ଼ିହା ପଂଚାୟତର ସୁରିଆ କୁମାର ନାୟକ, ବଳରାମ ସିଂ, ମନୋଜ ବେହେରା, ବିରେନ୍ଦ୍ର ସ୍ୱାଇଁ, ରବିନ୍ଦ୍ର ସିଂ, ନିରଂଜନ ସିଂ, ରାଜୁ ସିଂ, ସୁକଦେବ ସିଂ, ରମେଶ ଚନ୍ଦ୍ର ସିଂ, ଦିଲ୍ଲୀପ କୁମାର ସିଂ, ପ୍ରଦୀପ କୁମାର ସିଂ, ରୁହ୍ୟା ସିଂ, ଅର୍ଜୁନ ସିଂ, ବାଙ୍ଗୁର ସିଂ ପ୍ରମୁଖ ଙ୍କୁ ବିଧାୟକ ବିଜେପି ଉତୁରୀ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ଏହି ମିଶ୍ରଣ ପର୍ବରେ ଗଙ୍ଗାଧର ମିଶ୍ର, ସନ୍ତୋଷ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମ୍ୟାନେଜମେଣ୍ଟରେ ରକ୍ତଦାନ ଶିବିର ଆୟୋଜିତ



ବାରିପଦା, ୨୩/୧୨ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଏଥିରେ ମାନ୍ୟବର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ମାନ୍ୟବର ବିଧାୟକ ପ୍ରକାଶ ସରେନ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ । ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ଅଧ୍ୟାପକ ଓ ଅଧ୍ୟାପିକାମାନେ ରକ୍ତଦାନ ଶିବିରରେ ରକ୍ତଦାନ କରିଥିଲେ । ଏହି ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ମୀରା ସେନାପତି ଓ ବିଜୟା ନାୟକ ରକ୍ତଦାନ ଶିବିର ପରିଚାଳନା କରିଥିଲେ । ଉପାଧ୍ୟକ୍ଷା ସଂଘମିତ୍ରା ରାଉତ, ସାଗରୀକା ପଣ୍ଡା, ସବିତାରାଣୀ ଦାଶ, ଅଭିପ୍ସା ନାୟକ, ଅଙ୍କିତା ସାହୁ, ତୃପ୍ତି ଦାସ, ବାଗାଇ ସରେନ, ଅଧ୍ୟାପକ ମଦନ ମୋନହ ସାହୁ, ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ । ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ଶୁଭେନ୍ଦୁ ଦାସ ଓ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସ୍ମୃତି ରଞ୍ଜନ ଦାସ ସ୍ୱେଚ୍ଛାସେବୀମାନଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ ।

## ଜିଲ୍ଲାସ୍ତରୀୟ "ଜାତୀୟ ଗଣିତ ଦିବସ" ପାଳିତ



ବାରିପଦା, ୨୩/୧୨ (ନି.ପ୍ର): ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟ ତରଫରୁ ଆୟୋଜିତ "ଜାତୀୟ ଗଣିତ ଦିବସ" ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷଖ ହରେକୃଷ୍ଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ "ଗଣୀତ କୁଇଜ୍" ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦେଶ ବେହେରା, ଉଦୟ ଭାନୁ ଦାଶ, କୌସଲ୍ୟା ସିଂ, ରାଜେନ୍ଦ୍ର କିସ୍କୁ, ଅଦ୍ୟାଶା ମହାନ୍ତି, ଦିନେଶ କୁମାର ସାହୁ ପ୍ରମୁଖ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଥିଲେ । ପୂର୍ବତନ ବିଜ୍ଞାନ ପରିଦର୍ଶକ ସୁଦର୍ଶନ ପଣ୍ଡା ଓ ଅମିତାଭ ମିଶ୍ର, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ୍, ଶିକ୍ଷକ ତପନ କୁମାର ବାରିକ, ବସନ୍ତ କୁମାର ଦତ, ଡ.ସରୋଜ କୁମାର ନାୟକ ଓ ମନୋଜ କୁମାର ପରିଡା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

## ଗଡ଼ଗଡ଼ିଆ ଘାଟରେ ଫକୀରମୋହନ, ରାଧାନାଥ ଓ ମଧୁସୂଦନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି

ବାଲେଶ୍ୱର, ୨୩/୧୨ (ନି.ପ୍ର): ବାଲେଶ୍ୱରର ଗଡ଼ଗଡ଼ିଆ ଘାଟରେ କବିବର ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତି ରାଜ୍ୟ ସଂସ୍କୃତି ବିଭାଗଦ୍ୱାରା ଉନ୍ମୋଚିତ ହେବା ଆନନ୍ଦର ବିଷୟ । ଏକଦା ଗଡ଼ଗଡ଼ିଆ ଘାଟରେ ଫକୀରମୋହନ ସେନାପତି, ମଧୁସୁଦନ ଦାସ ଓ ରାଧାନାଥ ରାୟ ପ୍ରତ୍ୟହ ଏକତ୍ର ବସି ଓଡ଼ିଆ ଭାଷା ସାହିତ୍ୟ ଓ ଜାତିର ଉନ୍ନତି କଥା ଚିନ୍ତା କରୁଥିଲେ । ସେହିମାନଙ୍କର ଚିନ୍ତାରୁ ହିଁ ଫକୀରମୋହନ ଓ ରାଧାନାଥ ଭାଷା ଓ ସାହିତ୍ୟର ଉନ୍ନତି ତଥା ମଧୁସୂଦନ ଜାତିର ଉନ୍ନତି ପାଇଁ ଆଜୀବନ ଲଢ଼େଇ କରିଥିଲେ । ସେହିମାନଙ୍କର ସ୍ମୃତିକୁ ରକ୍ଷା କରିବାପାଇଁ ଗଡ଼ଗଡ଼ିଆ ଘାଟରେ ସେହି ତିନିଜଣଙ୍କର ମୂର୍ତ୍ତି ସ୍ଥାପନ କରିବାପାଇଁ ବାଲେଶ୍ୱରବାସୀଙ୍କ ତରଫରୁ ଦାବି ହୋଇ ଆସୁଥିଲା । ସଂପ୍ରତି ଏହି ସ୍ଥାନରେ ରାଧାନାଥ ରାୟଙ୍କର ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପନ ଏକ ପ୍ରଶଂସନୀୟ ପଦକ୍ଷେପ ହେଲେ ମଧ ଅନ୍ୟ ଦୁଇଜଣ ମହାପୁରୁଷଙ୍କର ପ୍ରତିମୂର୍ତ୍ତି ସ୍ଥାପନ ନ ହେବାଦ୍ୱାରା ସମସ୍ତଙ୍କର ସ୍ମୃତିରକ୍ଷା କରିବା ସମ୍ଭବ ହୋଇପାରି ନାହିଁ । ମୂର୍ତ୍ତିଟି ଏପରି ସ୍ଥାନରେ ନିର୍ମିତ ହୋଇଛି ଯେ ସେଠାରେ ଆଉ ଦୁଇଜଣଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେବା ମଧ କଷ୍ଟସାଧ । ଫକୀରମୋହନ ଓ ମଧୁସୂଦନ ଦାସଙ୍କର ପ୍ରତିମୂର୍ତ୍ତିକୁ ଯଥାଶୀଘ୍ର ସ୍ଥାପନ କରାଯାଇ ତ୍ରିମୂର୍ତ୍ତିଙ୍କର ସ୍ମୃତିରକ୍ଷା କରିବା ଦିଗରେ ଉଦ୍ୟମ କରାଗଲେ ଓଡ଼ିଆ ଜାତିର ସାଂସ୍କୃତିକ ଉନ୍ନତି ସାଧିତ ହୋଇପାରିବ ବୋଲି ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଦାବି କରାଯାଇଛି ।

## ସର୍ବଭାରତୀୟ ପର୍ବତାରୋହଣରେ ରୋଜାଲିନଙ୍କୁ ସ୍ୱର୍ଣ୍ଣ

ପୁରୀ,୨୩/୧୨ (ନି.ପ୍ର): ସର୍ବଭାରତୀୟ ପର୍ବତାରୋହଣ ପ୍ରତିଯୋଗିତାରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସ)କ୍ୟାଡ଼େଟ୍ ସୁଶ୍ରୀ ରୋଜାଲିନ୍ ନାୟକ ପ୍ରଥମସ୍ଥାନ ଅଧିକାରୀ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନ୍‌ସିସି ମହାନିର୍ଦ୍ଦେଶାଳୟ ଅନାକୁକୂଲ୍ୟରେ ମଧ୍ୟପ୍ରଦେଶର ଗ୍ୱାଲିୟରରେ ଅନୁଷ୍ଠିତ ଏହି ସର୍ବଭାରତୀୟ ପର୍ବତାରୋହଣ ପ୍ରତିଯୋଗିତାରେ ରୋଜାଲିନ୍ ଦେଶର ୨୫୩ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଓଡ଼ିଶା ବିଶେଷ କରି ପୁରୀ ପାଇଁ ଗୌରବ ଆଣିଦେଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଇଛି । କ୍ୟାଡ଼େଟ୍ ରୋଜାଲିନ୍‌ଙ୍କ ଏହି ଜାତୀୟସ୍ତରର ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ସୁଜାତା ମିଶ୍ର ଓ ଏନ୍‌ସିସିଅଧିକାରୀ ଲେପ୍ଟନାଣ୍ଟଡ଼ଃ ସଞ୍ଜୟ କୁମାର ସୁନ୍ଦରାୟ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ସ୍ୱାଗତ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି ।

## ଜିଲ୍ଲାର ୩୦୨ ବିତରକଙ୍କୁ ମିଳିଲା ସହାୟତା

ପୁରୀ,୨୩/୧୨ (ନି.ପ୍ର): ପୁରୀ ଜିଲ୍ଲାର ୩୦୨ଜଣ ବିତରକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ଼୍ ସହାୟତା ମିଳିଛି । ପ୍ରତ୍ୟେକ ବିତରକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୬ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଓସଓ୍ୱାନ କକ୍ଷରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସମର୍ଥ ବର୍ମା,ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ଜିଲ୍ଲା ଶ୍ରମ ଅଧିକାରୀ ଦିଲ୍ଲିପ କୁମାର ପାଣିଙ୍କ ସମେତ ବହୁ ବିତରକ ଯୋଗ ଦେଇଥିଲେ ।

## ଗୁଣି ଗାରେଡ଼ି ଓ ଅନ୍ଧ ବିଶ୍ୱାସ ବିରୁଦ୍ଧରେ ସଚେତନତା ସୃଷ୍ଟି



ଉଦଳା, ୨୩/୧୨ (ନି.ପ୍ର): ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୁଲ୍ୟରେ ଗୁଣି ଗାରେଡ଼ି ଓ ଅନ୍ଧ ବିଶ୍ୱାସ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ଏକ ରଥ ଯାତ୍ରା ସମଗ୍ର ମୟୂରଭଞ୍ଜ ପରିକ୍ରମା କରୁଥିବାର ଦେଖିବାକୁ ମିଳୁଛି । ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉକ୍ତ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ପଥପ୍ରାନ୍ତ ନାଟକ, ସାଧାରଣ ସଭା ଓ ପ୍ରଚାର ପତ୍ର ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ କରୁଥିବାର ଦେଖା ଯାଉଛି । ସେହିପରି ଚଳିତ ଡ଼ିସେମ୍ବର ୨୧ ତାରିଖ ଦିନ ଏହି ରଥ କପ୍ତିପଦା ଉପଖଣ୍ଡ ମଧ ଦେଇ ଅତିକ୍ରମ କରୁଥିବା ସମୟରେ ଆରଡ଼ିଏସ୍ ଡ଼ିଗ୍ରୀ ମହାବିଦ୍ୟାଳୟ , କୁଣ୍ଡାବାଇର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଦିଲ୍ଲିପ କୁମାର ପ୍ରମାଣିକ, ଖୁଣ୍ଟା ଡ଼ିଗ୍ରୀ ମହାବିଦ୍ୟାଳୟର ଗୋପା ସିଂ, ଉଦଳା ମହାବିଦ୍ୟାଳୟର ଭୀମ ସୋରେନ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ରାଜକିଶୋର ବେହେରା ପ୍ରମୁଖ ଯୋଗ ଦେଇ ଆମ ଦେଶରେ ବିଗତ ୧୯ ବର୍ଷରେ ୧୭୦୦ ମହିଳାଙ୍କୁ ଡ଼ାହାଣୀ ସନ୍ଦେହ କରି ହତ୍ୟା କରାଯାଇଛି ଏବଂ ଉକ୍ତ ଘଟଣାରେ ଝାଡ଼ଖଣ୍ଡ ପରେ ୨ନଂରେ ଓଡ଼ିଶାର ସ୍ଥାନ ରହିଛି ବୋଲି ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ଜିଲ୍ଲା ଅଧିକାରୀ ଡ଼. ସ୍ମୃତିରଂଜନ ଦାସ ଏବଂ ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼. ଶୁଭେନ୍ଦୁ ଶତପଥୀ ଗୁଣିଗାରେଡ଼ି ଓ ଅନ୍ଧ ବିଶ୍ୱାସ ଏକ ମାନସିକ ରୋଗ, ସଚେତନତା ହିଁ ଏହାର ଏକମାତ୍ର ବିକଳ୍ପ ବୋଲି କହିଥିଲେ । ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ତାଙ୍କର ବକ୍ତବ୍ୟରେ କହିଲେ ଡ଼ାହାଣୀ କହି ପୁରୁଷ ଲୋକେ ମହିଳାଙ୍କ ଉପରେ ଅକ୍ରୋଶ ମୂଳକ ଭାବେ ଅତ୍ୟାଚାର କରିଥାନ୍ତି । ଏପରିକି କେତେବେଳେ ମହିଳାଙ୍କୁ ଉଲଗ୍ନ କରି ଗାଁ ଦାଣ୍ଡରେ ବୁଲାନ୍ତି ତ କେତେବେଳେ ଜୋର ଜବରଦସ୍ତ ବିଷ୍ଠା ଖୁଆନ୍ତି । କେତେବେଳେ ପୁଣି ହତ୍ୟା କରିବାକୁ ପଛାନ୍ତି ନାହିଁ । ପ୍ରୋଗ୍ରାମ ଅଫିସର ରବିନାରାୟଣ ମହାପାତ୍ର ଏବଂ ପ୍ରଣତି ରାଜ ଡ଼ାହାଣୀ କହି ମହିଳାଙ୍କ କଟାମୁଣ୍ଡ ଧରି ଥାନାରେ ହାଜର ହେଉଥିବା ବିଭତ୍ସ ଘଟଣା ବର୍ଣ୍ଣନା କରିବା ସହିତ ହାଣ୍ଡିଆର ବହୁଳ ବ୍ୟବହାର ଓ କୁକୁଡ଼ା ଲଢ଼େଇର ଦୃଶ୍ୟ ଏହାର ଅନ୍ୟ ଏକ କାରଣ ବୋଲି ବ୍ୟକ୍ତ କରିଥିଲେ । ଛାତ୍ର ଛାତ୍ରୀ ମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିବା ସହିତ ପ୍ରଚାର ପତ୍ର ବଣ୍ଟନ କରିଥିଲେ । ଡ଼ାହାଣୀ ଚିହ୍ନଟ କରୁଥିବା ଗୁଣିଆ ଓ ଗ୍ରାମରେ ପୁରୁଷ ଲୋକଙ୍କ ଦ୍ୱାରା ବସୁଥିବା ଅଦାଲତର ଦୃଶ୍ୟ ପିଲାମାନେ ଅଭିନୟ କରି ଦେଖାଇଥିଲେ ।

ବାଲେଶ୍ୱର, ଶୁକ୍ରବାର, ୨୪ ଡିସେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଶିକ୍ଷକ କର୍ମଚାରୀମାନଙ୍କୁ ତୁରନ୍ତ ପୁରୁଣା ପେନସନ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ଆଦର୍ଶ ଶିକ୍ଷକମାନଙ୍କ ଦରମା ଭଳି ଆମ ରାଜ୍ୟର ଶିକ୍ଷକମାନଙ୍କୁ ଦରମା ପ୍ରଦାନ, ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକ କାର୍ଯ୍ୟକାଳକୁ ମୂଳ ଚାକିରୀରେ ଗଣନା କରିବା, ଶିକ୍ଷକମାନଙ୍କୁ ସ୍ୱାସ୍ଥ୍ୟବୀମାରେ ସାମିଲ୍ କରିବା, କନିଷ୍ଠ ଶିକ୍ଷକମାନଙ୍କ ସର୍ବନିମ୍ନ ୧୬୦୦୦କୁ ବୃଦ୍ଧି କରିବା, ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା, ଶିକ୍ଷକମାନଙ୍କ ବଦଳି ନୀତିକୁ କୋହଳ କରିବା, ସିଟି କରିଥିବା ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକମାନଙ୍କୁ ବିଇଡ଼ି କିରବାର ସୁଯୋଗ ଦେବା ଓ ଶିକ୍ଷା ଅଧିକାର ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ଆଦି ନ୍ୟାୟୋଚିତ ଦାବିକୁ ସରକାର ତୁରନ୍ତ ମାନିବାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଦାବି କରିଛି। ସରକାର ଯଦି ଦାବିଗୁଡ଼ିକୁ ତୁରନ୍ତ ପୂରଣ ନକରନ୍ତି, ତେବେ ଆଗାମୀ ପଂଚାୟତ ନିର୍ବାଚନରେ ସରକାର ତାହାର ଫଳ ଭୋଗିବାକୁ ପଡ଼ିବ ବୋଲି ସଂଘର ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭ ସଭାରେ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ସୁରେନ୍ଦ୍ର କୁମାର ଜେନା, ଓଲଷ୍ଟାର ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଓଷ୍ଟା ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ, ପସନ୍ନ କୁମାର ଜେନା, କୃଷ୍ଣଚନ୍ଦ୍ର ବେହେରା, ସୁଧାଂଶୁ ମଣ୍ଡଳ, ଟୁଲୁ ଦେଇ, ସୁଦାମ ଦଳବରା, ସବୀରଅଲ୍ଲୀ ଖାନ, କେଶବ ଚନ୍ଦ୍ର କର, ନରେଶ ଚନ୍ଦ୍ର ପାତ୍ର, ସୁଶିଳ କୁମାର ସେଠୀ, ଜିତେନ୍ଦ୍ର କୁମର ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶେଷରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ନେତୃତ୍ୱରେ ଏକ ଛଅଜଣିଆ ପ୍ରତିନିଧି ଦଳ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବଙ୍କ ସହ ଆଲୋଚନା କରିଥିଲେ। ସରକାର ଏହି ଦାବିପ୍ରତି ସମ୍ବେଦନଶୀଳ ଓ ଦାବିଗୁଡ଼ିକ ବିଚାର ବିମର୍ଷ କରି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଇଲା ପରେ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା।

# ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ

ଭଦ୍ରକ, ୨୩/୧୨ (ନି.ପ୍ର): ରିଖ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଆନୁକୂଲ୍ୟରେ ରାଜ୍ୟର ୨୨ଟି ଜିଲ୍ଲାରେ ୫୫ଟି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାରେ ଚାନ୍ଦବାଲିର ଦକ୍ଷିଣ ଧାମରା ଓ ବାସୁଦେବପୁରରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ଯୋଜନା ଥିବାରୁ ଉକ୍ତ କାର୍ଯ୍ୟକ୍ରମ ସହିତ ଭଦ୍ରକ ଜିଲ୍ଲା ମଧ ଯୋଡ଼ି ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଡ. ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲାପାଳ ତ୍ରିଲୋଚନ ମାଝୀ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଆର୍.ଟି.ଓ. ସନତ ଜେନା ଏବଂ ଦୁଇ ବିଧାୟକ ତଥା ଚାନ୍ଦବାଲି ବ୍ଲକ୍ ଅଧକ୍ଷଙ୍କ ପ୍ରତିନିଧିମାନେ ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତ୍ୟାଧୁନିକ ଭାବେ ନିର୍ମିତ ହେବାକୁଥିବା ଏହି ବସ୍‌ଷ୍ଟାଣ୍ଡରେ ପ୍ରବେଶଦ୍ୱାର, ଯାତ୍ରୀଙ୍କ ପାଇଁ ଆରମଦାୟକ ପ୍ରତୀକ୍ଷାଳୟ, ଦିବ୍ୟାଙ୍ଗଙ୍କ ଯାଆଆସ ସୁବିଧା, ବସ୍‌ସେଡ୍, ସବୁଜବଳୟ, ଶୌଚାଳୟ, ଦୁଇ ଓ ଚାରି ଚକିଆ ଯାନ ପାଇଁ ପାର୍କିଂ ବ୍ୟବସ୍ଥା, ନିର୍ଦ୍ଦିଷ୍ଟ ବସ୍ ବୋର୍ଡ଼ିଂକ୍ଷେତ୍ର, ଆଦି ସୁବିଧା ଉପଲବ୍ଧ ହେବା ନେଇ ସୂଚନା ପ୍ରଦାନ କରାଯାଇଥିଲା । ଉଲ୍ଲେଖ ଯୋଗ୍ୟକି ଏହି ବସ୍‌ଷ୍ଟାଣ୍ଡ ଏ.ବି.ସି. ୩ଟି ଟାଇପ୍ ନିର୍ମାଣ ଯୋଜନା ରହିଛି। ପ୍ରମୁଖ ବ୍ୟବସାୟକେନ୍ଦ୍ର କିମ୍ବା ପର୍ଯ୍ୟଟନସ୍ଥଳୀ, ବ୍ଲକ ସଦର ମହକୁମା ଆଦି ଜାଗାରେ ଏହି ବସ୍ ଷ୍ଟାଣ୍ଡ ନିର୍ମାଣ କରାଯିବାପାଇଁ ଯୋଜନା ରହିଛି । ୧୦ଟିରୁ ଉର୍ଦ୍ଧ୍ୱ ବସ୍ ଚଳାଚଳ ଥିଲେ 'ଏ' ଟାଇପ୍, ବ୍ଲକ୍‌କେନ୍ଦ୍ର ଯେଉଁଠାକୁ ୧୦ଟି ବସ୍‌ର ଚଳାଚଳ ଥିବ ସେଠାରେ 'ବି' ଟାଇପ୍ ଏବଂ ୫ଟି ବସ୍‌ରୁ କମ୍ ଚଳାଚଳ ଥିଲେ 'ସି' ଟାଇପ୍ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ଉଲ୍ଲେଖଯୋଗ୍ୟକି ଉଭୟ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ 'ବି' ଟାଇପ୍‌ର ଅଟେ। ଏହି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡର ନିର୍ମାଣ ଦ୍ୱାରା ଓ.ଏସ୍.ଆର.ଟି.ସିଂସ୍ୱଶକ୍ତିକରଣ ହେବା ସହିତ ସଡ଼କ ପଥର ଉନ୍ନତି କ୍ରମେ ବସ୍ ଚଳାଚଳ ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ ଗମନା ଗମନର ସୁବିଧା ଉପଲବ୍ଧ ଯୋଗୁଁ ଏହା ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜୀବନରେଖା ଭାବେ ପ୍ରତିଫଳତି ହେବବୋଲି ରାଜ୍ୟ ସ୍ତରୀୟ ଶିଳାନ୍ୟାସ କାର୍ଯ୍ୟକ୍ରମରେ ପ୍ରକାଶ କରାଯାଇଥିଲା ।



## ପ୍ରାକ୍ତନ ସବରେଜିଷ୍ଟର ଅଫିସର ମୁଖ୍ୟ କିରାଣୀଙ୍କ ପରଲୋକ

ବାଲିଆପାଳ, ୨୩/୧୨ (ନି.ପ୍ର): ବାଲିଆପାଳ ସବରେଜିଷ୍ଟାର ଅଫିସର ପୂର୍ବତନ ମୁଖ୍ୟ କିରାଣୀ ରବୀନ୍ଦ୍ର ଦଳାଇଙ୍କର ଗୁରୁବାର ପୂର୍ବାହ୍ନରେ ହୃଦଘାତରେ ମୃତ୍ୟୁ ବରଣକରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ଜଣେ ସମାଜସେବୀ ଓ ଧର୍ମପ୍ରାଣ ମଣିଷ ଥିଲେ। ସେ ଦାନ୍ତୁଣିଦା ଗ୍ରାମ୍ୟ କମିଟିର ଜଣେ ବରିଷ୍ଠ ସଦସ୍ୟ ରହିଥିଲେ । ତାଙ୍କ ମୃତ୍ୟୁରେ ବ୍ଲକ ଅଧକ୍ଷ ବିଜନ ନାୟକ,ସରପଂଚ ନରହରି ଜେନା,ପ୍ରାକ୍ତନ ଜିଲାପରିଷଦ ବଳରାମସାହୁ, ଜିଲାପରିଷଦ ସଦସ୍ୟା ରବୀନ୍ଦ୍ର ନାଥ ଅଣ୍ଡିଆ, ଗାଁ ମାଲିକ ରାମଚନ୍ଦ୍ର ରାଉତ, ରାଧାନାଥ ରାଉତ ପ୍ରମୁଖ ଶେଷ ଦର୍ଶନ କରି ଶୋକ ପ୍ରକାଶ କରିଛନ୍ତି ।

# କଲ୍ୟାଣମଣ୍ଡପ ଉଦ୍‌ଘାଟନ କଲେ ବ୍ଲକ ଅଧ୍ୟକ୍ଷା

ଖଇରା, ୨୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତରେ ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମୀତ କଲ୍ୟାଣ ମଣ୍ଡପ ଗୁରୁବାର ଦିନ ଲୋକାର୍ପିତ ହୋଇ ଯାଇଛି । ସରପଞ୍ଚ ସୁଶାନ୍ତ ମହାକୁଡଙ୍କ ଉପସ୍ଥିତିରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଏହାକୁ ଉଦ୍‌ଘାଟନ କରିଛନ୍ତି । ପରେ ସରପଞ୍ଚ ଶ୍ରୀ ମହାକୁଡଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଶ୍ରିମତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରପଞ୍ଚଙ୍କ କାର୍ଯ୍ୟ ଯଦି ପଞ୍ଚାୟତବାସୀଙ୍କୁ ଭଲ ଲାଗିଥାଏ ତେବେ ପୁନର୍ବାର ତାଙ୍କୁ ସୁଯୋଗ ଦେବାକୁ ଅନୁରୋଧ କରିଥିଲେ । ସ୍ଥାନୀୟ ବଣିକ ସଂଘର ସମ୍ପାଦକ ଅଭିମନ୍ୟୁ ରାଉଳ,ନାଏବ ସରପଞ୍ଚ ସୁଲୋଚନା ନାୟକ,ବରିଷ୍ଠ ନାଗରିକ ବଂଶିଧର ବାରିକ ଯୋଗ ଦେଇ ଉକ୍ତ ମଣ୍ଡପ ଗଣ୍ଡିବେଡବାସୀଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା । ସାମାଜିକ ଉତ୍ସବପାଇଁ ଅତ୍ୟନ୍ତ କାମରେ ଆସିବ ବୋଲି ପ୍ରକାଶ କରିଥିଲେ ।



# ଶ୍ୟାମସୁନ୍ଦରପୁର ପଞ୍ଚାୟତରେ କଂଗ୍ରେସ ବୈଠକ



ଖଇରା, ୨୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ କଂଗ୍ରେସ କର୍ମୀଙ୍କର ଏକ ବୈଠକ ଗୁରୁବାର ଅପରାହ୍ନରେ ଗଣ୍ଡିବେଡ ଠାରେ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ସଭାପତି ଶରତ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ପୁର୍ବତନ ଏମପି ଅନନ୍ତ ପ୍ରସାଦ ସେଠୀ ଯୋଗ ଦେଇ ରନ୍ଧନ ଗ୍ୟାସ,ପେଟ୍ରୋଲ ଓ ଡିଜେଲ,ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ମୁଲ୍ୟବୃଦ୍ଧିକୁ ନେଇ ଉଭୟ କେନ୍ଦ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ । ରାଜ୍ୟ ସରକାର ଯଦି ୨୧ବର୍ଷଧରି ଲୋକଙ୍କ କଲ୍ୟାଣ କରୁଛନ୍ତି ତେବେ ପୁଣି କାହିଁକି ରେସନକାର୍ଡଧାରୀଙ୍କୁ ପ୍ରୋତ୍ସାହନ ରାଶି,ବିଜୁ ପକ୍କାଘର ହିତାଧିକାରୀ କୁ ମରାମତି ନାମରେ କୋଟି କୋଟି ଟଙ୍କା ବଣ୍ଟନ କରୁଛନ୍ତି ବୋଲି ଉଲ୍ଲେଖ କରିବା ସହ ବିଜେଡି ସରକାର ହାରିଯିବା ଭୟରେ ଭୋଟ ପାଇଁ ଏହି ସବୁ ଯୋଜନା ପ୍ରଣୟନ କରୁଛନ୍ତି ବୋଲି ଶ୍ରୀ ସେଠୀ କର୍ମୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପ୍ରକାଶ କରିଥିଲେ । ଗଗନ ମହାନ୍ତି,ପ୍ରାକ୍ତନ ସରପଞ୍ଚ ବସନ୍ତ କୁମାର ପାତ୍ର,ପ୍ରାକ୍ତନ ସମିତିସଭ୍ୟ ଗୋବିନ୍ଦ ଚନ୍ଦ୍ର ବେହେରା,ବଣିକ ସଂଘ ସମ୍ପାଦକ ଅଭିମନ୍ୟୁ ରାଉଳ, ଯୁବ ସଭାପତି ନିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଧ୍ୱନି ପ୍ରତିଧ୍ୱନି ପାଠକ ମଞ୍ଚ ଉଦଳାର ବାର୍ଷିକ ଉତ୍ସବ ଡ଼ିସେମ୍ବର ୨୫ ରେ

ଉଦଳା, ୨୩/୧୨ (ନି.ପ୍ର): ଧ୍ୱନି ପ୍ରତିଧ୍ୱନି ଖବର କାଗଜକୁ କେନ୍ଦ୍ର କରି ଉଦଳାରେ ଗଢ଼ି ଉଠିଥିବା ପାଠକ ମଞ୍ଚର ସପ୍ତଦଶ ବାର୍ଷିକ ଉତ୍ସବ ଚଳିତ ଡ଼ିସେମ୍ବର ୨୫ ତାରିଖ ଶନିବାର ଦିନ ସ୍ଥାନୀୟ ସାଇସାଧନା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଦିନ ୧୦ ଘଟିକାରେ ପାଳିତ ହେବ। ଏହି ଅବସରରେ ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ପୁର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଫକିରମୋହନ ସାହିତ୍ୟ ପରିଷଦର ପୁର୍ବତନ ସମ୍ପାଦକ ଡ଼. କୁମାର ଗୋପାଳ, ସାଇସାଧନା ବିଜ୍ଞାନ ମହାବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ଧ୍ୱନି ପ୍ରତିଧ୍ୱନିର ପରିଚାଳକ ସୃଷ୍ଟିଧର ପରିଡ଼ା, ସମ୍ପାଦିକା ସୈରିନ୍ଧ୍ରୀ ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବହୁ ସଂଖ୍ୟାରେ ସାରସ୍ୱତ ସାଧକ ସାଧିକା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପାଠକ ମଞ୍ଚ ଉଦଳାର ଆବାହିକା ପ୍ରମିଳା ପଣ୍ଡା ଓ କାର୍ଯ୍ୟକ୍ରମ ସଂଯୋଜକ ସୁବ୍ରତ କୁମାର ମହାନ୍ତି ଅନୁରୋଧ ଜଣାଇଛନ୍ତି ।

# କୃଷିବିଜ୍ଞାନ କେନ୍ଦ୍ରର ୨୫ତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳି ବୈଠକ

ବାଲିଆପାଳ, ୨୩/୧୨ (ନି.ପ୍ର):ବାଲିଆପାଳସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ବାଲେଶ୍ୱର ର ୨୫ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳିର ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଅଟାରୀ , କୋଲକାତାର ବରିଷ୍ଠ ବୈଜ୍ଞାନିକ ଡ. ରହେମାନ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦାଶଳୟ ଓୟୁ ଏଟିର ଅଧକ୍ଷ ଡ. ପ୍ରସନ୍ନଜିତ ମିଶ୍ର ଭାରଚୁଆଲ ଫ୍ଲାଟଫର୍ମରେ ଯୋଗଦେଇଥିବା ବେଳେ ଯୁଗ୍ମ ନେର୍ଦ୍ଦଶକ ଡ. ହେମନ୍ତ କୁମାର ସାହୁ ଏହି ବୈଠକକୁ ପରିଚାଳନା କରିଥିଲେ ।ଏହି ବୈଠକରେ କୃଷିବିଜ୍ଞାନ ଦ୍ୱାରା କରାଯାଇଥିବା ପ୍ରତ୍ୟକ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇ ବିଭାଗୀୟ ଅଧିକାରୀଙ୍କ ପରାମର୍ଶ ଗ୍ରହଣ କରାଯାଇଥିଲା ।ନାବାର୍ଡ ଡିଜିଏମ ତାପସ କୁମାର ପ୍ରଧାନ, ଏପଡି ଜଳଛାୟା ପ୍ରକଳ୍ପ ରଶ୍ମିରନ ପାତ୍ର, ମୟୂରଭଞ୍ଜ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ସଂଘମିତ୍ରା ଅଧିକାରୀ, କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସ୍ୱାଗତିକା ସାହୁ, ବୈଜ୍ଞାନିକ ଡ ଅମିତା ।ତ୍ର, ଡ.ପ୍ରଭାମଞ୍ଜରୀ ଗିରି, ଡ.ଗାୟତ୍ରୀ ସାହୁ, ନୀରଜ କୁମାର ଜେନା, କ୍ରୀଷ୍ଣାମୟୀ ସେଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ କୃଷି କାର୍ଯ୍ୟକ୍ରମ ଉପରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମାଛ ଚାଷୀ ଅଂଜନ ଦଣ୍ଡପାଟ, ଧନଞ୍ଜୟ ଗିରି, ଉର୍ମୀଳା ବେହେରା, ଅଂଜଳୀ ପ୍ରଧାନ କୃଷି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ନିଜର ମତ ରଖିଥିଲେ ।

# ଉନ୍ମୋଚିତ ହେଲା ଡ.କରୁଣାକର ଦାସଙ୍କ ଗବେଷଣା ପୁସ୍ତକ 'ଶ୍ରୀଧରସ୍ୱାମୀ ଏକମ୍ ଅଧୟନମ୍' ଏବଂ ୟାସ୍କାର୍ଯ୍ୟ ପ୍ରଣୀତମ୍ 'ନିରୁକ୍ତମ୍'



ବାଲେଶ୍ୱର, ୨୩/୧୨ (ନି.ପ୍ର): ଗତ ୨୧ତାରିଖ ପୂର୍ବାହ୍ନରେ ଅବସରପ୍ରାପ୍ତ ପ୍ରଫେସର୍ ଡ.କରୁଣାକର ଦାସଙ୍କ ଗବେଷଣାପ୍ରସୂତ ବିଶ୍ୱପ୍ରସିଦ୍ଧ ସଂସ୍କୃତ ଭାଷ୍ୟକାର ଶ୍ରୀଧରସ୍ୱାମୀଙ୍କ ଉପରେ ସନ୍ଦର୍ଭର ପୁସ୍ତକରୂପ 'ଶ୍ରୀଧରସ୍ୱାମୀ : ଏକମ୍ ଅଧୟନମ୍' ଏବଂ ୟାସ୍କାର୍ଯ୍ୟ ପ୍ରଣୀତମ୍ 'ନିରୁକ୍ତମ୍'ର ଶୁଭ ଉନ୍ମୋଚନ ଗୁପ୍ତବୃନ୍ଦାବନସ୍ଥ ମହାପ୍ରଭୁ ଶ୍ରୀ ଶ୍ରୀ କ୍ଷୀରଚୋରାଙ୍କ ପାଦପଦ୍ମରେ ଅର୍ପଣ ପୂର୍ବକ ଏକ ଆଧାତ୍ମିକ ପରିବେଶରେ ସମ୍ପନ୍ନ ହୋଇଯାଇଛି । ଭାରତୀୟ ଭାକ୍ତିକ ଆନ୍ଦୋଳନ ମହାନାୟକ, ଜ୍ଞାନ ମିଶ୍ରିତ ଭକ୍ତିବାଦର ପ୍ରତିଷ୍ଠାପକ ତଥା ଶ୍ରୀଚୈତନ୍ୟଙ୍କ ଗୁରୁପଦମାନ୍ୟ, ସର୍ବୋପରି ଶ୍ରୀବିଷ୍ଣୁପୁରାଣମ୍‌ର ଆତ୍ମପ୍ରକାଶ ଟୀକାକାର, ଶ୍ରୀମଦ୍‌ଭାଗବତ ମହାପୁରାଣମ୍‌ର ଭାବାର୍ଥ ଦୀପିକା ଟୀକାକାର, ସୁବୋଧିନୀଟୀକାକାର ଆଦିର ମହାନ ପ୍ରଣେତା ଶ୍ରୀଧରସ୍ୱାମୀଙ୍କ ଜନ୍ମଠାରୁ ତାଙ୍କ କୃତୀ ସମୂହର ପ୍ରମାଣିକ ତଥ୍ୟ ଆଧାରିତ ଏହି ପୁସ୍ତକ ସଂସ୍କୃତଭାଷାରେ ରଚନାକରି ଡ.କରୁଣାକର ଦାସ ଉପହାର ଦେଇଥିବାରୁ ତାହା ଅଭିନନ୍ଦନୀୟ ବିଷୟ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରଥମେ ପ୍ରଭୁ ଶ୍ରୀଶ୍ରୀ କ୍ଷୀରଚୋରା ଗୋପୀନାଥଙ୍କୁ ପୁସ୍ତକ ଅର୍ପଣ ପରେ ଅବସରପ୍ରାପ୍ତ ଅଧକ୍ଷ ଡ.କ୍ଷିତୀଶ୍ୱର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଡାକ୍ତର ଗୋପୀନାଥ ମହାରଣା, ଡ.ଉମାକାନ୍ତ ଦାଶ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ ତଥା 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ'ର ପ୍ରକାଶକ କବି କାଳୀପଦ ପଣ୍ଡା, କବି ଗଙ୍ଗାଧର ଦାସ, କ୍ଷୀରଚୋରା ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ବେହେରା, ଶ୍ରୀମତୀ ସୁବର୍ଣ୍ଣ ଦାସ, ଜଳଧର ଦାସ, ଜୟନ୍ତ ବରାଳ, ହରେକୃଷ୍ଣ ଗିରି ପ୍ରମୁଖ ଯୋଗଦାନ କରି ପୁସ୍ତକ ଦୁଇଟି ସଂପର୍କରେ ସଂକ୍ଷିପ୍ତ ଆଲୋଚନା କରିଥିଲେ । ଓଡ଼ିଆ ଭାଷାକୁ ପ୍ରଥମ କରି 'ନିରୁକ୍ତମ୍' ଭଳି ଏକ ବୈଦିକ ପୁସ୍ତକ ଅନୂଦିତ ପ୍ରଫେସର୍ ଦାସ କରିଥିବାରୁ ତାହା ବେଦପୁରୁଷଙ୍କ ଛଅଗୋଟି ଅଙ୍ଗର ବ୍ୟାଖ୍ୟାୟନକୁ ନେଇ ତଥ୍ୟ ଓ ତତ୍ତ୍ୱଧର୍ମୀରେ ସମୃଦ୍ଧ ହୋଇଥିବାରୁ ସଂସ୍କୃତସାହିତ୍ୟର ଛାତ୍ରଛାତ୍ରୀ, ଗବେଷକ, ତଥା ଆଧାତ୍ମିକ ଜ୍ଞାନପିପାସୁ ପାଠକଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା । ନିରାଡ଼ମ୍ବରପୂର୍ଣ୍ଣ ଏହି ପୁସ୍ତକ ଉନ୍ମୋଚନରେ ପୁସ୍ତକଦ୍ୱୟର ରଚୟିତା ପ୍ରଫେସର୍ ଡ.କରୁଣା କର ଦାସ ନିଜ ବକ୍ତବ୍ୟରେ କହିଥିଲେ ଯେ, ଦୀର୍ଘବର୍ଷ ଗବେଷଣାଲବ୍ଧ ମୋର ଉକ୍ତ ପୁସ୍ତକ ଶ୍ରୀଧରସ୍ୱାମୀଙ୍କୁ ବିଶ୍ୱ ଦରବାରରେ ପରିଚୟ କରିବାରେ ସହାୟକ ହେବ ଏବଂ ରେମୁଣାର ଗୌରବ ବୃଦ୍ଧିରେ ଏହାର ଅବଦାନକୁ ସଭିଏଁ ସ୍ୱୀକାର କରିବେ ।

# ଏପ୍ରିଲ ୨୨ସୁଦ୍ଧା ପୂରଣ ହେବ ୧୧୪୦୩ ଶିକ୍ଷକ ପଦବୀ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୧୧୪୦୩ ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିକଟରେ ଗୋଟିଏ ଦିନରେ ୬୧୩୧ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୪୬୧୯ ଜଣ ହିନ୍ଦୀ, ସଂସ୍କୃତ ଓ କ୍ରୀଡା ଶିକ୍ଷକ ପଦବୀ ପୂରଣ ନିମନ୍ତେ ଅଗଷ୍ଟ ୧୩ରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୬୭୨୦ ଜଣ ଟିଜିଟି କଳା ଶିକ୍ଷକ ଓ ତେଲୁଗୁ ଶିକ୍ଷକ ପାଇଁ ଅଗଷ୍ଟ ୨୮ ତାରିଖରେ ବିଜ୍ଞାପନ ପ୍ରକାଶିତ ହୋଇଥିଲା । ଶିକ୍ଷକତା ପାଇଁ ଆବଶ୍ୟକ ସଂଖ୍ୟକ ପ୍ରାର୍ଥୀ ମିଳୁ ନ ଥିବାରୁ ଯେପରି ଅଧିକ ସଂଖ୍ୟକ ପ୍ରାର୍ଥୀ ଅଂଶଗ୍ରହଣ କରିପାରିବେ ତାକୁ ଦୃଷ୍ଟିରେ ରଖି ପରୀକ୍ଷା ଓ ନିଯୁକ୍ତି ନିୟମାବଳୀରେ ସଂଶୋଧନ କରାଯାଇଛି। ଏହାସହିତ ବର୍ଦ୍ଧିତ ଛାତ୍ରଛାତ୍ରୀ ସଂଖ୍ୟା ଦୃଷ୍ଟିରୁ ଅଧିକ ୩୪୬୨ଟି ଶିକ୍ଷକ ପଦବୀ ମଧ ମଂଜୁର କରାଯାଇଛି। ଏବେ ଖାଲି ପଦବୀ ତଥା ନୂତନ ମଂଜୁରୀପ୍ରାପ୍ତ ପଦବୀକୁ ମିଶାଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୧୧୪୦୩ ଶିକ୍ଷକ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ଅପ୍ରେଲ ୨୦୨୨ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଦ୍ୟାଳୟ ମାନଙ୍କରେ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଲକ୍ଷ୍ୟ ରଖାଯାଇଛି ।

# ନୀଳଗିରି ସହର ମଧରେ ରାସ୍ତା ପ୍ରଶସ୍ତିକରଣ

ନୀଳଗିରି, ୨୩/୧୨ (ନି.ପ୍ର): ନୀଳଗିରି ବାଇପାସ ଠାରୁ ଦୁର୍ଗାମଣ୍ଡପ ଛକ, ଦୁର୍ଗାମଣ୍ଡପ ଛକ ଠାରୁ ନୀଳଗିରି ମେଡିକାଲ ପର୍ଯ୍ୟନ୍ତ ରାସ୍ତା ୪ଲେନ୍ ହେବାକୁ ଯାଉଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକୁ ଭଙ୍ଗାଯିବା ପାଇଁ ନୀଳଗିରି ଏନ.ଏ.ସି. ପକ୍ଷରୁ ଡାକବାଜି ମାଧମରେ ପ୍ରଚାର କରାଯାଇଥିଲା । ଏ ନେଇ ସମସ୍ତ ଦୋକାନୀଭାଇମାନେ ଏକତ୍ରିତ ହୋଇ ପ୍ରଥମେ ଆମ୍ଭମାନଙ୍କୁ ଥଇଥାନ କରାଯିବାର ବ୍ୟବସ୍ଥା କରାଯାଉ ବୋଲି ଦାବୀ ରଖିଥିଲେ। ଏହାକୁ ଦୃଷ୍ଟିରେ ରଖି ନୀଳଗିରି ପ୍ରଶାସନ ଓ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଆଜି ନୀଳଗିରିରେ ଥିବା ଉପନିବନ୍ଧକଙ୍କ କ୍ୱାଟରଟି ବହୁ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ଏହା ବ୍ୟବହାର ଉପଯୋଗୀ ହେଉ ନ ଥିଲା। ନୂତନ ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ତହସିଲଦାର ଅଶେଷ ନାୟକ, ପୂର୍ତ୍ତବିଭାଗର ଏସ.ଡି.ଓ. ପ୍ରଫୁଲ୍ଲ ଦାସ, ଏନ.ଏ.ସି.ର ବିଜୟ ଦାସ, ବିଧାୟକ ସୁକାନ୍ତ ନାୟକ ଅପରାହ୍ନରେ ଉକ୍ତ ପରିତ୍ୟକ୍ତ ଗୃହକୁ ପରିଦର୍ଶନ କରି ଉକ୍ତ ଜାଗାରେ ପକ୍କା ଘର ନିର୍ମାଣ କରାଯାଇ ଦୋକାନୀମାନଙ୍କୁ ଥଇଥାନ କରାଯିବାର ନିଷ୍ପତି ନିଆଯାଇଛି । ଏଥିପାଇଁ ସମସ୍ତ ଦୋକାନୀ ବନ୍ଧୁ ବିଧାୟକ ଓ ସ୍ଥାନୀୟପ୍ରଶାସନ ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି ।

# ବାଲିଆପାଳରେ ବନ୍ଦର ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁ ମୁହିଁ

ବାଲିଆପାଳ, ୨୩/୧୨ (ନି.ପ୍ର): ବାଲିଆପାଳରେ ପ୍ରସ୍ତାବିତ ସୂବର୍ଣ୍ଣରେଖା ବନ୍ଦରକୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁ ମୁହିଁ ହୋଇଛନ୍ତି । ଗତ ଶନିବାର ଦିନ ବିଜେଡି ନେତା ବଳରାମ ସାହୁ ବନ୍ଦର ସପକ୍ଷରେ ଏକ ରାଲି ବାହାର କରି ବନ୍ଦର କାର୍ଯ୍ୟ ତ୍ୱାରାନ୍ୱିତ କରିବାକୁ ବାଲିଆପାଳ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଆସନ୍ତା ଜାନୁଆରୀ ୧ ତାରିଖରେ ଆଉ ଏକ ରାଲି ଡଗରା ପର୍ଯ୍ୟନ୍ତ ବାହାରି ବନ୍ଦର ସପକ୍ଷରେ ଲୋକଙ୍କୁ ସଚେତନ କରାଯିବ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ଥିଲା । ତେବେ ବନ୍ଦରକୁ ବିରୋଧ କରି ଆନ୍ଦୋଳନ ଚଳାଇ ଆସୁଥିବା ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ବିଜେଡି ନେତା ବଳରାମ ସାହୁଙ୍କର ଏଭଳି ଉଦ୍ୟମକୁ ଗାନ୍ଧି ମହାତ୍ମାଙ୍କ ଅହିଂସା ମାର୍ଗରେ ତୀବ୍ର ବିରୋଧ କରାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି । କାଳିପଦା ବଜାର ଠାରେ ଅନୁଷ୍ଠିତ ଏହି ସମ୍ବାଦିକ ସମ୍ମିଳନୀରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନା କହିଥିଲେ ଯେ ବାଲିଆପାଳର ଶସ୍ୟଶ୍ୟାମଳା ବିଶାଳ ଅଂଚଳକୁ ଧ୍ୱଂସ କରି ଯେଉଁ ବନ୍ଦର ଓ ଶିଳ୍ପାୟନ ପାଇଁ ଯୋଜନା ହେଉଛି ତାକୁ ନେଇ ଲଢେଇ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି କହିଛନ୍ତି। ଯେଉଁମାନେ ସପକ୍ଷବାଦୀ ଗୋଷ୍ଠୀ ଗଠନ କରି ଲୋକଙ୍କ ଭିତରେ ବିଭେଦ ପାଇଁ ଉଦ୍ୟମ କରୁଛନ୍ତି ସେଥିରୁ ନିବୃତ ରୁହନ୍ତୁ । ନଚେତ ଲୋକେ ସେମାନଙ୍କୁ ଠିକଣା ଜବାବ ଦେବେ ବୋଲି କଡା ଚେତାବନୀ ଦେଇଛନ୍ତି। ସରକାର ବନ୍ଦ ହୋଇ ପଡିଥିବା ବାଲିଆପାଳ ସୂତାକଳ, ଝରିଆ କାଗଜ କଳ ,ବାଲିଆପାଳରେ ଝୋଟକଳ, ଚିନିକଳ ସ୍ଥାପନ କରନ୍ତୁ ଅଧିକ ଲୋକ ନିଯୁକ୍ତିପାଇବେ ବୋଲି ଶ୍ରୀ ଜେନା କହିଥିଲେ ।ତେଣୁ ବିକାଶ ନାମରେ ଶାନ୍ତିପୂର୍ଣ୍ଣ ଭାବରେ ଚାଷ ଏବଂ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରୁଥିବା ଏ ଅଂଚଳର ହଜାର ହଜାର ଲୋକଙ୍କୁ ବିସ୍ଥାପିତ କରିବାର ଉଦ୍ୟମ ହେଲେ ଲୋକେ ତାର ଉଚ୍ଚିତ ଜବାବ ଦେବେ ବୋଲି ଶ୍ରୀ ଜେନା ଆଜି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ । ତେବେ ବନ୍ଦରର ଅଂସୀଦାର ଟାଟା କମ୍ପାନି ପକ୍ଷରୁ ରେଳପଥ ଓ ସଡକ ପଥ ପାଇଁ ଜମି ଅଧିଗ୍ରହଣ ଜୋରସୋରରେ ଚାଲିଥିବା ବେଳେ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କୁ ନେଇ ବାଲିଆପାଳର ରାଜନୈତିକ ବାତାବରଣ ଦିନକୁଦିନ ଉଷ୍ମ ହେବାରେ ଲାଗିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ତୀର୍ଥ କୁମାର ନାଗ,ଅନୁଜ କୁମାର ମହାପାତ୍ର,କୁଶଧ୍ୱଜ ଜେନା ସମେତ ଭିଟାମାଟି ସୁରକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖବର କାଗଜ ହକରମାନଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନର ଶୁଭାରମ୍ଭ

ବାରିପଦା, ୨୩/୧୨ (ନି.ପ୍ର): ଓଡିଶା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତା.୨୩.୧୨.୨୦୨୧ ରିଖ ପୂର୍ବାହ୍ନରେ ଭିଡିଓ କନଫରେନ୍ସିଂ (ଭର୍ଚୁଆଲ୍) ମାଧମରେ ରାଜ୍ୟସ୍ତରରୁ ରାଜ୍ୟର ସମସ୍ତ ଜିଲ୍ଲାର ଖବର କାଗଜ ହକର ମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ପଞ୍ଜିକୃତ ଖବର କାଗଜ ହକରମାନଙ୍କ ସାମାଜିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର କୋଭିଡ ସହାୟତା ରାଶି ଟ୬୦୦୦/-ଙ୍କା ଲେଖାଏଁ ପ୍ରତ୍ୟେକ ହିତାଧରକାରୀଙ୍କ ବ୍ୟାଙ୍କ ଜମା ଖାତାକୁ ସିଧା ସଳଖ ପ୍ରଦାନ କରାଯାଇଛି । ଏତଦ୍ ବ୍ୟତିତ ସରକାରଙ୍କର ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇ ମୃତ୍ୟୁକାଳୀନ ରାଶି ୨ଲକ୍ଷ ଟଙ୍କା, ଦୁର୍ଘଟଣା ଜନିତ ସଂପୂର୍ଣ୍ଣ ଅକ୍ଷମ କ୍ଷେତ୍ରରେ ୧.୫୦ ଲକ୍ଷ ଟଙ୍କା ଏବଂ ଆଂଶିକ ଶାରୀରିକ ଅକ୍ଷମତା ପାଇଁ ୪୦ ହଜାର ଟଙ୍କା ଅନୁକମ୍ପା ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ତତ୍‌ସହିତ ହକରମାନଙ୍କ ଦୈନନ୍ଦିନ ସୁରକ୍ଷିତ ଭାବେ କାର୍ଯ୍ୟସମ୍ପାଦନ କରିପାରିବେ ସେଥିପାଇଁ ଜିଲ୍ଲା ସ୍ତରରେ ଓ୍ୱାର୍କ ସେଡ୍ ନିର୍ମାଣ କରାଯିବା ନେଇ ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ମୟୂରଭଞ୍ଜ ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ଭିଡିଓ କନଫରେନ୍ସିଂ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୟୂରଭଞ୍ଜ, ଶ୍ରୀ ବିନୀତ ଭରଦ୍ୱାଜ,ଭାପ୍ରସେ, ଜିଲ୍ଲା ଶ୍ରମ ଅଧିକାରୀ ମୟୂରଭଞ୍ଜ ଶ୍ରୀମତୀ ମୋନାଲିସା ନାୟକ, ଡିଜିଏମ୍ (ଓ୍ୱସାନ) ମୟୂରଭଞ୍ଜ ସେବତୀ କର, ଡିଆଇପିଆର୍‌ଓ ମୟୂରଭଞ୍ଜ ରବୀନ୍ଦ୍ର ନାୟକ ପ୍ରମୁଖ ସମେତ ସଂପୃକ୍ତ ବିଭାଗ ଅଧିକାରୀ ଯୋଗଦେଇ ଉପସ୍ଥିତ ଖବର କାଗଜ ହକରମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାର ସଫଳତା କାମନା କରିଥିଲେ । ଏହି ଅବସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜିଲ୍ଲାର ୨୦ଜଣ ପଞ୍ଜିକୃତ ଖବର କାଗଜ ହକର ମାନଙ୍କୁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ପରିଚୟ ପତ୍ର ବଣ୍ଟନ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଜିଲ୍ଲାରେ ୪୫୦ ଜଣ ଉର୍ଦ୍ଧ୍ୱ ଆବେଦନ କରିଥିବା ଖବର କାଗଜ ହକର ମାନଙ୍କ ନାମ ପଞ୍ଜିକୃତ କରାଯାଇଥିବାବେଳେ ପର୍ଯ୍ୟାୟ କ୍ରମେ ଅନ୍ୟସମସ୍ତ ପଞ୍ଜିକୃତ ଖବର କାଗଜ ହକର ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।




❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo